- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-104 ◆WEDNESDAY ◆07 OCTOBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୦୪ ◆ବୁଧବାର ◆୦୭ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ନେତୃତ୍ୱ ଛାଡ଼ିଲେ ହର୍‌ମନ୍‌ପ୍ରୀତ୍

▶ ଖେଳ ପୃଷ୍ଠା ଦେଖନ୍ତୁ...





| | 125 | NS 125 | N160 S/SS | NS 160 | 220 | NS 400 |
|---|---|---|---|---|---|---|
| एक्स-शोरूम कीमत | ₹95 191/- | ₹1 04 082/- | ₹1 21 988/- | ₹1 27 304/- | ₹1 42 166/- | ₹1 86 806/- |
| कैश ऑफर | ₹2 500/- | ₹2 500/- | ₹3 000/- | ₹3 000/- | ₹3 000/- | ₹5 000/- |
| PF सेविंग्स + 5 फ्री सर्विसेस | ₹3 500/- | ₹3 700/- | ₹4 500/- | ₹4 500/- | ₹4 700/- | ₹7 000/- |
| कुल बचत | ₹6 000/- | ₹6 200/- | ₹7 500/- | ₹7 500/- | ₹7 700/- | ₹12 000/- |

Flipkart amazon.in पर भी उपलब्ध*

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE

72198 21111

SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*नियम और शर्तें लागू. बचत 31 अक्टूबर 2026 तक लागू है. दर्शाई गई कुल सेविंग्स का तात्पर्य है कैश ऑफ़र से प्राप्त बचत की कुल राशि, ज़ीरो प्रोसेसिंग फ़ीस और 5 फ्री सर्विसेस (2 अतिरिक्त फ्री सर्विसेस). शून्य पीएफ़ पर सेविंग्स, फ़ायनान्सर पर निर्भर करते हुए लोकेशन्स के अनुसार बदल सकती हैं. फ़ायनान्स उपलब्ध है फ़ायनान्सर के अपने स्व-निर्णय पर. लागू होने वाले ऑफर अलग-अलग मॉडल या क्षेत्र के हिसाब से अलग-अलग हो सकते हैं. बताई गई एक्स-शोरूम कीमतें संबंधित मॉडल के बेस वैरिएंट की हैं. स्टंट्स, एक्सपर्ट्स द्वारा प्रोफ़ेशनल सुपरविज़न के तहत, आम जनता या आम रास्तों से हट कर नियंत्रित और बंद सीमित वातावरण में किए गए हैं. कृपया इन स्टंट्स की नक़ल करने का प्रयास न करें और हर समय ट्रैफ़िक तथा सुरक्षा नियमों का पालन करें.

**Authorised Dealers for Bajaj Auto Ltd.: Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781**, • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016**, • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

ସକାଳ THE SAKALA



# ୨୦୦୦ତମ ଏରୋ-ଇଞ୍ଜିନ୍ ବାୟୁସେନାକୁ ହସ୍ତାନ୍ତର

## ଶକ୍ତି ଇଞ୍ଜିନ୍ ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରତିରକ୍ଷା ମନ୍ତ୍ରୀ



ସୁନାବେଡ଼ା,୬।୧୦(ସମିସ): ପ୍ରତିରକ୍ଷା ଓ ଏରୋସ୍ପେସ୍ କ୍ଷେତ୍ରରେ ଓଡ଼ିଶାର ଭୂମିକାକୁ ଆହୁରି ମଜବୁତ କରି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍‌ର କୋରାପୁଟ ଡିଭିଜନ୍ ମଙ୍ଗଳବାର ଏକ ବଡ଼ ମାଇଲଖୁଣ୍ଟ ହାସଲ କରିଛି। ସୁନାବେଡ଼ାସ୍ଥିତ ହାଲ୍‌ର ୨୦୦୦ତମ ଏରୋ-ଇଞ୍ଜିନ୍‌କୁ ଭାରତୀୟ ବାୟୁସେନାକୁ ପ୍ରତୀକାତ୍ମକ ଭାବେ ହସ୍ତାନ୍ତର କରାଯିବା ସହ ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ଉତ୍ପାଦନ ଲାଇନ୍ ଉଦ୍‌ଘାଟିତ ହୋଇଛି। ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

୧୯୬୪ରୁ ଏରୋ-ଇଞ୍ଜିନ୍ ନିର୍ମାଣ କରିଆସୁଥିବା ହାଲ୍ କୋରାପୁଟ ଛଅ ଦଶନ୍ଧିରେ ଦେଶର ପ୍ରତିରକ୍ଷା କ୍ଷମତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି। ମିଗ୍-୨୧, ମିଗ୍-୨୭, ମିଗ୍-୨୯ ଓ ସୁଖୋଇ-୩୦ ଏମ୍‌କେଆଇ ଭଳି ଯୁଦ୍ଧବିମାନ ପାଇଁ ଇଞ୍ଜିନ୍ ନିର୍ମାଣ ସହ ୯ ହଜାରରୁ ଅଧିକ ଇଞ୍ଜିନ୍‌ର ଓଭରହଲ୍ କରିଛି ଏହି ଡିଭିଜନ୍।

ରକ୍ଷାମନ୍ତ୍ରୀ କହିଛନ୍ତି, ବିମାନର ଇଞ୍ଜିନ୍ ତାହାର ହୃଦୟ ସଦୃଶ। ତେଣୁ ଏରୋ-ଇଞ୍ଜିନ୍‌ର ଡିଜାଇନ୍, ବିକାଶ, ପରୀକ୍ଷଣ, ଉତ୍ପାଦନ ଓ ରକ୍ଷଣାବେକ୍ଷଣରେ ସ୍ୱଦେଶୀ କ୍ଷମତା ବଢ଼ାଇବା ଆତ୍ମନିର୍ଭର ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଜରୁରୀ। ଏଏଲ୍-୩୧ ଏଫ୍‌ପି ଇଞ୍ଜିନ୍‌ର ବାର୍ଷିକ ଉତ୍ପାଦନ କ୍ଷମତା ୩୦ରୁ ୫୦କୁ ବଢ଼ାଇବା ପାଇଁ ୩୩୫ କୋଟି ଟଙ୍କା ବିନିଯୋଗ ହେବ। ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ଉତ୍ପାଦନ ଲାଇନ୍ ପାଇଁ ୨୧୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଲାଇନ୍‌ରୁ ବାର୍ଷିକ ୧୦୦ଟି ପର୍ଯ୍ୟନ୍ତ ଇଞ୍ଜିନ୍ ଉତ୍ପାଦନ ହୋଇପାରିବ ଏବଂ ୨୦୨୮-୨୯ ସୁଦ୍ଧା ପୂର୍ଣ୍ଣ କ୍ଷମତାରେ ଚାଲିବ। ଧ୍ରୁବ ଓ ପ୍ରଚଣ୍ଡ ଭଳି ସ୍ୱଦେଶୀ ହେଲିକପ୍ଟର ପାଇଁ ଏହା ଇଞ୍ଜିନ୍ ଯୋଗାଇବ। ଏଥିସହ ସ୍ୱଦେଶୀ ହାଇ-ଥ୍ରଷ୍ଟ ଏରୋ-ଇଞ୍ଜିନ୍ ବିକାଶ ପାଇଁ ପ୍ରାୟ ୫,୦୦୦ କୋଟି ଟଙ୍କାର କାର୍ଯ୍ୟକ୍ରମ ଚାଲିଛି। କଞ୍ଚାମାଲର ସ୍ୱଦେଶୀକରଣ ସହ ଦେଶର ପ୍ରଥମ ସ୍ୱଦେଶୀ ହାଇ-ଥ୍ରଷ୍ଟ ଇଞ୍ଜିନ୍ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି।

କୋରାପୁଟକୁ ଏକ ବୃହତ୍ ଏରୋସ୍ପେସ୍ ପ୍ରପଲସନ୍ କେନ୍ଦ୍ରରେ ପରିଣତ କରିବାକୁ ହାଲ୍‌କୁ ରାଜନାଥ ଆହ୍ୱାନ ଦେଇଛନ୍ତି। ଏଥିପାଇଁ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, ଘରୋଇ ଶିଳ୍ପ, ବିଶ୍ୱବିଦ୍ୟାଳୟ ଓ ଗବେଷଣା ସଂସ୍ଥାକୁ ଯୋଡ଼ିବା ଉପରେ ସେ ଜୋର ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ଓଡ଼ିଶାର ଧାତୁ ଡାଉନଷ୍ଟ୍ରିମ୍, ସେମିକଣ୍ଡକ୍ଟର ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରର ବିକାଶ ପ୍ରତିରକ୍ଷା ଶିଳ୍ପ ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛି। ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ଉତ୍ପାଦନ ୟୁନିଟ୍ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ଢେଙ୍କାନାଳର ଗଜମରାରେ ଏରୋସ୍ପେସ୍ ଓ ପ୍ରତିରକ୍ଷା ଉପକରଣ ଉତ୍ପାଦନ କମ୍ପ୍ଲେକ୍ସକୁ ମଞ୍ଜୁରି ମିଳିବା ମଧ୍ୟ ଏହି ଦିଗରେ ଏକ ପଦକ୍ଷେପ। ହାଲ୍ କୋରାପୁଟ ଓ ଚାନ୍ଦିପୁରର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନର ପରୀକ୍ଷଣ କେନ୍ଦ୍ର ସହ ଓଡ଼ିଶାର ଶିଳ୍ପ ଭିତ୍ତିଭୂମି, ବନ୍ଦର, ଖଣିଜ ସମ୍ପଦ ଓ କୁଶଳୀ ମାନବସମ୍ବଳ ରାଜ୍ୟକୁ ଦେଶର ଏକ ପ୍ରମୁଖ ପ୍ରତିରକ୍ଷା ହବ୍‌ରେ ପରିଣତ କରିବାର ଭିତ୍ତି ସୃଷ୍ଟି କରୁଛି।

# ଆଜି ମଶାଲ ଶୋଭାଯାତ୍ରା; ୮ରେ ଓଡ଼ିଶା ବନ୍ଦ

**ବନ୍ଦକୁ ସଫଳ କରିବାକୁ ଇଣ୍ଡିଆ ବ୍ଲକର ପ୍ରସ୍ତୁତି**

ଭୁବନେଶ୍ୱର, ୬।୧୦(ସମିସ): ଆସନ୍ତା ୮ ଅକ୍ଟୋବରରେ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଇଣ୍ଡିଆ ବ୍ଲକ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏନେଇ ମଙ୍ଗଳବାର କଂଗ୍ରେସ ଭବନରେ ଇଣ୍ଡିଆ ବ୍ଲକର ଅଂଶୀଦାର ଦଳଗୁଡ଼ିକର ଏକ ବୈଠକ ଅନୁଷ୍ଠିତ ହୋଇ ବନ୍ଦର ଚୂଡ଼ାନ୍ତ ପ୍ରସ୍ତୁତି ଓ ରଣନୀତି ନେଇ ଆଲୋଚନା କରାଯାଇଛି। ଏଥିସହ ଆଜି ମଶାଲ ଶୋଭାଯାତ୍ରା କରାଯିବ ବୋଲି ଜଣାପଡ଼ିଛି।

ବନ୍ଦକୁ ଜିଲ୍ଲା ଓ ବ୍ଲକସ୍ତରରେ ସଫଳ କରିବା ସହ ସମସ୍ତ ଦଳ ଓ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବନ୍ଦକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବା ସହ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତିଗୁଡ଼ିକୁ ଏଥିରେ ସାମିଲ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଇଣ୍ଡିଆ ବ୍ଲକର କହିବାନୁଯାୟୀ, ରାଜ୍ୟର ଗଣତାନ୍ତ୍ରିକ ଅଧିକାର, ରାଜ୍ୟ ସ୍ୱାର୍ଥ, ଲୋକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ଦାବିରେ ବନ୍ଦ ଡକାଯାଇଛି। ଏହା ସହିତ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ସମ୍ପୂର୍ଣ୍ଣ ରଦ୍ଦ, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବରଖାସ୍ତ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତଙ୍କୁ ପର୍ଯ୍ୟାପ୍ତ ରିଲିଫ୍ ଯୋଗାଇବା ଆଦି ୪ଟି ପ୍ରମୁଖ ଦାବି ରହିଛି।

ବନ୍ଦ ସମୟରେ ବସ୍, ଟ୍ରକ୍, ଅଟୋ ସମେତ ସାଧାରଣ ପରିବହନ, ବ୍ୟବସାୟିକ ପ୍ରତିଷ୍ଠାନ, ବଜାର, ଦୋକାନ, ଅଦାଲତ ଏବଂ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାରେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଛି। ତେବେ ହସ୍ପିଟାଲ, ଆମ୍ବୁଲାନ୍ସ, ଅଗ୍ନିଶମ ସେବା, ଔଷଧ ଦୋକାନ, ଦୁଧ ଯୋଗାଣ ଭଳି ଅତ୍ୟାବଶ୍ୟକ ସେବାକୁ ବନ୍ଦରୁ ବାଦ ଦିଆଯିବ ବୋଲି କୁହାଯାଇଛି। ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ଉପସଭାପତି ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍) ଲିବରେସନ, ଫରୱାର୍ଡ ବ୍ଲକ, ଏନ୍‌ସିପି (ଶରଦ ପୱାର), ସମାଜବାଦୀ ପାର୍ଟି, ଆର୍‌ଜେଡି ଓ ଜେଏମ୍‌ଏମ୍ ସମେତ ବିଭିନ୍ନ ଦଳର ନେତାମାନେ ଯୋଗ ଦେଇଥିଲେ। ରାଜ୍ୟବାସୀଙ୍କୁ ବନ୍ଦରେ ସହଯୋଗ କରି ଗଣତାନ୍ତ୍ରିକ ପ୍ରତିବାଦକୁ ଶକ୍ତିଶାଳୀ କରିବାକୁ ଇଣ୍ଡିଆ ବ୍ଲକ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ବନ୍ତଳାରେ ଗୁଳିକାଣ୍ଡ; ଯୁବକ ମୃତ



ଅନୁଗୋଳ,୬।୧୦(ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଅନ୍ତର୍ଗତ ବନ୍ତଳା ଗାଁର ନିମ ଛକରେ ମଙ୍ଗଳବାର ଗୁଳିକାଣ୍ଡ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବନ୍ତଳା ଗାଁର ସୁଶାନ୍ତ ପ୍ରଧାନ। ସେହି ରାସ୍ତା ଦେଇ ସୁଶାନ୍ତ ଯାଉଥିବାବେଳେ କେହି ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ଼ କରି ଚାଲିଯାଇଥିଲା। ଏଥିରେ ସୁଶାନ୍ତ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଗୁଳିକାଣ୍ଡ ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗୁଳିମାଡ଼ କରିଥିବା ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ଘଟଣାସ୍ଥଳରେ ଏକ ବନ୍ଧୁକ ପଡ଼ିଥିବା ଦେଖିବାକୁ ମିଳିଛି। ଖବର ପାଇ ବନ୍ତଳା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। କିଏ ଓ କେଉଁ କାରଣରୁ ସୁଶାନ୍ତଙ୍କ ଉପରକୁ ଗୁଳି ଚଳାଇଲା, ତାହା ଖବର ଲେଖାହେବା ଯାଏଁ ସ୍ପଷ୍ଟ ହୋଇପାରିନାହିଁ। ତଦନ୍ତ ପରେ ଗୁଳିକାଣ୍ଡ ପଛର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

**ବିଜେଡି ମିଡିଆ ସେଲ୍‌ର ପ୍ରଥମ ସମନ୍ୱୟ ବୈଠକ**

# ମିଡିଆ ସେଲର କାର୍ଯ୍ୟପ୍ରଣାଳୀର ସୁଦୃଢ଼ୀକରଣ ଉପରେ ଆଲୋଚନା



ଭୁବନେଶ୍ୱର,୬।୧୦(ସମିସ): ବିଜେଡି ମିଡିଆ ସେଲ୍‌ର ପ୍ରଥମ ସମନ୍ୱୟ ବୈଠକ ଆଜି ସକାଳ ୧୦ଟା ସମୟରେ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନ ରେ ଅନୁଷ୍ଠିତ ହୋଇଛି। ବୈଠକରେ ବିଜେଡି ମିଡିଆ ସେଲ୍‌ର କାର୍ଯ୍ୟପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ଉପରେ ବ୍ୟାପକ ଚର୍ଚ୍ଚା ଆଲୋଚନା କରାଯାଇଛି। ଏହାସହ ଦଳର କାର୍ଯ୍ୟକ୍ରମ, ବିବୃତ୍ତି, ନୀତି ଓ କାର୍ଯ୍ୟକଳାପଗୁଡ଼ିକୁ କିପରି ସମସ୍ତ ଗଣମାଧ୍ୟମ ଏବଂ ଡିଜିଟାଲ ପ୍ଲାଟଫର୍ମରେ ପ୍ରଭାବଶାଳୀ ଢଙ୍ଗରେ ଓ ସର୍ବାଧିକ ପ୍ରଚାର ପ୍ରସାର ହୋଇପାରିବ, ସେନେଇ ନେତୃବୃନ୍ଦ ମତାମତ ଦେଇଥିଲେ। ଏହି ବୈଠକରେ ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଡ. ଅରୁଣ କୁମାର ସାହୁ, ଦେବେଶ ଆଚାର୍ଯ୍ୟ, ଗୌତମବୁଦ୍ଧ ଦାସ, ପ୍ରଣବ ବଳବନ୍ତରାୟ, ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ସ୍ୱୟଂପ୍ରକାଶ ମହାପାତ୍ର ଏବଂ ଅମରେଶ ପତ୍ରୀ ଯୋଗଦେଇଥିଲେ।

**ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି**

# ଅକ୍ଟୋବର ୨୬ରୁ ଆରମ୍ଭ ହେବ ଘରକୁ ଘର ସର୍ଭେ

ଭୁବନେଶ୍ୱର,୬।୧୦(ସମିସ): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ମଙ୍ଗଳବାର ରାଜ୍ୟ ନିର୍ବାଚନ ଆୟୋଗ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ନିଜ ନିଜ ମତାମତ ଓ ପରାମର୍ଶ ରଖିଛନ୍ତି।



ବୈଠକରେ ଆଗାମୀ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏହି ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ, ଅଦ୍ୟତନ ଓ ତ୍ରୁଟିଶୂନ୍ୟ କରିବା ସହ ଯୋଗ୍ୟ ଭୋଟରମାନଙ୍କ ନାମ ତାଲିକାରେ ସଠିକ ଭାବେ ସ୍ଥାନ ପାଇବା ଏବଂ ଅଯୋଗ୍ୟ, ସ୍ଥାନାନ୍ତରିତ କିମ୍ବା ମୃତ ଭୋଟରଙ୍କ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଏହି ଘରକୁ ଘର ସର୍ଭେ ପ୍ରକ୍ରିୟାରେ ସକ୍ରିୟ ଭାବେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ବିଶେଷକରି, ପ୍ରତ୍ୟେକ ରାଜନୈତିକ ଦଳ ନିଜର ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲ୍ଏ) ମାନଙ୍କୁ ରାଜ୍ୟର ସମସ୍ତ ମତଦାନ କେନ୍ଦ୍ର ଗୁଡ଼ିକରେ ନିୟୋଜିତ କରିବା ସହ ସର୍ଭେ ସମୟରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଆୟୋଗ ପକ୍ଷରୁ ଅନୁରୋଧ କରାଯାଇଛି। ସମସ୍ତ ରାଜନୈତିକ ଦଳମାନଙ୍କୁ ଅକ୍ଟୋବର ୧୫ ତାରିଖ ସୁଦ୍ଧା ବିଏଲ୍ଏଙ୍କ ତଥ୍ୟ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆର୍ଓ) ତଥା ଗ୍ରାମାଞ୍ଚଳ ପାଇଁ ବିଡିଓଙ୍କ ପାଖରେ ସହରାଞ୍ଚଳ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମହାନଗର ନିଗମ ପାଇଁ ଡେପୁଟି କମିଶନର/ଆସିଷ୍ଟାଣ୍ଟ କମିଶନରଙ୍କ ପାଖରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଇଛି।

- ତ୍ରୁଟିଶୂନ୍ୟ ଭୋଟର ତାଲିକା ଉପରେ ଆୟୋଗଙ୍କ ଗୁରୁତ୍ୱ
- ରାଜନୈତିକ ଦଳଙ୍କ ସହ ନିର୍ବାଚନ ଆୟୋଗଙ୍କ ଆଲୋଚନା

ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେବା ସହ ଘରକୁ ଘର ସର୍ଭେ ପ୍ରକ୍ରିୟାରେ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ଆଶ୍ୱାସନା ଦେଇଥିଲେ। ଏହି ବୈଠକରେ ଆୟୋଗର ସଚିବ ସନ୍ତୋଷ କୁମାର ଦାଶ, ଉପସଚିବ ଦୁର୍ଗା ଚରଣ ମୁର୍ମୁ ଓ ସମସ୍ତ ରାଜନୈତିକ ଦଳର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ।

**ପିଏମ୍‌ଜିଏସ୍‌ୱାଇରେ ବର୍ଦ୍ଧିତ ମଜୁରୀ ଭରଣା ନିୟମକୁ ନେଇ ବିବାଦ**

# ଗ୍ରାମ୍ୟ ଉନ୍ନୟନ ସଚିବଙ୍କୁ ହାଜର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୬।୧୦(ସମିସ): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଅଧୀନରେ ଶ୍ରମିକଙ୍କ ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ଠିକାଦାରଙ୍କୁ ଭରଣା କରାଯିବା ନେଇ ରହିଥିବା ସରକାରଙ୍କ ଗାଇଡଲାଇନକୁ ନେଇ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ମାମଲାରେ ସ୍ପଷ୍ଟୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଆସନ୍ତା ୧୫ତାରିଖରେ ଭର୍ଚୁଆଲ ମାଧ୍ୟମରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଡ.ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଅମିତା ଚୌଧୁରୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗତ ୨୦୧୭ ମାର୍ଚ୍ଚଠାରେ ଜାରି ହୋଇଥିବା ବିଭାଗୀୟ ଗାଇଡଲାଇନ ଅନୁଯାୟୀ ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ଭରଣା ପାଇଁ ଠିକାଦାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଣିବାକୁ ପଡ଼ିବ। ଗାଇଡଲାଇନର ଧାରା ୧୦ ଅନୁସାରେ କେବଳ ସେହି କ୍ଷେତ୍ର ଗୁଡ଼ିକରେ ବର୍ଦ୍ଧିତ ମଜୁରୀ ଭରଣା କଥା ବିଚାର କରାଯିବ, ଯେଉଁଥିରେ ହାଇକୋର୍ଟ ଆଦେଶ ପାରିତ କରିଥିବେ। ଠିକାଦାରଙ୍କୁ ସେମାନଙ୍କର ପ୍ରାପ୍ୟ ପାଇବା ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ବାଧ୍ୟ କରୁଥିବା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ନିୟମାବଳୀ (ଗାଇଡଲାଇନ) କୁ ନେଇ ହାଇକୋର୍ଟ ମଧ୍ୟ ପୂର୍ବରୁ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଠିକାଦାର ପିଏମଜିଏସୱାଇ ଯୋଜନା ଅଧୀନରେ କିଛି ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ। ପରବର୍ତ୍ତୀ ସମୟରେ ସରକାର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି କରିବା ପରେ ସେହି ଅନୁସାରେ ବର୍ଦ୍ଧିତ ଅର୍ଥରାଶି ଭରଣା କରିବା ପାଇଁ ସେ ୨୦୨୫ ଏପ୍ରିଲ ୧୫ରେ ଏକ ଆବେଦନ କରିଥିଲେ। ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୨୦୧୭ର ଏକ ଗାଇଡଲାଇନ ଆଧାରରେ ତାଙ୍କର ଆବେଦନକୁ ଖାରଜ କରିଦିଆଯାଇଥିଲା। ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଏହି ନିୟମାବଳୀ ସମ୍ପର୍କରେ ସ୍ପଷ୍ଟୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଭର୍ଚୁଆଲ ମାଧ୍ୟମରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୧୫କୁ ଧାର୍ଯ୍ୟ କରାଯାଇଛି।

## ଓଲଟ ପାଲଟ



ସଂଶୋଧନ ବହି ବଣ୍ଟା ହେଉ ହେଉ
ହୋଇଗଲା ଅକ୍ଟୋବର,
ସେପ୍ଟେମ୍ବର ମାସ ପରୀକ୍ଷା ନୋହିଲା
ଅବହେଳା ଗୁରୁତର।
କେଉଁଠାରେ ସ୍କୁଲ ଘର ଖଣ୍ଡେ ନାହିଁ
ନାହାନ୍ତି କାହିଁ ଶିକ୍ଷକ,
ପାଞ୍ଚ ଶ୍ରେଣୀକୁ ଦୁଇ ଶିକ୍ଷକ
ଢିଲା ଏଠି ଅଖ ଚକ।
ଅବସର ପ୍ରାପ୍ତ ଶିକ୍ଷକଙ୍କୁ ନେଇ
କରି ଥିଲେ ଯେଉଁ ନାଟ,
ଶିକ୍ଷିତ ଯୁବକ ନିଯୁକ୍ତି ଦେଲନି
ବାଜିଲା ଆଇନ ଛାଟ॥
ଯାଯାବର

**ଚାମେଲି ମାମଲାରେ ଏନ୍‌ଏଚ୍‌ଆର୍‌ସି ତଦନ୍ତ**

# ପୂର୍ବତନ ଆଇଆଇସି, ବିଡିଓଙ୍କ ସମେତ ୫ ଜଣଙ୍କୁ ଜେରା

କେନ୍ଦ୍ରାପଡ଼ା/ମହାକାଳପଡ଼ା,୬।୧୦(ସମିସ): ମହାକାଳପଡ଼ା ବ୍ଲକ୍ ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗ ମାମଲାରେ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆର୍‌ସି) ର ତଦନ୍ତ ଆରମ୍ଭ ହୋଇଛି। କମିସନ୍‌ଙ୍କ ପକ୍ଷରୁ ନିଯୁକ୍ତ ତିନିଜଣିଆ ତଦନ୍ତକାରୀ ଦଳ ମଙ୍ଗଳବାର ମହାକାଳପଡ଼ା ଥାନା, ବ୍ଲକ୍ କାର୍ଯ୍ୟାଳୟ ଓ ତିଖିରୀସ୍ଥ ଚାମେଲିଙ୍କ ବାସଭବନରେ ପହଞ୍ଚି ଘଟଣା ସମ୍ପର୍କରେ ବିଭିନ୍ନ ପକ୍ଷଙ୍କୁ ପଚରାଉଚରା କରିଛନ୍ତି। ତଦନ୍ତକାରୀ ଦଳ ପ୍ରଥମେ ମହାକାଳପଡ଼ା ଥାନାରେ ପହଞ୍ଚି ଘଟଣା ସମୟରେ ଦାୟିତ୍ୱରେ ଥିବା ତତ୍କାଳୀନ ଆଇଆଇସି ମାନସ ମଲ୍ଲିକ, ଏସ୍‌ଆଇ ପ୍ରଭାସିନୀ ବିଶ୍ୱାଳ ଓ ଦୁଇ ଏଏସ୍‌ଆଇଙ୍କୁ ଜେରା କରିଥିଲେ। ପରେ ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ପଚରାଉଚରା କରାଯାଇଥିଲା। ପ୍ରାୟ ସାଢ଼େ ୪ଟା ପର୍ଯ୍ୟନ୍ତ ଥାନାରେ ତଦନ୍ତ ଚାଲିଥିବା ଜଣାପଡ଼ିଛି।



ଗତ ଜୁନ୍ ୧୧ ତାରିଖରେ ତିଖିରୀ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ଆଲୋଚନା ପାଇଁ ଚାମେଲି ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବିଡିଓଙ୍କ ଉପସ୍ଥିତିରେ ତାଙ୍କୁ ଦୁର୍ବ୍ୟବହାର ଓ ଅଶାଳୀନ ଭାଷାରେ ଗାଳିଗୁଲଜ କରାଯାଇଥିବା ସେ ଅଭିଯୋଗ କରିଥିଲେ। ପରେ ପୁଲିସ ତାଙ୍କୁ ବିନା ଏତଲାରେ ଥାନାକୁ ନେବା ସମୟରେ ଗାଡ଼ି ଭିତରେ ମାରପିଟ୍ ଓ ନିର୍ଯାତନା ଦେଇଥିବା ମଧ୍ୟ ଚାମେଲି ଅଭିଯୋଗରେ ଦର୍ଶାଇଥିଲେ। ଘଟଣାକୁ ନେଇ ମହାକାଳପଡ଼ା ଥାନାରେ ୧୭୦, ୧୭୧ ଓ ୧୭୨ ନମ୍ବରରେ ତିନୋଟି ପୃଥକ ମାମଲା ରୁଜୁ ହୋଇଥିଲା। ଚାମେଲିଙ୍କ ଅଭିଯୋଗ ଆଧାରରେ ୭ରୁ ଅଧିକ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ତତ୍କାଳୀନ ଆଇଆଇସି ଓ ବିଡିଓଙ୍କ ନାମ ମାମଲାରୁ ବାଦ ଦିଆଯାଇଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା।

ଏହି ଘଟଣାକୁ ନେଇ ସାମାଜିକ କର୍ମୀ ମନୋଜ ଜେନାଙ୍କ ପକ୍ଷରୁ ଜୁନ୍ ୧୬ ତାରିଖରେ ଜାତୀୟ ମାନବାଧିକାର କମିସନ୍‌ଙ୍କ ନିକଟରେ ଅଭିଯୋଗ ଦାଖଲ ହୋଇଥିଲା। ମାମଲାକୁ ଗୁରୁତର ସହ ନେଇ କମିସନ ଘଟଣାର ତଦନ୍ତ ପାଇଁ ଏସ୍‌ପି ଇଶାମ ସିଂହ, ଗଗୁନ୍ ରାମ ଓ ଶଶୀବାଳା ଶର୍ମାଙ୍କୁ ନେଇ ତିନିଜଣିଆ କମିଟି ଗଠନ କରିଥିବା ସୂଚନା ମିଳିଛି। ତଦନ୍ତକାରୀ ଦଳ ମହାକାଳପଡ଼ାରେ ପହଞ୍ଚିବା ପରେ ଅତିରିକ୍ତ ଏସ୍‌ପି ସୁଧାକର ସାହୁ ଓ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ଙ୍କ ସହଯୋଗରେ ତଦନ୍ତ ଆଗକୁ ବଢ଼ାଇଥିଲେ। ଥାନା ଓ ବ୍ଲକ୍ କାର୍ଯ୍ୟାଳୟରେ ପଚରାଉଚରା ପରେ ତଦନ୍ତକାରୀ ଦଳ ତିଖିରୀ ଯାଇ ଅଭିଯୋଗକାରିଣୀ ଚାମେଲି ଓଝାଙ୍କ ବୟାନ ରେକର୍ଡ କରିଥିଲେ। ଏଥିସହିତ ତାଙ୍କ ବାପା, ମା' ଓ ଭାଇଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ଚାମେଲି କହିଛନ୍ତି, ତଦନ୍ତକାରୀ ଦଳ ମାମଲା ସମ୍ପର୍କରେ ଯାହା ପଚାରିଛନ୍ତି, ସେ ସବୁ ତଥ୍ୟ ଦେଇଛନ୍ତି। ଜୁନ୍ ୧୧ ତାରିଖର ଘଟଣା ପରଠାରୁ ନିଜ ପ୍ରତି ହୋଇଥିବା କଥିତ ମାନସିକ ଓ ଶାରୀରିକ ନିର୍ଯାତନା ସମ୍ପର୍କରେ ମଧ୍ୟ ସେ ତଦନ୍ତକାରୀଙ୍କୁ ଜଣାଇଛନ୍ତି। ତାଙ୍କ ପରିବାର ସଦସ୍ୟଙ୍କ ବୟାନ ମଧ୍ୟ ରେକର୍ଡ ହୋଇଥିବା ସେ କହିଛନ୍ତି।

**ଶିମିଳିପାଳ ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ହୋଟେଲ ନିର୍ମାଣ ମାମଲା**

# ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ବାରିପଦା ବନଖଣ୍ଡ ଅଧିକାରୀଙ୍କୁ ଜାତୀୟ ସବୁଜ ପ୍ରାଧିକରଣଙ୍କ ଚେତାବନୀ

ବାରିପଦା, ୬।୧୦(ସମିସ): ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟର ପରିବେଶ ସମ୍ବେଦନଶୀଳ ଅଞ୍ଚଳ ତଥା ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୋଷିଠାରେ ପ୍ରସ୍ତାବିତ ବିବାଦୀୟ ହୋଟେଲ ତଥା ରିସର୍ଟ ପ୍ରକଳ୍ପ ମାମଲାରେ ଜାତୀୟ ସବୁଜ ପ୍ରାଧିକରଣ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କୋଲକାତାସ୍ଥ ପ୍ରାଧିକରଣର ପୂର୍ବାଞ୍ଚଳ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ବାରିପଦା ବନଖଣ୍ଡ ଅଧିକାରୀଙ୍କୁ ଅତିରିକ୍ତ ତଥା ସଂଶୋଧିତ ଜବାବ ଦାଖଲ ପାଇଁ ଶେଷ ସୁଯୋଗ ପ୍ରଦାନ କରିଛନ୍ତି। ପୂର୍ବରୁ ପ୍ରାଧିକରଣ ପକ୍ଷରୁ ସମୟ ଦିଆଯାଇଥିଲେ ମଧ୍ୟ ରାଜ୍ୟ ସରକାର ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ଦାଖଲ କରିବାରେ ବିଫଳ ହୋଇଥିଲେ। ଏଥିପାଇଁ ପ୍ରାଧିକରଣ ଅସନ୍ତୋଷ ପ୍ରକାଶ କରିବା ସହ ସ୍ପଷ୍ଟ କରିଛନ୍ତି ଯେ, ଏଥର ମଧ୍ୟ ନିର୍ଦ୍ଦେଶ ପାଳନ ନ ହେଲେ ଉଭୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ସଶରୀର କିମ୍ବା ଆଭାସୀ ମାଧ୍ୟମରେ ହାଜର ହୋଇ ନିଜର ପକ୍ଷ ରଖିବାକୁ ପଡ଼ିବ।




ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆକାଶ ଶର୍ମା ଏହି ମାମଲା ପରିଚାଳନା କରୁଥିବାବେଳେ ଲକ୍ଷ୍ମୀପୋଷି ଅଞ୍ଚଳର ପ୍ରାୟ ୯୩ ଏକରରୁ ଊର୍ଦ୍ଧ୍ୱ ଜମିରେ ପ୍ରସ୍ତାବିତ ଏହି ପ୍ରକଳ୍ପ ଉପରେ ପୂର୍ବରୁ ହିଁ ସ୍ଥିତାବସ୍ଥା ଜାରି ରହିଛି। ପ୍ରାଧିକରଣଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଇଡ୍‌କୋ, ଇପିକଲ ଓ ହୋଟେଲ ସୋନାର ବାଂଲା କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ କରିପାରିବେନାହିଁ। ଏହି ସ୍ଥାନରେ ଯେପରି କୌଣସି ନିର୍ମାଣ କାର୍ଯ୍ୟ ନ ହୁଏ, ତାହା ନିଶ୍ଚିତ କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି।

**ଆଉ ପାଦେ ଆଗକୁ ବଢ଼ିଲା ପୁରୀ ବିମାନବନ୍ଦର ପ୍ରକଳ୍ପ**

# ମିଳିଲା ସିଆର୍‌ଜେଡ୍ ଅନୁମତି

**୧୧୬୪.୭୫୪ ଏକର ଜମିରେ ହେବ ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ**

ପୁରୀ,୬।୧୦(ସମିସ): ଆକାଶପଥରେ ପୁରୀକୁ ଯୋଡ଼ିବାର ସ୍ୱପ୍ନ ଏବେ ଧୀରେଧୀରେ ବାସ୍ତବ ରୂପ ନେବାକୁ ଯାଉଛି। ବହୁ ପ୍ରତୀକ୍ଷିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପାଇଁ ସିଆର୍‌ଜେଡ୍ (କୋଷ୍ଟାଲ ରେଗୁଲେସନ ଜୋନ୍) କ୍ଲିୟରାନ୍ସ ମିଳିଛି। ଏହାକୁ ପ୍ରକଳ୍ପର ଅନୁମୋଦନ ପ୍ରକ୍ରିୟାରେ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ଏହା ପରେ ବିମାନବନ୍ଦର ନିର୍ମାଣ ଆଗକୁ ବଢ଼ିବା ନେଇ ଆଶା ବଢ଼ିଛି।

୨୦୨୧ ମସିହାରୁ ପ୍ରସ୍ତାବିତ ଏହି ବିମାନବନ୍ଦରକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଜଙ୍ଗଲ ଓ ପରିବେଶ ସମ୍ବନ୍ଧୀୟ ଅନୁମତି ସମେତ ବିଭିନ୍ନ କାରଣରୁ ପ୍ରକଳ୍ପ ଅନେକ ସମୟରେ ବାଧା ସାମ୍ନା କରିଥିଲା। ଗତ ଏପ୍ରିଲରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଜଙ୍ଗଲ ଜମି ବ୍ୟବହାର ନେଇ ଷ୍ଟେଜ୍-୧ ନୀତିଗତ ଅନୁମୋଦନ ମିଳିଥିଲା। ଏବେ ସିଆର୍‌ଜେଡ୍ ଅନୁମତି ମିଳିବା ପରେ ପ୍ରକଳ୍ପକୁ ନେଇ ଆହୁରି ଏକ ବଡ଼ ପ୍ରତିବନ୍ଧକ ଦୂର ହୋଇଛି। ପ୍ରସ୍ତାବିତ ବିମାନବନ୍ଦର ପାଇଁ ମୋଟ୍ ୧୧୬୪.୭୫୪ ଏକର ଜମି ଆବଶ୍ୟକ ହେଉଥିବାବେଳେ ଏଥିରୁ ୬୮ ଏକର ଜଙ୍ଗଲ ଜମି ରହିଛି। ୧୨୧.୮୯୧ ଏକର ଘରୋଇ ଜମି ଅଧିଗ୍ରହଣ କରାଯାଇଛି। ସମଗ୍ର ପ୍ରକଳ୍ପ ପାଇଁ ପ୍ରାୟ ୫,୬୩୧ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ପୂର୍ବ ସରକାର ସମୟରେ ବିମାନବନ୍ଦର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଇତିମଧ୍ୟରେ ବାଉଣ୍ଡାରୀ ନିର୍ମାଣ କାର୍ଯ୍ୟ ସରିଛି।

ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବିମାନବନ୍ଦର ପାଇଁ ଯେଉଁ କିଛି ଜଙ୍ଗଲ ଜମି ସମସ୍ୟା ରହିଥିଲା, ତାହା ଏବେ କ୍ଲିୟର ହୋଇଯାଇଛି। ଚୂଡ଼ାନ୍ତ କ୍ଲିୟରାନ୍ସ ପାଇଁ ଅପେକ୍ଷା ଅଛି। ସିଆର୍‌ଜେଡ୍ କ୍ଲିୟରାନ୍ସ ମିଳିଥିବାରୁ ପ୍ରକଳ୍ପ ଆଗକୁ ବଢ଼ିବାର ରାସ୍ତା ସୁଗମ ହୋଇଛି। ବିଧିବଦ୍ଧ ଭାବେ ନିର୍ମାଣ କାର୍ଯ୍ୟ କିପରି ଆଗେଇବ, ସେ ନେଇ ବିମାନ ଚଳାଚଳ ଓ ବାଣିଜ୍ୟ ପରିବହନ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ବିମାନ ଚଳାଚଳ ଓ ବାଣିଜ୍ୟ ପରିବହନ ବିଭାଗର ଆବଶ୍ୟକ ଅନୁମତି ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଆଶା କରାଯାଉଛି। ସିଆର୍‌ଜେଡ୍ ଅନୁମତି ମିଳିବା ପରେ ଏବେ ବିମାନବନ୍ଦର ନିର୍ମାଣ ଶେଷ କରି ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ବିମାନବନ୍ଦର କାର୍ଯ୍ୟକ୍ଷମ ହେଲେ ପୁରୀର ପର୍ଯ୍ୟଟନ, ବାଣିଜ୍ୟ ଓ ଅର୍ଥନୈତିକ କାର୍ଯ୍ୟକଳାପକୁ ନୂଆ ଗତି ମିଳିବ ବୋଲି ଆଶା କରାଯାଉଛି।

ସୂଚନାଥାଉ କି, ୨୦୨୧ ଜାନୁଆରୀ ୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଥିଲେ। ପ୍ରସ୍ତାବିତ ବିମାନବନ୍ଦରର ନାମ 'ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର' ରଖିବାକୁ ସେ ପ୍ରସ୍ତାବ ଦେଇଥିଲେ। ପୁରୀ ଚାରିଧାମ ମଧ୍ୟରୁ ଅନ୍ୟତମ ହୋଇଥିବା ସହ ଏଠାରେ ଶ୍ରୀମନ୍ଦିର, ବିସ୍ତୃତ ବେଳାଭୂମି, ବ୍ଲୁ ଫ୍ଲାଗ୍ ବିଚ୍ ଏବଂ ନିକଟବର୍ତ୍ତୀ କୋଣାର୍କ ସୂର୍ଯ୍ୟମନ୍ଦିର, ଚିଲିକା ଭଳି ପର୍ଯ୍ୟଟନସ୍ଥଳ ରହିଛି। ପ୍ରତିଦିନ ଦେଶ ବିଦେଶରୁ ବହୁ ସଂଖ୍ୟକ ପର୍ଯ୍ୟଟକ ଓ ଯାତ୍ରୀ ପୁରୀ ଆସୁଥିବାରୁ ଏଠାରେ ଅନ୍ତର୍ଜାତୀୟ ବିମାନବନ୍ଦରର ଆବଶ୍ୟକତା ରହିଥିବା ନେଇ ସେ ଚିଠିରେ ଦର୍ଶାଇଥିଲେ। ଏହାଛଡ଼ା ପ୍ରସ୍ତାବିତ କୋଷ୍ଟାଲ ହାଇୱେ ପୁରୀ, କୋଣାର୍କ ଓ ପାରାଦୀପ ଦେଇ ଯିବାର ଯୋଜନା ରହିଛି। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ଭାବେ ବିକଶିତ କରିବା ଲାଗି ପରିକଳ୍ପନା ଥିବାରୁ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ଆଗମନ ଆହୁରି ବଢ଼ିବା ଆଶା କରାଯାଉଛି। ଏପରିସ୍ଥିତିରେ ଶ୍ରୀଜଗନ୍ନାଥଙ୍କ ନାମରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ପୁରୀର ପର୍ଯ୍ୟଟନ ଓ ଆର୍ଥିକ ବିକାଶକୁ ନୂଆ ଦିଗ ଦେବ ବୋଲି ଆଶା ପ୍ରକାଶ ପାଉଛି।



# ପଦାର୍ଥ ବିଜ୍ଞାନରେ ଫ୍ରାନ୍ସିସଙ୍କୁ ନୋବେଲ

ଷ୍ଟକହୋମ୍,୬।୧୦(ଏଜେନ୍ସି): ବେଲଜିୟମର ପଦାର୍ଥ ବିଜ୍ଞାନୀ ଫ୍ରାନ୍ସିସ ହାଲଜେନଙ୍କୁ ୨୦୨୬ ପାଇଁ ପଦାର୍ଥ ବିଜ୍ଞାନ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଛି। ଆଇସକ୍ୟୁବ୍ ନିଉଟ୍ରିନୋ ଅବଜରଭେଟରୀ ନିର୍ମାଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ମହାକାଶରୁ ଆସୁଥିବା ଉଚ୍ଚ ଶକ୍ତିସମ୍ପନ୍ନ ନିଉଟ୍ରିନୋର ଆବିଷ୍କାର ପାଇଁ ରୋୟାଲ ସ୍ୱିଡିସ ଏକାଡେମୀ ଅଫ ସାଇନ୍‌ସେସ ପକ୍ଷରୁ ଏହି ପୁରସ୍କାର ଘୋଷଣା କରାଯାଇଛି। ନିଉଟ୍ରିନୋ ହେଉଛି ସୂର୍ଯ୍ୟ, ତାରା ଏବଂ ମହାକାଶର ଅତ୍ୟନ୍ତ ଶକ୍ତିଶାଳୀ ଘଟଣାଗୁଡ଼ିକରୁ ସୃଷ୍ଟି ହେଉଥିବା ସୂକ୍ଷ୍ମ କଣିକା। ଏଗୁଡ଼ିକ ଅନ୍ୟ ପଦାର୍ଥ ଦେଇ ସହଜରେ ପାର୍ ହୋଇଯାଉଥିବାରୁ ଏହାଙ୍କୁ ଚିହ୍ନଟ କରିବା ଅତ୍ୟନ୍ତ କଠିନ। ଏହି ସମସ୍ୟାର ସମାଧାନ ପାଇଁ ୧୯୮୮ ମସିହାରେ ଫ୍ରାନ୍ସିସ ହାଲଜେନ ଦକ୍ଷିଣ ମେରୁର ବରଫକୁ ବ୍ୟବହାର କରି ନିଉଟ୍ରିନୋ ଚିହ୍ନଟ କରିବାର ପ୍ରସ୍ତାବ ଦେଇଥିଲେ।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 44 ◆ISSUE-104 ◆WEDNESDAY ◆07 OCTOBER 2026 ◆PAGE-12 ◆₹ 7.00
◆ବର୍ଷ-୪୪ ◆ସଂଖ୍ୟା-୧୦୪ ◆ବୁଧବାର ◆୦୭ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ସିଇସି ଜ୍ଞାନେଶଙ୍କ ଇସ୍ତଫା ଦାବି

# ସଂସଦରୁ ସଡ଼କ

## ଦିଲ୍ଲୀରେ ୨୦ ଦଳର ୩୦୦ ସାଂସଦଙ୍କ ପଦଯାତ୍ରା

■ ନୂଆଦିଲ୍ଲୀ, ୬।୧୦: ଏସଆଇଆର ଜରିଆରେ ୧୩ କୋଟି ଭୋଟରଙ୍କ ନାମ କାଟି 'ଭୋଟ ଚୋରି' ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଚାଲିଥିବା ଆନ୍ଦୋଳନକୁ ତୀବ୍ର କରିବାକୁ ଯାଇ ରାସ୍ତାକୁ ଓହ୍ଲାଇଛି ଇଣ୍ଡିଆ ମେଣ୍ଟ। ଆଜି ମେଣ୍ଟର ନେତାମା ।।ନେ ସେମାନଙ୍କର ହଜାର ହଜାର ସମର୍ଥକଙ୍କ ସହିତ

■ ଆକାଶବାଣୀ ଭବନରେ ରାହୁଲ, ପ୍ରିୟଙ୍କାଙ୍କ ଧାରଣା
■ ଅଖିଳେଶ, ଅଭିଷେକଙ୍କୁ ଅଟକ ରଖିଲା ପୁଲିସ

ଦିଲ୍ଲୀରେ ମିଳିତ ହୋଇ ଜ୍ଞାନେଶ କୁମାରଙ୍କ ବିରୋଧରେ ଗର୍ଜନ କରିଛନ୍ତି। ଜ୍ଞାନେଶଙ୍କ ଦିନ ସରୁଛି, ତାଙ୍କୁ ଇସ୍ତଫା ଦେବାକୁ ପଡ଼ିବ। ଏଭଳି ଗର୍ଜନ ସହ ସଂସଦ ଭବନରୁ ବାହାରି ଏହି ପଦଯାତ୍ରା ନିର୍ବାଚନ କମିସନ ଅଫିସ ଆଡ଼କୁ ଅଗ୍ରସର ହେଉଥିବା ବେଳେ ରାସ୍ତାରେ ନେତାମାନଙ୍କୁ ଅଟକାଇଥିଲା ପୁଲିସ। ତେବେ ପୁଲିସକୁ ଚକମା ଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ନିକଟବର୍ତ୍ତୀ



ଆକାଶବାଣୀ ଭବନକୁ ଯାଇ ସେଠାରେ ଧାରଣା ଦେବାପରେ ପୁଲିସ ପ୍ରଶାସନ ପାଇଁ ମୁଣ୍ଡବ୍ୟଥା ବଢ଼ିଯାଇଥିଲା। ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ଦୁଇ ଜଣ କମିସନରଙ୍କୁ ଭେଟିବା ଜିଦରେ ସେମାନେ ସେଠାରେ ଧାରଣା ଦେଇଥିଲେ। ଧାରଣା ଦେବାର ୮ ଘଣ୍ଟା ପରେ ପୁଲିସ ସେମାନଙ୍କୁ ଉଠାଇନେଇ ଅଟକ ରଖିଛି।

ଜ୍ଞାନେଶ କୁମାରଙ୍କ ଇସ୍ତଫା/ବହିଷ୍କାର ଦାବିରେ ଇଣ୍ଡିଆ ମେଣ୍ଟର ନେତାମାନେ ଆଜି ପଦଯାତ୍ରା କରିବେ ବୋଲି ପୂର୍ବରୁ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିବାରୁ ରାଜଧାନୀ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ସଂସଦ ଭବନ ସାମନାରେ ମେଣ୍ଟର ନେତା ଓ ସାଂସଦ ଏକତ୍ରିତ ହୋଇ ପଦଯାତ୍ରା ଆରମ୍ଭ କରିଥିଲେ। ଏହି ପଦଯାତ୍ରା ଯେତେ ଆଗକୁ ବଢ଼ୁଥିଲା, ଏଥିରେ ହଜାର ହଜାର ଲୋକ ସାମିଲ ହେବାକୁ ଲାଗିଥିଲା। କିଛି ସମୟ ମଧ୍ୟରେ ଏହା ଜନସମୁଦ୍ରରେ ପରିଣତ ହୋଇଥିଲା। ପଦଯାତ୍ରାରେ କଂଗ୍ରେସ ସମେତ ଟିଏମସି, ସମାଜବାଦୀ ପାର୍ଟି, ଆରଜେଡି, ଜେଏମଏମ, ଉଦ୍ଧବ ସେନା, ଶରଦ ଏନସିପି, ବାମପନ୍ଥୀ ଦଳ, ନେସନାଲ କନଫେ ।।ରେନ୍ସ ଓ ବିଜେଡି ସମେତ ଅନ୍ୟ ବିରୋଧୀ ଦଳର ନେତା ଏବଂ ମେଣ୍ଟର ୩୦୦ ସାଂସଦ ସାମିଲ ହୋଇଥିଲେ। ପଦଯାତ୍ରା ବେଳେ କେନ୍ଦ୍ର ସରକାର ଏବଂ ଜ୍ଞାନେଶ କୁମାର ବିରୋଧୀ ସ୍ଲୋଗାନରେ କମ୍ପିଥିଲା ରାଜଧାନୀ। ନେତାମାନେ ଆରଏସଏସ୍ ବେଶରେ ଜ୍ଞାନେଶ କୁମାରଙ୍କ ଏକ କଟଆଉଟ୍ ଧରିବା ସହିତ 'ବିଜେପି ହେଁ, ସିଇସି ହେଁ', 'ଭୋଟ୍ ଚୋର, ଗଦି ଛୋଡ଼' ଏବଂ 'ଡେମୋକ୍ରାସି ନଟ୍ ଫର ସେଲ୍' ଭଳି ସ୍ଲୋଗାନ ଦେଉଥିଲେ।

ଜ୍ଞାନେଶଙ୍କ ଇସ୍ତଫା ଦାବିରେ ▶ପୃଷ୍ଠା-୭

## ଏସ୍‌ଆଇଆର୍ ବିରୋଧୀ ପଦଯାତ୍ରାରେ ସାମିଲ ହେଲା ବିଜେଡି

# ସିଇସିଙ୍କ ଇସ୍ତଫା ପର୍ଯ୍ୟନ୍ତ ଆନ୍ଦୋଳନ

■ ଭୁବନେଶ୍ୱର,୬।୧୦(ସମିସ): ଏସ୍‌ଆଇଆର ପ୍ରସଙ୍ଗରେ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ମଙ୍ଗଳବାର ବିରୋଧୀଦଳଗୁଡ଼ିକ ପକ୍ଷରୁ ବିରୋଧ ପଦଯାତ୍ରାରେ ସାମିଲ ହୋଇଛି ବିଜେଡି। ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ



ନିର୍ଦ୍ଦେଶକ୍ରମେ ଦଳର ରାଜ୍ୟସଭାରେ ସଂସଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜ, ମୁଖ୍ୟ ସଚେତକ ସୁଲତା ଦେଓ ଏବଂ ପୂର୍ବତନ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ ଏଥିରେ ସାମିଲ ହୋଇଛନ୍ତି। ଯେତେପର୍ଯ୍ୟନ୍ତ ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ପଦବୀରୁ ହଟାଯାଇ ନାହିଁ, ଆମର ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ମଙ୍ଗରାଜ ସ୍ପଷ୍ଟ କରିଛନ୍ତି।

## କୌଣସି ମେଣ୍ଟରେ ବିଜେଡି ସାମିଲ ନାହିଁ: ମାନସ

ସେ କହିଛନ୍ତି ଯେ ଏସ୍‌ଆଇଆର୍‌ରେ ଯାବତୀୟ ଅନିୟମିତା ଧରା ପଡ଼ିବା ପରେ ଜ୍ଞାନେଶ କୁମାର ସିଇସି ପଦରେ ରହିବାର ନୈତିକତା ହରାଇ ସାରିଛନ୍ତି। ତାଙ୍କର ଇସ୍ତଫା ବା ବହିଷ୍କାର ଆମର ଦାବି । ଏକ ଦାୟିତ୍ୱସମ୍ପନ୍ନ ଆଞ୍ଚଳିକ ଦଳ ଭାବରେ ଆମର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରତିବାଦ ପଦଯାତ୍ରାରେ ଯୋଗଦେଇଛୁ। ଆମେ ଏନଡିଏ କିମ୍ବା ଏନଡିଏ ମେଣ୍ଟରେ ନ ଥିଲେ ହେଁ ବିରୋଧୀ ଦଳରେ ରହିଛୁ ଓ ପଦଯାତ୍ରାରେ ଅଂଶଗ୍ରହଣ କରିଛୁ। ଏସଆଇଆର ପ୍ରକ୍ରିୟାରେ ସାରା ଦେଶରେ ୧୩ କୋଟିରୁ ଉର୍ଦ୍ଧ୍ୱ ଏବଂ ଓଡ଼ିଶାରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ କାଟି ଦିଆଯାଇଛି। ଅତ୍ୟନ୍ତ ତଞ୍ଚକତା କରି ଏହି ଭୋଟରମାନଙ୍କ

▶ପୃଷ୍ଠା-୭

# ଅଶିଣରେ ବୈଶାଖ ଭ୍ରମ

■ ଭୁବନେଶ୍ୱର, ୬।୧୦ (ସମିସ): ମୌସୁମୀ ଅପସାରଣ ପ୍ରକ୍ରିୟା ଜାରି ରହିଥିବା ବେଳେ ନିର୍ମଳ ଆକାଶ ଯୋଗୁଁ ରାଜ୍ୟରେ ଦିନ ତାପମାତ୍ରା ବଢ଼ିଚାଲିଛି। ଅଶିଣରେ ଅନୁଭୂତ ହେଉଛି ବୈଶାଖ ପରି ତାତି। ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ୩୫ ଡିଗ୍ରୀ ଉପରେ ରହିଛି। ପୁରୀରେ ସୋମବାର ୩୬.୬ ଡିଗ୍ରୀ ତାପମାତ୍ରା ଦୀର୍ଘ ୧୩୦ ବର୍ଷର ରେକର୍ଡ଼ ଭାଙ୍ଗିଛି। ଏହିକ୍ରମରେ ମଙ୍ଗଳବାର ମଧ୍ୟ ତାତିରୁ ଆଶ୍ୱସ୍ତି ମିଳିନାହିଁ। ପୁରୀରେ ୩୬.୬ ଡିଗ୍ରୀ, ଭୁବନେଶ୍ୱରରେ ୩୫.୮, ଚାନ୍ଦବାଲିରେ ୩୫.୮, ବାଲେଶ୍ୱର ଓ ଗୋପାଳପୁରରେ ୩୫.୨ ଏବଂ କଟକରେ ୩୪.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅନେକ ସ୍ଥାନରେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ପ୍ରାୟ ୪ ଡିଗ୍ରୀ ଅଧିକ।

ଅନ୍ୟପକ୍ଷରେ ତାତି ସାଙ୍ଗକୁ ରାଜ୍ୟର କେତେକ ଅଞ୍ଚଳରେ ବର୍ଷା ମଧ୍ୟ ହୋଇଛି। ଓଡ଼ିଶା ଉପରେ ଥିବା ଟ୍ରଫ୍‌ଲାଇନ୍? ଯୋଗୁଁ ପୂର୍ବାଳୀ ପବନ ରାଜ୍ୟକୁ ପ୍ରବେଶ କରୁଛି। ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ଅଧିକ ଥିବାରୁ ଉତ୍ତର ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ସମେତ କେତେକ ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୩ ଦିନ ପାଇଁ ବର୍ଷା, ଘଡ଼ଘଡ଼ି ଓ

▶ପୃଷ୍ଠା-୭

■ ସ୍ୱାଭାବିକଠାରୁ ୪ ଡିଗ୍ରୀ ଉପରେ ରହିଛି ତାତି
■ ୩୫ ଡିଗ୍ରୀ ଉପରେ ଅଧିକାଂଶ ସହରର ତାପମାତ୍ରା
■ ପୁରୀରେ ଭାଙ୍ଗିଲା ୧୩୦ବର୍ଷର ଅକ୍ଟୋବର ରେକର୍ଡ
■ ରାଜ୍ୟରେ ୩ ଦିନ ବର୍ଷା-ବଜ୍ରପାତ ପାଇଁ ସତର୍କତା







# ମା' ବିରଜାଙ୍କ ରଥଯାତ୍ରା ଓ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଯାଜପୁର,୬।୧୦(ସମିସ):



ମା' ବିରଜାଙ୍କ ପବିତ୍ର ରଥଯାତ୍ରା ଓ ଯାଜପୁର ସହରରେ ଆଗାମୀ ଦୁର୍ଗାପୂଜା ପାର୍ବଣକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ଆନନ୍ଦମୟ ପରିବେଶରେ ପାଳନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂଜା ଓ ଉତ୍ସବ ସମୟରେ ଆଇନଶୃଙ୍ଖଳା ରକ୍ଷା, ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଓ ସାମାଜିକ ସୌହାର୍ଦ୍ଦ ବଜାୟ ରଖିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଡିଜେ ଓ ଉଚ୍ଚଶବ୍ଦ ସାଉଣ୍ଡ ସିଷ୍ଟମ୍ ଯୋଗୁଁ ବୃଦ୍ଧବୃଦ୍ଧା, ରୋଗୀ ଓ ସାଧାରଣ ଲୋକଙ୍କ ହେଉଥିବା ଅସୁବିଧାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ନିୟମ ଓ ଶବ୍ଦସୀମା ପାଳନ ପାଇଁ ସେ ଅପିଲ୍ କରିଥିଲେ। ସ୍ୱତଃପ୍ରବୃତ୍ତ ସଂଯମ ଓ ଶୃଙ୍ଖଳା ହିଁ ଉତ୍ସବକୁ ସୁଚାରୁ ଭାବେ ସମ୍ପାଦନ କରିବାର ସର୍ବୋତ୍ତମ ମାର୍ଗ ବୋଲି ସେ ପ୍ରକାଶ କରି ସମସ୍ତ ପୂଜା କମିଟିର ସହଯୋଗ କାମନା କରିଥିଲେ। ପୂଜା ସମୟରେ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ସୁବିଧା ପାଇଁ ସହରର ମୁଖ୍ୟ ରାସ୍ତା ଓ ଗଳିରାସ୍ତାଗୁଡ଼ିକର ଖାଲଖମା ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବା ସହ ରାସ୍ତାକୁ ଓହଳି ରହିଥିବା ଏବଂ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସୁଥିବା ଗଛର ଡାଳଗୁଡ଼ିକୁ ଛେଦନ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ଦିନଗୁଡ଼ିକରେ ଅବିଚ୍ଛିନ୍ନ ବିଦ୍ୟୁତ୍ ସରବରାହ ସହ ମଣ୍ଡପ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ବ୍ୟବସ୍ଥା କରାଯିବ। ଦୂରଦୂରାନ୍ତର ଶ୍ରଦ୍ଧାଳୁଙ୍କ ପାଇଁ ମା' ବିରଜାଙ୍କ ନବରାତ୍ରି ସମୟର ପ୍ରତିଦିନର ସ୍ୱତନ୍ତ୍ର ବେଶ ଓ ପୂଜା ଆରାଧନାକୁ ପ୍ରଶାସନିକ ସୋସିଆଲ ମିଡିଆ ମାଧ୍ୟମରେ ପ୍ରସାରଣ କରାଯିବ। ବିରଜାଙ୍କ ରଥଟଣା ମନ୍ଦିର ଟ୍ରଷ୍ଟ ବୋର୍ଡ ଦ୍ୱାରା ପ୍ରଦତ୍ତ କାର୍ଯ୍ୟସାରଣୀ ମୁତାବକ ସମ୍ପନ୍ନ ହେବ ବୋଲି ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଜଣାଇଥିଲେ। ଉତ୍ସବ ସମୟରେ ଟ୍ରାଫିକ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପୁଲିସ ବଳ ମୁତୟନ କରାଯିବ। ଭସାଣୀ ଉତ୍ସବ ସମୟରେ ବିସର୍ଜନ ସ୍ଥଳୀରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯିବା ସହ ଫାୟାର ବ୍ରିଗେଡ୍ ମୁତୟନ କରାଯିବ। ଭସାଣି ଉତ୍ସବକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ଶେଷ କରିବାକୁ ପୂଜା କମିଟିଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଉଚ୍ଚଶବ୍ଦ ବିଶିଷ୍ଟ ଡିଜେ ବ୍ୟବହାର ଉପରେ କଡ଼ା କଟକଣା ରହିବ। ଆଗାମୀ ଶାରଦୀୟ ଉତ୍ସବକୁ ଶାନ୍ତି, ସୌହାର୍ଦ୍ଦ ଓ ଭାଇଚାରାର ପରିବେଶରେ ପାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକ, ପୂଜା କମିଟି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ସହଯୋଗ କରିବାକୁ ନିବେଦନ କରାଯାଇଛି। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ସହକାରୀ ଜିଲ୍ଲାପାଳ ନିବେଦିତା ପ୍ରଧାନ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମନ୍ଦିରର ବରିଷ୍ଠ ସେବାୟତ, ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କଂଗ୍ରେସ ଛାଡିଲେ ବିଷ୍ଣୁମୋହନ ବେହେରା

ପାଣିକୋଇଲି,୬।୧୦(ସମିସ): ପାଣିକୋଇଲି ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ବିଷ୍ଣୁ ମୋହନ ବେହରା କଂଗ୍ରେସ ଦଳରୁ ଇସ୍ତଫା ଦେଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ପୂର୍ବରୁ ୧୯୯୨ ମସିହାରୁ ଛାତ୍ର କଂଗ୍ରେସରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରି ବ୍ଲକ କଂଗ୍ରେସର ସାଧାରଣ ସମ୍ପାଦକ, ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ, ଅର୍ଭ୍ୟଥନା କମିଟିର ସଦସ୍ୟ ଥିଲେ। ମୂଲ୍ୟବୋଧ ନୈତିକତା ଦୃଷ୍ଟିରୁ ସେ ଦଳର ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ର ଜିଲ୍ଲା ସଭାପତି ଓ ରାଜ୍ୟସଭାପତିଙ୍କ ନିକଟରୁ ପଠାଇଥିବା ଦର୍ଶାଇଥିବା କହିଛନ୍ତି।

## ବିଭିନ୍ନ ଦାବିରେ ଏସୟୁସିଆଇର ବିକ୍ଷୋଭ

ଧର୍ମଶାଳା/ସିଂହପୁର,୬।୧୦(ସମିସ): ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା, ଏସ୍‌ଆଇଆର୍‌କୁ ବନ୍ଦ କରିବା ଓ ଏମ୍‌ଏମ୍‌ଡିଆର ଆଇନ୍‌କୁ ବାତିଲ କରିବା ଦାବିରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଗଣତନ୍ତ୍ରକୁ ରକ୍ଷା କରିବା, ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା, ଜନଗଣଙ୍କ ସ୍ୱାର୍ଥରେ ଏସ୍‌ଆଇଆର୍‌କୁ ରଦ୍ଦ କରିବା ଓ ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୧୩ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ପୁନଶ୍ଚ ଭୋଟ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରିଥିଲେ। ଏମ୍‌ଏମ୍‌ଡିଆର୍ ଆଇନକୁ ତୁରନ୍ତ ବାତିଲ କରିବା, ବିଜ୍ଞାନ ସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବା ସହିତ ଜନସ୍ୱାର୍ଥ ବିରୋଧି ଆଇନ୍ ବିରୋଧରେ ଗଣ ଆନ୍ଦୋଳନ ଗଢ଼ି ତୋଳିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏସୟୁସିଆଇ (କମ୍ୟୁନିଷ୍ଟ) ଧର୍ମଶାଳା ଆଞ୍ଚଳିକ କମିଟି ପକ୍ଷରୁ ଜାରକା ବସ୍‌ଷ୍ଟାଣ୍ଡରେ ବ୍ଲକ ସମ୍ପାଦିକା ମଧୁମିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଦମୟନ୍ତୀ ମୁଦୁଲି, ପ୍ରଭାତି ମଲ୍ଲିକ, ସଞ୍ଜୁକ୍ତା ସାହୁ, କବି ସେଠୀ, ବିଚିତ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବିଞ୍ଝାରପୁର ବ୍ଲକ ଜରୀରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏସ୍‌ୟୁସିଆଇ (ସି)ର ଆଞ୍ଚଳିକ କମିଟି ସଭ୍ୟ ବ୍ରହ୍ମାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଜିଲ୍ଲା କମିଟି ସଭ୍ୟ ରାଧାବଲ୍ଲଭ ମଲ୍ଲିକ, ସଂଗଠକ ହୃଦାନନ୍ଦ ମଲିକ, ଜୟରାମ ମଲିକ,ଦୁର୍ଯ୍ୟୋଧନ ବେହେରା, କାମଦେବ ମଲିକ, ସୁରେନ୍ଦ୍ର ଜେନା, କାଳନ୍ଦୀ ଚରଣ ମଲିକ, ଗୋବନ୍ଦ ଚରଣ ମଲିକ, ଧର୍ମାନନ୍ଦ ମଲିକ ପ୍ରମୁଖ ଯୋଗଦେଇଥିଲେ।

## ସମାଜସେବୀ ପ୍ରଫୁଲ୍ଲ ବୋଇତାଇଙ୍କ ପରଲୋକ



ବ୍ୟାସନଗର,୬।୧୦(ସମିସ): ଆଉ ନାହାଁନ୍ତି ଯାଜପୁର ରୋଡର ବିଶିଷ୍ଟ ସମାଜସେବୀ ତଥା ଜହ୍ନା ଜଗନ୍ନାଥ ମନ୍ଦିରର ମୁଖ୍ୟ ଉଦ୍ୟୋକ୍ତା ପ୍ରଫୁଲ୍ଲ ବୋଇତାଇ। ବୟସାଧିକ କାରଣରୁ ଦୀର୍ଘ ଦିନ ହେବ ଅସୁସ୍ଥ ରହିଥିବା ପ୍ରଫୁଲ୍ଲ ମଙ୍ଗଳବାର ସକାଳ ପ୍ରାୟ ୧୦ ଘଟିକା ସମୟରେ ସେ ଇହଧାମ ତ୍ୟାଗ କରିଛନ୍ତି। ବ୍ୟାସନଗର ସହରସ୍ଥିତ ମଧୁସୁଦନ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କହ୍ନେଇପୁର ଶିବ ମନ୍ଦିର, ଜହ୍ନା ଜଗନ୍ନାଥ ମନ୍ଦିର ଏବଂ ବଳଦେବଜୀଉ ଟ୍ରଷ୍ଟର ମୁଖ୍ୟ ଉଦ୍ୟୋକ୍ତା ରହିଥିବା ପ୍ରଫୁଲଙ୍କ ମୃତ୍ୟୁରେ ବ୍ୟାସନଗର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶୋକପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବପ୍ରସାଦ ଦାସ, ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ, କଂଗ୍ରେସ ରାଜ୍ୟ ଉପସଭାପତି ବନ୍ଦିତା ପରିଡ଼ା ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ପାର୍ଥୀବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଯାଜପୁର ରୋଡ ମାରୱାଡି ସଂଘ, ବ୍ୟାସନଗରର ହଜାର ହଜାର ଶୁଭେଚ୍ଛୁ ବିଶେଷକରି ଜହ୍ନା ଗ୍ରାମର ଆବାଳବୃଦ୍ଧ ବନିତା ତାଙ୍କ ଶବଯାତ୍ରାରେ ସାମିଲ ହୋଇଥିଲେ। ଶବଯାତ୍ରା ସାରା ସହର ପରିକ୍ରମା କରିବା ସମୟରେ ହଜାର ହଜାର ଜନତା ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶେଷରେ ତାଙ୍କ ଗ୍ରାମର ଚୋରଦା ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ପୁତ୍ର ଅଭିଳାଷ ବୋଇତାଇ ମୁଖାଗ୍ନି ଦେଇଥିଲେ।

## ପ୍ରେମିକାକୁ ମାଡ ମାରି ଗୁରୁତର କରିଥିବା ପ୍ରେମିକ ଗିରଫ

ଧର୍ମଶାଳା,୬।୧୦(ସମିସ): ଧର୍ମଶାଳା ଥାନା ପୁଲିସ ପ୍ରେମିକାକୁ ମାଡ ମାରି ଗୁରୁତର କରିଥିବା ଅଭିଯୁକ୍ତ ପ୍ରେମିକକୁ ଆଜି ଗିରଫ କରି କୋର୍ଟଚାଲାଣ କରିରିଛି। ଗିରଫ ଅଭିଯୁକ୍ତ ଏହି ଥାନା ମିର୍ଜାପୁର ପଞ୍ଚାୟତ ମିର୍ଜାପୁର ଗ୍ରାମର ଉପେନ୍ଦ୍ର ସାହୁଙ୍କ ପୁଅ ସମୀର ରଞ୍ଜନ ସାହୁ (୨୬) ବୋଲି ଜଣାପଡିଛି। ସୂଚନା ମୁତାବକ ସମୀର ଏହି ଥାନା ଜାରକା ପଞ୍ଚାୟତ ଅଧୀନସ୍ଥ ଦୁବଗାଡିଆ ଗ୍ରାମର ପ୍ରେମିକାଙ୍କୁ ଦୀର୍ଘ ୬ ବର୍ଷ ହେଲା ଭଲ ପାଇ ଆସୁଥିଲେ। ବିବାହ ପ୍ରଲୋଭନ ଦେଖାଇ ପ୍ରେମିକ ସମୀର ଶନିବାର ସନ୍ଧ୍ୟାରେ ପ୍ରେମିକାକୁ ଡାକି ନେଇ ଘରକୁ ଯାଇଥିଲା। ଜଣେ ନିଚ ଜାତିର ଝିଅକୁ ଘରକୁ ଆଣିଥିବା ଅଭିଯୋଗ କରି ପରିବାର ଲୋକେ ପ୍ରେମିକାକୁ ମାଡ଼ମାରି ଲହୁଲୁହାଣ କରିବା ସହ ସେ ନେଇଥିବା ୩୦ ହଜାର ଟଙ୍କା, ସୁନା କାନଫୁଲ ଓ ବେକରେ ପିନ୍ଧିଥିବା ସୁନା ରିଙ୍ଗ ଛଡାଇ ନେଇଥିଲେ। ପରେ ପ୍ରେମିକ ପ୍ରେମିକାକୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଛାଡି ଫେରାର ହୋଇଯାଇଥିଲା। ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଞ୍ଚି ପ୍ରେମିକାର ବୟାନ ରେକର୍ଡ କରିଥିଲା। ପ୍ରେମିକାର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଡାକ୍ତର ତାକୁ ରବିବାର ସକାଳେ କଟକ ମେଡିକାଲକୁ ରେଫର କରିଦେଇଥିଲେ। ଏସମ୍ପର୍କରେ ଧର୍ମଶାଳା ପୁଲିସ ସମୀରକୁ ଥାନାକୁ ଆଣି ଅଟକ ରଖିବା ସହ ତାକୁ ପଚରା ଉଚରା ଚଳାଇଥିଲା। ପରେ ଏନେଇ ପ୍ରେମିକାର ବାପା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୪୦୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଆଜି ପ୍ରେମିକ ସମୀରକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଭୋଟ୍ ବଞ୍ଚାଅ ଦାବିରେ ଇଣ୍ଡିଆ ମେଣ୍ଟର ବିକ୍ଷୋଭ




ଯାଜପୁର,୬।୧୦(ସମିସ): ଯାଜପୁର ଜିଲ୍ଲାରେ ଇଣ୍ଡି ମେଣ୍ଟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଥମେ ସ୍ଥାନୀୟ ସଂସ୍କୃତିଭବନ ପରିସରରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଇଣ୍ଡି ମେଣ୍ଟର ପ୍ରମୁଖ ନେତାମାନେ ଯୋଗଦେଇ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏମ୍‌ଏମ୍‌ଡିଆର୍ ଆଇନ ଉଚ୍ଛେଦ, ଓଡ଼ିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ଚଳିତ ବନ୍ୟାରେ ବିପନ୍ନ ଲୋକଙ୍କୁ ସହାୟତା ଦାବି କରିଥିଲେ।

ଚଳିତ ବର୍ଷ ବାରମ୍ବାର ବନ୍ୟା ଫଳରେ ଯାଜପୁର ଜିଲ୍ଲାର ଦଶରଥପୁର, ବରୀ, ବିଞ୍ଝାରପୁର ଓ ଯାଜପୁର ବ୍ଲକର ବିପନ୍ନ ହୋଇଥିବା ଲୋକମାନଙ୍କୁ କ୍ଷତିପୂରଣ ଜିଲ୍ଲା ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ ମିଳିପାରିନାହିଁ। ଏହାକୁ କେନ୍ଦ୍ର କରି ଆସନ୍ତା ୮ ତାରିଖ ସକାଳ ୬ରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତତ୍‌ସହିତ ବ୍ୟବସାୟିକ ଅନୁଷ୍ଠାନ, ଦୋକାନ ବଜାର ସମସ୍ତ ବନ୍ଦ ରଖିବା ପାଇଁ ଇଣ୍ଡିଆ ବ୍ଲକ ପକ୍ଷରୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପିସିସିର ଉପସଭାପତି ତଥା ପ୍ରଭାରୀ ଅସିତ ପଟ୍ଟନାୟକ, ସହ ପ୍ରଭାରୀ ହଳଧର ସେଠୀ, ସାଧାରଣ ସମ୍ପାଦକ ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ସମ୍ପାଦକ ତଥା ପ୍ରଭାରୀ ରାଜୀବ ପରିଡ଼ା, ଜିତେନ୍ଦ୍ର ସାହୁ, ନିରୂପମା ପାତ୍ର, ଜିଲ୍ଲା କଂଗ୍ରେସ କମିଟିର ସଭାପତି ମାଗୁଣି ବଟକୃଷ୍ଣ ଯେନା, ବିଏଲ୍-୧ର ସନ୍ତୋଷ କୁମାର ନନ୍ଦ, ମଧୁସ୍ମିତା ଆଚାର୍ଯ୍ୟ, ସନତ ଜେନା, ବରିଷ୍ଠ ନେତା ବିଷ୍ଣୁ ଚରଣ ରାଉତ, ବ୍ଲକ ସଭାପତି ଭାବେ ନାରାୟଣ ସାମନ୍ତ, ଗଦାଧର ଦାସ, ପ୍ରତାପ ଦାସ, ଏକାଦଶୀ ତ୍ରିପାଠୀ, ଦେବେନ୍ଦ୍ର ପ୍ରଧାନ, ଚିନ୍ମୟ ପ୍ରଧାନ, ସଂଜୟ ରାଉତ, ମିହିର ମିଶ୍ର, ହରେକୃଷ୍ଣ ସାହୁ, ଦୟାନିଧି ଖିଲାର ମଦନ ମୋହନ ଖୁଣ୍ଟିଆ, ତପନ ନାୟକ, ସିପିଆଇର ଜିଲ୍ଲା ସମ୍ପାଦକ ନିର୍ମଳ ରଥ, ମଳୟ ପଣ୍ଡା, ଗଣେଶ ସାହୁ, ସିପିଆଇଏମ୍‌ର ଈଶ୍ୱର ପରିଡ଼ା, ସିଟୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ, ବିଞ୍ଝାରପୁର ନେତ୍ରୀ କନକ ମଲ୍ଲିକ, ଜିଲ୍ଲା ଉପସଭାପତି ଭାବେ ବିଭୂତି ମହାପାତ୍ର, ସଂଗ୍ରାମ ସାହାଣୀ, କୃଷକ କଂଗ୍ରେସ ସେଲ୍‌ର ଶ୍ରୀକାନ୍ତ ମହାନ୍ତି, ଏସ୍‌ସି ସେଲ୍ କଂଗ୍ରେସର ବିଦ୍ୟାଧର ଜେନା, ଆରତି ସ୍ୱାଇଁ, ଗଣେଶ୍ୱର ଦାସ, ଅନୁପମ ମଲ୍ଲିକ, ଚନ୍ଦ୍ରଶେଖର ସାହୁ, କୁମାର ଆଶୁତୋଷ, ଭାସ୍କର ମହାନ୍ତି, ଦେବପ୍ରସାଦ ଶତପଥୀ, ନିକୁଞ୍ଜ ସାମଲ, ଅର୍ଜିତ ନାୟକ, ଅକ୍ଷୟ ଶତପଥୀ, ଅଭୟ ପଣ୍ଡା, ମହେନ୍ଦ୍ର ଦାସ, ହରେକୃଷ୍ଣ ସାହୁ, ପ୍ରଭୃତି ଶତାଧିକ କର୍ମୀ ଓ ନେତୃମଣ୍ଡଳୀମାନେ ଯୋଗଦେଇଥିଲେ।

## ଅନନ୍ୟା ସାହିତ୍ୟ ସଂସଦର ଶାରଦୀୟ ପ୍ରସ୍ତୁତି ବୈଠକ

ଯାଜପୁର,୬।୧୦(ସମିସ): ବିରଜା ମନ୍ଦିର ପରିସରରେ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ମା'ବିରଜାଙ୍କ ଶାରଦୀୟ ପୂଜା ଓ ରଥ ଯାତ୍ରା ଅବସରରେ ମହା ସପ୍ତମୀ ଅକ୍ଟୋବର ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ତ୍ରିଦିବସୀୟ ଅନନ୍ୟା ବକ୍ତୃତା ମାଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ବିଭିନ୍ନ ଦିବସରେ ଅନୁଷ୍ଠିତ ହେବ। ମା' ବିରଜା ସଂସ୍କୃତି ଗବେଷଣା ପରିଷଦ ଆନୁକୂଲ୍ୟରେ ବିରଜା ସମ୍ମାନ ପ୍ରଦାନ ଓ ଜଗତର କଲ୍ୟାଣ ନିମନ୍ତେ ସମୂହ ଦୀପ ଦାନ କରାଯିବ। ବିରଜାଙ୍କ ଦଶହରା ଅବସରରେ ୨୦ ତାରିଖ ପୂର୍ବାହ୍ନରେ ବିଜୟା ମିଳନ ମହୋତ୍ସବ, କବି ସମ୍ମିଳନୀ ଓ କବିତା ପାଠ ଉତ୍ସବ ଏବଂ ଅନନ୍ୟାର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ଉପସଭାପତି ବିଭୂ ଭୂଷଣ ମହାପାତ୍ର, ସମ୍ପାଦକ ଡ. କାହ୍ନୁ ଚରଣ ମିଶ୍ର, ସଂଗଠନ ସମ୍ପାଦକ ହୃଷୀକେଶ ପତି, ଡ. ଗିରିଶ ବିହାରୀ ମିଶ୍ର, ଅଧ୍ୟକ୍ଷ ଅଭିଳାଷ ଦାସ, ସୁବାଶ ଚନ୍ଦ୍ର ମହାପାତ୍ର, ଡ. ହରିଶ୍ଚନ୍ଦ୍ର ପଣ୍ଡା, ମୀନକେତନ ସାହୁ, ପ୍ରଫେସର ବଳରାମ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ ଅନିଲ୍ କୁମାର ମହାନ୍ତି ଯୋଗ ଦେଇଥିଲେ। ଶେଷରେ ଅନନ୍ୟା ସାହିତ୍ୟର ଗଣମାଧ୍ୟମ ସଂଯୋଜକ ଆଦିତ୍ୟ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପୂର୍ବତନ ମନ୍ତ୍ରୀଙ୍କ ଜନ୍ମଦିନରେ ବିଭିନ୍ନ କାର୍ଯ୍ୟକ୍ରମ

ଦାନଗଦି,୬।୧୦(ସମିସ): ପୂର୍ବତନ ମନ୍ତ୍ରୀ ତଥା ସୁକିନ୍ଦାର ପୂର୍ବତନ ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡ଼ାଇଙ୍କ ୫୫ତମ ଜନ୍ମଦିନ ସୁକିନ୍ଦା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଜେଡି କର୍ମୀ ଓ ସମର୍ଥକଙ୍କ ପକ୍ଷରୁ ପାଳିତ ହୋଇଯାଇଛି। ଜନ୍ମଦିନ ଅବସରରେ ଦଳୀୟ ନେତା ଓ କର୍ମୀମାନେ ବିଭିନ୍ନ ସେବାମୂଳକ କାର୍ଯ୍ୟ କରି ଶ୍ରୀ ଘଡ଼ାଇଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଦାନଗଦି ବ୍ଲକ ବିଜେଡି ପକ୍ଷରୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ, ଶୁଖିଲା ଖାଦ୍ୟ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପରେ ମଙ୍ଗଳପୁର ପଞ୍ଚାୟତସ୍ଥିତ ଅନ୍ନପୂର୍ଣ୍ଣା ଚାଇଲ୍ଡ କେୟାରରେ ଅନାଥ ଶିଶୁ ଓ ମା'ମାନଙ୍କୁ ଶୁଖିଲା ଖାଦ୍ୟ, ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯିବା ସହ କେକ୍ କାଟି ଶିଶୁମାନଙ୍କ ସହ ଜନ୍ମଦିନ ପାଳନ କରାଯାଇଥିଲା। ଏହାପରେ ଯଖପୁରା ପଞ୍ଚାୟତର ବାଲୁଙ୍ଗାବନ୍ଧୀସ୍ଥିତ ବଗେଇ ମହାଦେବ ମନ୍ଦିରରେ ବିଜେଡି କର୍ମୀମାନେ ପୂଜାର୍ଚ୍ଚନା କରି ଇଂ. ଘଡ଼ାଇଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ୧୦ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ସୁଚିତ୍ରା ବିଶ୍ୱାଳ, ୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଟିନା ହାଇବ୍ରୁ, ତ୍ରିଜଙ୍ଗା ପଞ୍ଚାୟତ ସରପଞ୍ଚ କାଗଜି ପାତ୍ର, ବ୍ଲକ ସଭାପତି ଗୋପାଳ ବାରିକ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଧୀର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ନେତା ପ୍ରଦୀପ ମହାନ୍ତି, ଲୋକନାଥ ଧୀର, ରାଧାଶ୍ୟାମ ବିଶ୍ୱାଳ, ସତ୍ୟସୁନ୍ଦର ପାଳ, ସୁଦାମ ପାତ୍ର, ଧର୍ମେନ୍ଦ୍ର ଜେନାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।




## ଓଡ଼ିଶା ବନ୍ଦ ପାଇଁ କଂଗ୍ରେସର ପ୍ରସ୍ତୁତି ବୈଠକ

ବିଞ୍ଝାରପୁର/କୁଦ୍ଦଳ,୬।୧୦(ସମିସ): ଆସନ୍ତା ୮ ତାରିଖରେ ଓଡ଼ିଶା ବନ୍ଦ ପାଇଁ କଂଗ୍ରେସ ପକ୍ଷରୁ ଡାକରା ଦିଆଯାଇଛି। ବିଞ୍ଝାରପୁର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୪ଟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ପ୍ରତାପ କୁମାର ଦାସଙ୍କ ଅଧ୍ୟକ୍ଷତା ଓ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦିକା ତଥା ବିଞ୍ଝାରପୁର ବ୍ଲକ କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ହୋଇଥିଲା। ବୈଠକରେ ପୂର୍ବତନ ବ୍ଲକ ସଭାପତି ପ୍ରବୋଧ ଦାସ, ଜିଲ୍ଲା ଉପସଭାପତି ହିମାଂଶୁ ମହଲ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବାଲିଚନ୍ଦ୍ରପୁର ଠାରେ ଏକ ମିଳିତ ବିରୋଧୀ ଦଳ ତରଫରୁ ପ୍ରସ୍ତୁତି ବୈଠକ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୮ ତାରିଖର ଓଡ଼ିଶା ବନ୍ଦକୁ ସଫଳ କରିବା ନେଇ ବୈଠକରେ ବିଭିନ୍ନ ରଣନୀତି ଓ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା।

# ଯାଜପୁର ପୁଲିସ ପକ୍ଷରୁ ଚୋରା ମୋବାଇଲ ପ୍ରଦର୍ଶିତ

ପାଣିକୋଇଲି,୬।୧୦(ସମିସ):



ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଜିଲ୍ଲା ପୁଲିସ ପକ୍ଷରୁ ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ମୋବାଇଲକୁ ଉଦ୍ଧାର କରାଯାଇ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ୨ଶହରୁ ଉର୍ଦ୍ଧ୍ୱ ଚୋରି ମୋବାଇଲ ହିତାଧିକାରୀଙ୍କୁ ଫେରସ୍ତ ଦିଆଯାଇଛି। ଗତ ମାର୍ଚ୍ଚ ୩୧ ତାରିଖ ମୋବାଇଲ ମିତ୍ର ଜରିଆରେ ମୋବାଇଲ ହଜିଲେ ବା ଚୋରି ହେଲେ କିପରି ଅଭିଯୋଗ କରିହେବ ତାହା ଦ୍ୱାରା ପ୍ରକୃତ ମାଲିକ କିପରି ତାହା ପାଇପାରିବେ ସେ ନେଇ ଆଇଜି ସତ୍ୟଜିତ ନାୟକ ସୂଚନା ଦେଇଥିଲେ। ଯାଜପୁର ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ହୋଇଥିବା ମୋବାଇଲ ଫୋନକୁ ଫୋନର ପ୍ରକୃତ ମାଲିକଙ୍କ ପାଖରେ ପହଞ୍ଚାଇବା ଲାଗି ଯାଜପୁର ପୁଲିସର ଏକ ଆପ୍ ଜରିଆରେ ସୂଚନା ଦେଇଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲାରେ ଅପରେସନ ରିକନେକ୍ଟ ମାଧ୍ୟମ ଏକ ସପ୍ତାହ ମଧ୍ୟରେ ୨ଶହରୁ ଉର୍ଦ୍ଧ୍ୱ ମୋବାଇଲ ଉଦ୍ଧାର କରାଯାଇ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୋବାଇଲ ମେଳା କାର୍ଯ୍ୟକ୍ରମ ପାଣିକୋଇଲିସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଉକ୍ତ ମେଳାରେ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଯଶ୍‌ପ୍ରତାପ ଶ୍ରୀମଲ ଯୋଗ ଦେଇ ବିଭିନ୍ନ ଥାନା ପକ୍ଷରୁ ଉଦ୍ଧାର ହୋଇଥିବା ମୋବାଇଲ ଫୋନ ମଧ୍ୟରୁ ମେଳାକୁ ଆସିଥିବା ବ୍ୟକ୍ତିଙ୍କୁ ସେମାନଙ୍କ ମୋବାଇଲ ଫୋନ ପ୍ରଦାନ କରିଥିଲେ। ଯେଉଁ ଥାନା ଅଞ୍ଚଳର ଫୋନ ପାଇଁ ଆସିନାହାନ୍ତି ସେହି ଫୋନ ଗୁଡିକୁ ସେମାନେ ଉପଯୁକ୍ତ ପ୍ରମାଣ ଦେଇ ନିଜ ନିଜ ଥାନାରୁ ନେଇଯିବେ ବୋଲି ଶ୍ରୀମଲ ପ୍ରକାଶ କରିଥିଲେ। ଜିଲ୍ଲାର କଳିଙ୍ଗନଗର, ବିଞ୍ଝାରପୁର, ବାଲିଚନ୍ଦ୍ରପୁର, ଯାଜପୁର ସଦର, ଯାଜପୁରରୋଡ, ଦଶରଥପୁର, ମଙ୍ଗଳପୁର, ବରୀ କାଳିଆପାଣି, ଜେନାପୁର, ସୁକିନ୍ଦା, ଟମକା, କୁଆଖିଅ. ଜେନାପୁର, କୋରାଇ , ଧର୍ମଶାଳା, ପାଣିକୋଇଲି, ବୈରୀ ଥାନାରୁ ଉକ୍ତ ମୋବାଇଲ ଗୁଡ଼ିକ ଚୋରି ହୋଇଥିବାର ସଂପୃକ୍ତ ଥାନାରେ ଅଭିଯୋଗ ହୋଇଥିଲା। ପରେ ଏହି ମୋବାଇଲ ଗୁଡ଼ିକ ଟ୍ରାକିଙ୍ଗ କରି ଧରାଯାଇଥିଲା। ଯାଜପୁର ଜିଲ୍ଲା ପୁଲିସ ଇତିହାସରେ ତୃତୀୟ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି। ସେହିପରି ସାଧାରଣ ଜନତାଙ୍କୁ ସେଣ୍ଟ୍ରାଲ ଇକ୍ୱିପମେଣ୍ଟ ଆଇଡେଣ୍ଟି ରେଜିଷ୍ଟର ମୋବାଇଲ ଆପ ବିଷୟରେ ସୁଚନା ପ୍ରଦାନ କରିଥିଲେ। ଯାହାର ମୋବାଇଲ ଫୋନ ଚୋରି ହୋଇଛି ଥାନାକୁ ନ ଯାଇ ଉକ୍ତ ଆପ ମାଧ୍ୟମରେ ଚୋରି ହୋଇଯାଇଥିବା ମୋବାଇଲର ଆଇଏମଆଇଇ ନମ୍ବରକୁ ରେଜିଷ୍ଟ୍ରେସନ କରିବାକୁ ଅନୁରୋଧ କରିଥିଲେ। ଯାହାଦ୍ୱାରା ଉକ୍ତ ଅଭିଯୋଗଟି ସିଧା ପୁଲିସ ମୁଖ୍ୟାଳୟରେ ପହଞ୍ଚି ପାରିବ ଓ ପୁଲିସ ଉକ୍ତ ମୋବାଇଲକୁ ଟ୍ରାକିଂ କରି ପ୍ରକୃତ ମାଲିକଙ୍କୁ ଫେରାଇପାରିବ। ଉକ୍ତ ମେଳାରେ ଅତିରିକ୍ତ ଏସ୍‌ପି ଶୀତିକଣ୍ଠ କାନୁନଗୋ, ଅତିରିକ୍ତ ଏସ୍‌ପି ପୁଷ୍ପଲତା ବାରିକ, ରିଜର୍ଭ ଇନିସପେକ୍ଟର କମିବର ଦେହୁରୀ, ସରଜେଣ୍ଟ ମନୋଜ କୁମାର ସାହୁ, ବିଶ୍ୱରଞ୍ଜନ ଗଡ଼ପାରୀ, ସବଇନ୍ସପେକ୍ଟର ବିକେ ବିଶ୍ୱାଳ, ବାସୁଦେବ ସ୍ୱାଇଁ, ଅଭିଜିତ ପଣ୍ଡା, ସୌମ୍ୟ ରଂଜନ ନାଥ, ସାଇବର ସେଲ ପକ୍ଷରୁ ସମରଜିତ ନାୟକଙ୍କ ସମେତ ବିଭିନ୍ନ ଅଧିକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ନାଟ୍ୟ ନିର୍ଦ୍ଦେଶକ ପଦ୍ମନାଭ ପୃଷ୍ଟିଙ୍କ ପରଲୋକ

ବାଲିଚନ୍ଦ୍ରପୁର,୬।୧୦(ସମିସ): ବାଲିପଡିଆ ଗ୍ରାମର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ଲେଖକ ତଥା ଅଭିନେତା ପଦ୍ମନାଭ ପୃଷ୍ଟି (୭୨)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ୧୬ ବର୍ଷ ବୟସରୁ ପଦ୍ମନାଭ ଗ୍ରାମ୍ୟ ନାଟକ, ଗୀତିନାଟ୍ୟ ଓ ଯାତ୍ରାରେ ଅଭିନୟ ଆରମ୍ଭ କରିଥିଲେ। ବଳିଷ୍ଠ ଅଭିନୟ ସାଙ୍ଗକୁ କମ ବୟସରୁ ଗୀତିନାଟ୍ୟ ରଚନା ଓ ନାଟକ ନିର୍ଦ୍ଦେଶନା ଦେବା ସହିତ ସେ ପ୍ରାୟ ୩୫ଟି ଗୀତିନାଟ୍ୟ ରଚନା କରିଥିଲେ। ବିଭିନ୍ନ ମଞ୍ଚରେ ଜଣେ ନିପୁଣ କଳାକାର ଭାବରେ ପ୍ରାୟ ୨୦୦ରୁ ଅଧିକ ନାଟକରେ ମଧ୍ୟ ସେ ଅଭିନୟ କରିଥଲେ। ତାଙ୍କର ଅନ୍ତିମ ଶୋଭାଯାତ୍ରାରେ ବାଲିପଡ଼ିଆ ଯୁବକ ସଂଘର ଉପସଭାପତି ବିରୂପାକ୍ଷ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ପରିକ୍ଷିତ ପୃଷ୍ଟି, ପ୍ରବୋଧ କୁମାର ସାମଲ, ଜ୍ଞାନେନ୍ଦ୍ର ତ୍ରିପାଠୀ, ବୟୋଜ୍ୟେଷ୍ଠ କଳାକାର ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, ସୁବାସ ଚନ୍ଦ୍ର ଦାଶ, ଗୋପାଳ ଚନ୍ଦ୍ର ଓଝା, କ୍ଷେତ୍ରବାସୀ ଓଝା, ମହେନ୍ଦ୍ର ତ୍ରିପାଠୀ, ଶିବ ଓଝା, ଶିଶୁ ମନ୍ଦିର ଗୁରୁଜୀ ତଥା କଳାକାର ରମେଶ କୁମାର ପୃଷ୍ଟି, ସାମ୍ବାଦିକ ତଥା ଶିକ୍ଷକ ଧନଞ୍ଜୟ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ। ନାଟ୍ୟ ନିର୍ଦ୍ଦେଶକ ଓ ବରିଷ୍ଠ ଅଭିନେତାଙ୍କ ବିୟୋଗରେ ଠକ୍କରବାପା ଆଶ୍ରମ ପକ୍ଷରୁ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ, ବାଲିପଡିଆ ଯୁବକ ସଂଘର ସଭାପତି ଦିଲ୍ଲୀପ କୁମାର ସାମଲ,ସମ୍ପାଦକ ସୁବାଷ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।



### କୋଟି କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ସୁଧୁରୁନି ରାସ୍ତା ଅବସ୍ଥା

# କଳିଙ୍ଗନଗର ଶିଳ୍ପାଞ୍ଚଳର ରାସ୍ତା ପାଲଟିଛି ମୃତ୍ୟୁଯନ୍ତା





ଦାନଗଦି,୬।୧୦(ସମିସ):

ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ହେଉଛି ଏସିଆ ମହାଦେଶର ଏକ ସର୍ବ ବୃହତ ଶିଳ୍ପନଗରୀ । ଶିଳ୍ପ ପ୍ରତିଷ୍ଠା ହେଲା ସରକାରଙ୍କ ରାଜସ୍ୱ ବଢିଲା କିନ୍ତୁ ରାସ୍ତା ଘାଟର ଅବସ୍ଥା ସୁଧୁରିବା ପରିବର୍ତ୍ତେ ମୃତ୍ୟୁଯନ୍ତା ପାଲଟିଛି । ହେଲେ ପୂର୍ତ୍ତ ବିଭାଗର ଉଦାସୀନତା ଏବଂ ରାଜନୈତିକ ଇଛା ଶକ୍ତିର ଅଭାବରୁ କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରମୁଖ ରାସ୍ତା ଗୁଡିକ ମୃତ୍ୟୁଯନ୍ତା ପାଲଟିଛି । ଏଠାରେ ପ୍ରତିଦିନ ଶହ ଶହ ଭାରୀଯାନ, ଟ୍ରକ୍, ଶିଳ୍ପ ସଂସ୍ଥାର ଗାଡ଼ି ସମେତ ବହୁ ସଂଖ୍ୟକ ଛୋଟ ଯାନ ଚଳାଚଳ କରୁଛି । ହେଲେ ଶିଳ୍ପାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡ଼ିକର ଦୁରାବସ୍ଥା ଏବେ ସାଧାରଣ ଲୋକଙ୍କ ଚିନ୍ତାର କାରଣ ହୋଇଛି । ରାସ୍ତାରେ ଏକାଧିକ ସ୍ଥାନରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ଅନେକ ସ୍ଥାନରେ ରାସ୍ତାର ପିଚୁ ଉଠିଯାଇଛି । ତେଣୁ କଳିଙ୍ଗନଗର ଶିଳ୍ପାଞ୍ଚଳ କରିଡର ରାସ୍ତା, ମୁଖ୍ୟ ରାସ୍ତା ଯାତାୟାତ ପାଇଁ ଅସୁରକ୍ଷିତ ହୋଇପଡିଛି । ମୁଖ୍ୟତଃ ଡୁବୁରୀ-ଯାଜପୁର ରୋଡ୍ ରାସ୍ତାର ଦାନଗଦି ଛକ, ଧବଳଗିରି, କୁସୁନପୁର, ମାନପୁର ଓଭରବ୍ରିଜ୍ ନିକଟ, ବିଆରପିଏଲ୍ ଛକ ଏବଂ ଡୁବୁରୀ ଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାସ୍ତା ଅବସ୍ଥାକୁ ଦେଖିଲେ କଳିଙ୍ଗନଗରର ବିକାଶର ଚିତ୍ରକୁ ନେଇ ପ୍ରଶ୍ନ ଉଠୁଛି । ସେହିପରି ବିଜୁ ପଟ୍ଟନାୟକ ମାର୍ଗର ପଙ୍କପାଳ ବଙ୍ଗଳା ଛକରୁ ମିଲିଟାରୀ ଛକ ଏବଂ ମିଲିଟାରୀ ଛକରୁ କୁଆଁରଦା ବାଇପାସ୍ ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗତ କିଛି ବର୍ଷ ମଧ୍ୟରେ ଏହି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ବାବଦରେ ବିପୁଳ ଅର୍ଥ ବ୍ୟୟ ହୋଇଥିଲେ ମଧ୍ୟ ରାସ୍ତାର ସ୍ଥାୟୀ ସମାଧାନ ହୋଇପାରିନାହିଁ ।

ଗତ ପ୍ରାୟ ୩ ବର୍ଷ ମଧ୍ୟରେ ଉକ୍ତ ରାସ୍ତାର ଦୁଇଟି ଅଂଶରେ ମରାମତି ନାଁରେ ୧୨ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହୋଇଥିବା କୁହାଯାଉଛି । ତେବେ ଠିକାଦାର ଓ ଯନ୍ତ୍ରୀ ନିମ୍ନମାନର ମରାମତି ନାଁରେ ପ୍ୟାଚପକାଇ କୋଟି କୋଟି ଟଙ୍କା ଦୁର୍ନୀତି କରିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କଲେ ମଧ୍ୟ ଫଳ ଶୂନ । ତେଣୁ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ଏହାର ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି । ଏହି ଖାଲଗୁଡ଼ିକ ଯୋଗୁଁ ଦୁର୍ଘଟଣା ବଢୁଛି । ଏବେ ରାସ୍ତାର ଖାଲଗୁଡ଼ିକୁ ପୋତିବା କାମ ଆରମ୍ଭ ହୋଇଛି । କିନ୍ତୁ ଏଥିରେ କାରଖାନାରୁ ବାହାରୁଥିବା ସ୍ଲାଗ୍ ବ୍ୟବହାର କରାଯାଉଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ସ୍ଲାଗ୍ ପକାଇ ଖାଲ ପୋତାଯିବା ପରେ ରାସ୍ତାରେ ଯାନ ଚଳାଚଳ ସମୟରେ ପ୍ରଚୁର ଧୂଳିଉଡି ବାୟୁ ପ୍ରଦୂଷିତ ହେଉଛି । ଅଳ୍ପ ପବନ ହେଲେ ମଧ୍ୟ ଧୂଳି ରାସ୍ତା କଡ଼ରେ ଥିବା ଦୋକାନ ଓ ଘରଗୁଡ଼ିକ ମଧ୍ୟରେ ପଶୁଛି । ଏହାଦ୍ୱାରା ଦୋକାନୀ, ବ୍ୟବସାୟୀ, ପଥଚାରୀ ଏବଂ ଯାତ୍ରୀମାନେ ଅସୁବିଧାରେ ପଡୁଛନ୍ତି । ଖାଲି ଆଖିରେ ରାସ୍ତା ଉପରେ ଯାତାୟାତ କରିବା କଷ୍ଟକର ହୋଇପଡିଛି । କାରଣ କଳିଙ୍ଗନଗର ଏକ ଶିଳ୍ପାଞ୍ଚଳ ହୋଇଥିବାରୁ ଏଠାରେ ପୂର୍ବରୁ ମଧ୍ୟ ପରିବେଶ ଓ ବାୟୁ ପ୍ରଦୂଷଣକୁ ନେଇ ଚର୍ଚ୍ଚା ରହିଛି । ଏଭଳି ସ୍ଥିତିରେ ରାସ୍ତା ମରାମତିରେ କାରଖାନାର ସ୍ଲାଗ୍ ବ୍ୟବହାର ହେବା ଏବଂ ତା'ଠାରୁ ଧୂଳି ଉଡ଼ିବା ଦ୍ୱାରା ସ୍ଥାନୀୟ ଲୋକଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି । ଧୂଳି ନିୟନ୍ତ୍ରଣ ପାଇଁ ନିୟମିତ ପାଣି ସିଞ୍ଚନ ଏବଂ ଏଷ୍ଟିମେଟ ଅନୁଯାଇ ରାସ୍ତା ମରାମତି କରାଯିବା ଆବଶ୍ୟକ ବୋଲି ଦାବି ହେଉଛି । ମରାମତି ନାଁରେ ଅସ୍ଥାୟୀ ନିମ୍ନମାନର ପ୍ୟାଚ୍‌ୱାର୍କ କରି ବିଭାଗୀୟ ଅଧିକାରୀ ମାଲେ ମାଲ ହେଉଛନ୍ତି । ପ୍ରତି ମାସରେ ରାସ୍ତା ମରାମତି ହେଉଥିଲେ ମଧ୍ୟ କିଛି ଦିନ ପରେ ପୁଣି ସମାନ ସ୍ଥାନରେ ଖାଲ ସୃଷ୍ଟି ହେଉଛି ।

ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, ବିନା ମୂଲ୍ୟରେ କାରଖାନାର ସ୍ଲାଗ ଆଣି କଳିଙ୍ଗନଗର ଶିଳ୍ପାଞ୍ଚଳ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲମାନଙ୍କରେ ପକାଇ ପୂର୍ତ୍ତ ବିଭାଗରୁ ବିଲ୍ ହାତେଇବା ମସୁଧା ଚାଲିଥିବାର

## ରାସ୍ତା ମରାମତିରେ ବ୍ୟବହାର ହେଉଛି କାରଖାନା ସ୍ଲାଗ

ଚର୍ଚ୍ଚା ଜୋର ଧରିଛି । କାରଣ କାରଖାନାରୁ ସ୍ଲାଗ ଆଣିବା ପାଇଁ ପ୍ରଶାସନ ଠାରୁ ଅନୁମତି ଦରକାର । କିନ୍ତୁ ସ୍ଲାଗର ଅନୁମତି ନିଆଯାଇଛି କି ନାହିଁ ଏବଂ କେଉଁ କାରଖାନାରୁ ଆସୁଛି ତାହା ମଧ୍ୟ ତଦନ୍ତ ସାପେକ୍ଷ । କଳିଙ୍ଗନଗର ଶିଳ୍ପାଞ୍ଚଳର ରାସ୍ତା ଉପରେ ନିର୍ଭର କରୁଛନ୍ତି ହଜାର ହଜାର ଲୋକ । ଶିଳ୍ପ ସଂସ୍ଥାଗୁଡ଼ିକର ଭାରୀଯାନ ଚଳାଚଳ ଦୃଷ୍ଟିରୁ ଏହି ରାସ୍ତାଗୁଡ଼ିକର ନିର୍ମାଣ ଓ ରକ୍ଷଣାବେକ୍ଷଣରେ ଅଧିକ ଗୁଣବତ୍ତା ରହିବା ଆବଶ୍ୟକ । ସେଥିପାଇଁ ପୂର୍ତ୍ତ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ରାଜନେତା ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦାବି ଜୋର ଧରିଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଦିଲୀପ ସାହୁଙ୍କ ସହ ମୋବାଇଲରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ମୋବାଇଲ ଉଠାଇ ନ ଥିଲେ ।

## ସଟ୍‌ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ

ବଡଚଣା,୬।୧୦(ସମିସ): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଣକା ପଞ୍ଚାୟତ ମହାଦେଇପୁର ଗ୍ରାମର ଟୁକୁନା ଦଳେଇଙ୍କ ବାସଗୃହରେ କୌଣସି କାରଣରୁ ସଟସର୍କିଟ ହୋଇ ଅଗ୍ନି ସଂଯୋଗ ହୋଇଥିଲା । ପରିବାର ଲୋକେ ତୁରନ୍ତ ଚଣ୍ଡିଖୋଲ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ଏବଂ ଯଥାଶୀଘ୍ର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ । ଘରେ ଥିବା ଝୋଟ, ଚାଉଳ ଓ ଅତ୍ୟାବସିକ ସାମଗ୍ରୀ ନଷ୍ଟ ହୋଇ ଯାଇଛି । ଖବର ପାଇ ବିଜେଡି ନେତା ନିହାର ପ୍ରସାଦ ମହାପାତ୍ର ପହଞ୍ଚି ସହାୟତା ଯୋଗାଇ ଦେବା ସହ ତୁରନ୍ତ ସରକାରୀ ସହାୟତା ପୀଡ଼ିତଙ୍କ ପରିବାରକୁ ଯୋଗାଇ ଦେବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ପରିତ୍ୟକ୍ତ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ

ବିଞ୍ଝାରପୁର,୬।୧୦(ସମିସ): ବିଞ୍ଝାରପୁର ଥାନା ଅଧୀନ ରଘୁନାଥପୁର ପଞ୍ଚାୟତ ନରୁଆ ଗ୍ରାମରେ ଏକ ଅପରିତ୍ୟକ୍ତ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସନ୍ଦେହଜନକ ଅବସ୍ଥାରେ ଠାବ ହୋଇଛି । ମୃତକ ହେଲେ ନରୁଆ ଗ୍ରାମର ସୁବାସ ସେଠୀଙ୍କ ପୁଅ ବାଦଲ ସେଠୀ (୨୩) । ସୂଚନା ଅନୁଯାୟୀ, ମଙ୍ଗଳବାର କିଛି ଗ୍ରାମବାସୀ ଗାଁର ଏକ ପରିତ୍ୟକ୍ତ ଘର ମଧ୍ୟରେ ବାଦଲଙ୍କୁ ସନ୍ଦେହଜନକ ଅବସ୍ଥାରେ ଝୁଲୁଥିବା ଦେଖିଥିଲେ । ଏହା ଦେଖି ଗ୍ରାମବାସୀ ତୁରନ୍ତ ସ୍ଥାନୀୟ ସରପଞ୍ଚଙ୍କୁ ଖବର ଦେଇଥିଲେ । ସରପଞ୍ଚଙ୍କ ପକ୍ଷରୁ ଘଟଣା ସମ୍ପର୍କରେ ବିଞ୍ଝାରପୁର ଥାନାକୁ ସୂଚନା ଦିଆଯାଇଥିଲା ।ଖବର ପାଇ ବିଞ୍ଝାରପୁର ଥାନା ଅଧିକାରିଣୀ ପାର୍ବତୀ ମଲ୍ଲିକ ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୁଲିସ ଘଟଣାସ୍ଥଳ ଯାଞ୍ଚ କରିବା ସହ ଘଟଣାର ବିଭିନ୍ନ ଦିଗ ନେଇ ତଦନ୍ତ ଆରମ୍ଭ କରିଛି । ଯୁବକଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଘଟିଲା ଏବଂ ଏହା ପଛରେ କୌଣସି କାରଣ ରହିଛି କି ନାହିଁ, ତାହା ନେଇ ପୁଲିସ ତଦନ୍ତ ଚଳାଇଛି । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ଯାଞ୍ଚ ପରେ ମୃତ୍ୟୁ ସମ୍ପର୍କରେ ଅଧିକ ସ୍ପଷ୍ଟ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରିଣୀ ପାର୍ବତୀ ମଲ୍ଲିକ କହିଛନ୍ତି । ମୃତ୍ୟୁର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସର ତଦନ୍ତ ଓ ସାଇଣ୍ଟିଫିକ୍ ଯାଞ୍ଚ ପରେ ଘଟଣାର ସତ୍ୟତା ସ୍ପଷ୍ଟ ହେବ ବୋଲି ଜଣା ପଡିଛି ।

## ୫୪ଟି ଏସ୍‌ଏଚ୍‌ଜିକୁ ଆବର୍ତ୍ତନ ପାଣ୍ଠି ବଣ୍ଟନ

ଦଶରଥପୁର,୬।୧୦(ସମିସ): ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ସହ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦଶରଥପୁର ବ୍ଲକର ୫୪ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଇଛି । ଏହି ପାଣ୍ଠି ମିଳିବା ଫଳରେ ଗୋଷ୍ଠୀଗୁଡ଼ିକ ନିଜସ୍ୱ ଆୟ ବୃଦ୍ଧି କରିବା ସହ ବିଭିନ୍ନ ଜୀବିକାମୂଳକ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିପାରିବେ ବୋଲି ଆଶା ପ୍ରକାଶ ପାଇଛି । ଦଶରଥପୁର ବ୍ଲକର ୩୫ଟି ପଞ୍ଚାୟତ ମଧ୍ୟରୁ ସେଥିମଧ୍ୟରୁ ୨୩ଟି ଗୋଷ୍ଠୀକୁ ୩୦ ହଜାର ଟଙ୍କା ଲେଖାଏଁ ଏବଂ ଅନ୍ୟ ୩୧ଟି ଗୋଷ୍ଠୀକୁ ୧୫ ହଜାର ଟଙ୍କା ଲେଖାଏଁ ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ବ୍ଲକର ୫୪ଟି ଗୋଷ୍ଠୀକୁ ପ୍ରଦାନ କରାଯାଇଛି । ସରକାରଙ୍କ ଏହି ଆର୍ଥିକ ସହାୟତା ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ଆର୍ଥିକ ଗତିବିଧିକୁ ଅଧିକ ସକ୍ରିୟ କରିବାରେ ସହାୟକ ହେବ । ଗୋଷ୍ଠୀର ସଦସ୍ୟମାନେ ଏହି ଅର୍ଥକୁ ଉପଯୋଗ କରି ଛୋଟ ବ୍ୟବସାୟ, ଘରୋଇ ଉତ୍ପାଦନ, ପଶୁପାଳନ, କୃଷି ଓ ଅନ୍ୟାନ୍ୟ ଜୀବିକାମୂଳକ କାର୍ଯ୍ୟରେ ନିବେଶ କରି ନିଜ ଆୟ ବଢ଼ାଇବାର ସୁଯୋଗ ପାଇବେ । ମହିଳାମାନଙ୍କ ମଧ୍ୟରେ ସଞ୍ଚୟ ଅଭ୍ୟାସ ବୃଦ୍ଧି, ନିଜସ୍ୱ ଉଦ୍ୟମକୁ ପ୍ରୋତ୍ସାହନ ଏବଂ ଆର୍ଥିକ ସ୍ୱାଧୀନତା ହାସଲ ଦିଗରେ ଆବର୍ତ୍ତନ ପାଣ୍ଠି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ବିଶେଷକରି ଗ୍ରାମାଞ୍ଚଳର ମହିଳାମାନେ ଗୋଷ୍ଠୀ ମାଧ୍ୟମରେ ଏକାଠି ହୋଇ ବିଭିନ୍ନ ଆୟକାରୀ କାର୍ଯ୍ୟ କରିବାରେ ଏହି ପାଣ୍ଠି ସହାୟକ ହେବ ବୋଲି ଆଶା କରାଯାଉଛି । ଏ ସମ୍ପର୍କରେ ଦଶରଥପୁର ବ୍ଲକର ପ୍ରକଳ୍ପ ସଂଯୋଜକ ହିମାଂଶୁ ଶେଖର ଭଦ୍ର ସୂଚନା ଦେଇଛନ୍ତି । ଆଗାମୀ ଦିନରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ଏହି ପାଣ୍ଠିର ସୁବିନିଯୋଗ କରି ନିଜ ନିଜ ଅଞ୍ଚଳରେ ଜୀବିକାର ନୂଆ ସୁଯୋଗ ସୃଷ୍ଟି କରିବା ସହ ଆର୍ଥିକ ଭାବେ ସଶକ୍ତ ହେବେ ବୋଲି ଆଶା କରାଯାଉଛି ।

## ବକ୍ତୃତା ପ୍ରତିଯୋଗିତାରେ ଜିଲ୍ଲାରେ ପ୍ରଥମ

ମଇଁଦା,୬।୧୦(ସମିସ): ବିଞ୍ଝାରପୁର ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ଅଙ୍କିତ କୁମାର ମହାପାତ୍ର ବକ୍ତୃତା ପ୍ରତିଯୋଗିତାରେ ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଗାନ୍ଧୀ ଜୟନ୍ତୀ ପୂର୍ତ୍ତି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କର ତାଙ୍କୁ ପ୍ରମାଣ ପତ୍ର ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଅଙ୍କିତ, ଅତିଶ କୁମାର ମହାପାତ୍ର ଓ ପ୍ରଶାନ୍ତି ପାତ୍ରଙ୍କ ସୁପତ୍ର । ଏ ଖବର ପ୍ରଚାରିତ ହେବା ପରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ସୁବାସ ନାୟକ, ରଶ୍ମି ରଞ୍ଜନ ଧଳ, ଇପସିତା ସେଠୀ, ସୁକୁଲ ମୁର୍ମୁ, ବିଦ୍ୟା ସାଗର ବେହେରା, ବିରଞ୍ଚିନାରାୟଣ କର, ଅମୂଲ୍ୟ କୁମାର ସାମଲ, ସୁବାସିନା ରାଉତ, ପ୍ରକାଶ ସାହୁ, ଆଶାଲତା ଶତପଥୀ, ନିରୁପମା ରାଉତ, ବିଶ୍ୱମ୍ବର ସାମଲ, ଲିଳାବତି ଦାସ, ଦେବେନ୍ଦ୍ର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମହାପାତ୍ର ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

## ଛାତ୍ର ସଂସଦ ନିର୍ବାଚନ ନେଇ ଏସ୍‌ଜି କଲେଜ ଚଳଚଞ୍ଚଳ

ମଙ୍ଗଳପୁର,୬।୧୦(ସମିସ): ଦଶରଥପୁର ବ୍ଲକର ମୁଖ୍ୟ କଲେଜ ଭାବରେ କନିକାପଡାଠାରେ ଥିବା ସାଧୁଗୌରେଶ୍ୱର ମହାବିଦ୍ୟାଳୟ (ଏସ୍‌ଜି କଲେଜ) ପରିଚିତ ଅଟେ । ଦୀର୍ଘ ୮ ବର୍ଷ ବ୍ୟବଧାନ ପରେ ଛାତ୍ର ସଂସଦ ନିର୍ବାଚନ ଆସନ୍ତା ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବାରୁ ଏନେଇ କଲେଜରେ ପଢୁଥିବା ଯୁକ୍ତ ୩ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିବା ବେଳେ କଲେଜ ପରିଷର ଏକ ପ୍ରକାର ଚଳଚଞ୍ଚଳ ହୋଇ ଉଠିଥିବା ଦେଖିବା ପାଇଁ ମିଳିଛି । ପ୍ରକାଶଯେ ଏହି କଲେଜରେ ସର୍ବାଧିକ ଭାବରେ ଛାତ୍ର ବିଜେଡିର ପ୍ରାର୍ଥୀ ମାନେ ବିଜୟ ଲାଭ କରିଥିବା ବେଳେ ଖୁବ କମ ଥର କଂଗ୍ରେସ, ସ୍ୱାଧୀନ ଓ ବାମପନ୍ଥୀ ଦଳର ପ୍ରାର୍ଥୀ ମାନେ ବିଜୟ ଲାଭ କରିଥିବାର ଜଣାଯାଏ । ତେବେ ପ୍ରଥମ ଥର ପାଇଁ ବିଜେପି ପ୍ରାର୍ଥୀ ମାନେ ନିର୍ବାଚନ ମୈଦାନକୁ ଆସିବା ସହ ବିଜେଡି ଓ କଂଗ୍ରେସ ଏବଂ ବିଜେପି ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବାର ଆଲୋଚନା ହେଉଛି । ଏଥିପାଇଁ ସମସ୍ତ ଦଳ ପକ୍ଷରୁ ରଣନୀତି ଆରମ୍ଭ ହୋଇଥିବା ଦେଖା ଯାଇଛି । ଅନ୍ୟ ପକ୍ଷରେ ବହୁ ବିଳମ୍ବରେ ହେଲେ ମଧ୍ୟ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବାରୁ ଏନେଇ ଛାତ୍ରଛାତ୍ରୀ ମହଲ, ଅଭିଭାବକ ମହଲ ଓ ବୁଦ୍ଧିଜୀବୀ ମହଲରେ ଆନନ୍ଦ ପ୍ରକାଶ ପାଇଛି ।

## ଗୁହାଳିରେ ଶିଶୁ ସୁରଭି ମହୋତ୍ସବ



ବିଞ୍ଝାରପୁର,୬।୧୦(ସମିସ): ଗୁହାଳି ପଞ୍ଚାୟତ ମଧ୍ୟ ବିଦ୍ୟାଳୟ ପରିସରରେ ଶିଶୁ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଘଣ୍ଟିଆଳି ଗ୍ରାମପଞ୍ଚାୟତର ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପାଲାଗାୟକ ନକୁଳ ନାଥ ଶର୍ମା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସାହୁ, ସୁରେନ୍ଦ୍ର କୁମାର ନାୟକ, ଜଗବନ୍ଧୁ ଧଳ ଯୋଗଦେଇଥିଲେ । ବିଚାରକ ଭାବେ ଅଭୟ ଚରଣ ଖୁଣ୍ଟିଆ, ଗୌରାଙ୍ଗ ଚରଣ ସ୍ୱାଇଁ, ବାଦଲ ରାଉତ, ସୁଧାଂଶୁ ଶେଖର ସାମଲ, ପଞ୍ଚାନନ ବେହେରା, ଅକ୍ଷୟ କୁମାର ସେଠୀ ଦାୟିତ୍ୱ ତୁଲାଇଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା ପ୍ରିୟଦର୍ଶିନୀ ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୁଶ୍ରୀ କରିନା ନାୟକ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷକ ଅଚ୍ୟୁତାନନ୍ଦ ଧଳ, ଅନ୍ନଦା ପ୍ରଧାନ, ସଞ୍ଜୟ କୁମାର ବାରିକ, ରଞ୍ଜିତ ରଞ୍ଜନ ଦାସ, ଅରୁଣ କୁମାର ନାଥ, ଅଶୋକ କୁମାର ନାୟକ, ବସନ୍ତ କୁମାର ମଲ୍ଲିକ, ଅକ୍ଷୟ କୁମାର ଧଳ, ଶିକ୍ଷୟିତ୍ରୀ ଅପରାଜିତା ଦାସ, ଆଶାଲତା ଶତପଥୀ, ପଦ୍ମାଳୟା ସାହୁ, ସୌଭାଗିନୀ ମହାପାତ୍ର, ସରୋଜିନୀ ଦାସ, ନିଶିଗନ୍ଧା ନାୟକ, ଶୁଭସ୍ମିତା ସାହୁ, ଇପ୍ସିତା ଦାସ, ରଞ୍ଜିତା ସାହୁ, ସୁନିତା ସାହୁ ପ୍ରମୁଖ ସହଯୋଗ କରିଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ । ଲକ୍ଷ୍ମୀନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ମୋବାଇଲ ଲୁଟେରା ସନ୍ଦେହରେ ୬ ଅଟକ

ଧର୍ମଶାଳା,୬।୧୦(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ସାରୋଇ ଛକ ନିକଟସ୍ଥ ହାଇଲେବୁଲ କେନାଲ ରାସ୍ତାରୁ ସନ୍ଦେହ ଜନକ ଅବସ୍ଥାରେ ୬ ଜଣ ଯୁବକଙ୍କୁ ସ୍ଥାନୀୟ ଲୋକମାନେ କାବୁ କରି ପୁଲିସ ଜିମା ଦେଇଥିବା ଜଣାପଡିଛି । ଧର୍ମଶାଳା ପୁଲିସ ୬ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡିଛି । ଗ୍ରାମବାସୀମାନଙ୍କ ଦ୍ୱାରା ଧରା ଯାଇଥିବା ସମସ୍ତ ଯୁବକ କେନ୍ଦ୍ରାପଡା ଅଞ୍ଚଳର ବୋଲି ଜଣାପଡିଛି । ଏକ ନିକାଞ୍ଚନ ସ୍ଥାନରେ ୬ ଜଣ ଯୁବକ ବସିଥିବା ଦେଖି ସ୍ଥାନୀୟ ଲୋକମାନେ ସନ୍ଦେହ କରିବା ସହିତ ସେମାନଙ୍କୁ କାବୁ କରିଥିଲେ । ବିଭିନ୍ନ ଗାଡିରୁ ମୋବାଇଲ ଫୋନ ଲୁଟୁଥିବା ସନ୍ଦେହ କରି ସ୍ଥାନୀୟ ଲୋକମାନେ ସେମାନଙ୍କୁ ପୁଲିସ ଜିମ୍ମା ଦେଇଥିବା ଜଣାପଡିଛି । ପୁଲିସ ତଦନ୍ତ ବେଳେ ସମସ୍ତ ଅଟକ ଯୁବକଙ୍କୁ ପଚରା ଉଚରାରେ ନିଶା ସେବନ ପାଇଁ ସେମାନେ ସେଠାରେ ବସିଥିବା ନେଇ ପୁଲିସ ଆଗରେ ସ୍ୱିକାର କହିଛନ୍ତି ବୋଲି ପୁଲିସ ସୂଚନା ଦେଇଛି ।

## ଜନ୍ମଦିନରେ ବୃକ୍ଷରୋପଣ ଓ ଖାଦ୍ୟ ବଣ୍ଟନ



ବ୍ୟାସନଗର,୬।୧୦(ସମିସ): ବ୍ୟାସନଗରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଶହୀଦ ଭଗତ ସିଂ ଯୁବକ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳ (ରାଜୁଭାଇ)ଙ୍କ ଜନ୍ମଦିନ ଅବସରରେ ଶ୍ରୀମା ଅରବିନ୍ଦ ଶିକ୍ଷାକେନ୍ଦ୍ର, ତରାପୁରଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପରେ ଶ୍ରୀ ବିଶ୍ୱାଳଙ୍କ ଜନ୍ମଦିନ ଅବସରରେ ଶିକ୍ଷାକେନ୍ଦ୍ର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସୁଭାଷ ଧଳ, ଭାଗୀରଥି ବାରିକ, ସିପିଆଇର ଆଲୋକ ମହାନ୍ତି, ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ତଥା ବୁଦ୍ଧିଜୀବୀ ଅରୁଣ କୁମାର ସାହୁ, ସହପ୍ରତିଷ୍ଠାତା ସସ୍ମିତା ପଥାଳ ଏବଂ ସମସ୍ତ ଗୁରୁମା, ଗୁରୁଜୀ ବୃନ୍ଦ, ଏବଂ ଶିକ୍ଷାକେନ୍ଦ୍ରର ଛାତ୍ର, ଛାତ୍ରୀ, ଶହୀଦ ଭଗତ ସିଂ ଯୁବକ ସଂଘର ସଂଘର ସମ୍ପାଦକ ହେମନ୍ତ କୁମାର ଧୀର, କାର୍ଯ୍ୟକାରୀ ସମ୍ପାଦକ ରମେଶ ବିଶ୍ୱାଳ, କୋଷାଧ୍ୟକ୍ଷ ପରେଶ ଦାଶ, ବରିଷ୍ଠ ସଭ୍ୟ ମହେଶ୍ୱର ନାୟକ, ଦୀପକ ଦାଶ, ବିଜୟ ନନ୍ଦୀ, ସାହିଲ ବୋଇତାଇ, ତପନ ସିଂ, ହେମନ୍ତ କୁମାର ନାୟକ, ଆଶିଷ ମଲ୍ଲିକ ଯୋଗଦେଇଥିଲେ ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ବିଞ୍ଝାରପୁର,୬।୧୦(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଇଁଦା ଅଞ୍ଚଳର ଧର୍ମପରାୟଣା ମହିଳା ପ୍ରଭାତୀ ପରିଡ଼ାଙ୍କ ମଙ୍ଗଳବାର ବିୟୋଗ ଘଟିଛି । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ସ୍ନେହଶୀଳ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ । ତାଙ୍କ ବିୟୋଗ ଖବର ପାଇ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ଯୁବ ସାମାଜିକ କର୍ମୀ କୈଳାସ ସେଠୀ, ଯୁବ ବିଜେଡି ସଭାପତି ଦିଲୀପ ରାଉଳ, ଛାତ୍ର ବିଜେଡି ସଭାପତି ଲେନିନ ଦାସ, ସାମାଜିକ କର୍ମୀ ଜିତେନ୍ଦ୍ର ପ୍ରଧାନ, ସରପଞ୍ଚ କାର୍ତ୍ତିକ ଧଳ, ଆଇନଜୀବୀ ମନଗୋବିନ୍ଦ ଧଳ, ଶିକ୍ଷାବିତ୍ ରଞ୍ଜନ ଧଳ, ଧ୍ରୁବଚରଣ ସେଠୀ, କାମଦେବ ଧଳ, ହେମେନ୍ଦ୍ର ସାମଲ, ରୋମିଓ ରୋପଣ ରାଉତ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତା ପରିଡ଼ାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ରବୀନ୍ଦ୍ର କୁମାର ପରିଡ଼ା, ଶଶିକାନ୍ତ ପରିଡ଼ା, ପ୍ରଦୀପ ପରିଡ଼ାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ । ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ନିକଟସ୍ଥ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା ।

## ଗ୍ଲୋବାଲ୍ ପିସ୍ ଫାଉଣ୍ଡେସନର ବାର୍ଷିକ ଉତ୍ସବ




ଯାଜପୁର ଟାଉନ,୬।୧୦(ସମିସ): ଗ୍ଲୋବାଲ୍ ପିସ୍ ଫାଉଣ୍ଡେସନର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠାନର ଅଧ୍ୟକ୍ଷ ଡାକ୍ତର ରାଜକିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସରକାରୀ ବାଳିକା ବିଦ୍ୟାଳୟ ଯାଜପୁର ଟାଉନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ "ବିଶ୍ୱରେ ଶାନ୍ତି ସମ୍ଭବ କି?' ଶୀର୍ଷକ ଆଲୋଚନାଚକ୍ରକୁ ଯାଜପୁରର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ଶାନ୍ତି ସମ୍ଭବ ଓ ଅସମ୍ଭବ ଉଭୟ ସପକ୍ଷରେ ଯୁକ୍ତି ବାଢିଥିଲେ । ଗ୍ଲୋବାଲ ପିସ୍ ଫାଉଣ୍ଡେସନର ଅଧ୍ୟକ୍ଷ୍ୟ ଡା. ରାଜକିଶୋର ପଣ୍ଡା ବିଶ୍ୱଶାନ୍ତି ଓ ଅଶାନ୍ତିର କାରଣ ଓ ନିରାକରଣ ଉପରେ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଫେସର ରବି ରାୟ, ସମାଜସେବୀ ପଦ୍ମାକର ଗୁରୁ ଯୋଗଦେଇଥିଲେ । ସମାଜସେବୀ ସତ୍ୟରଞ୍ଜନ କର ଅତିଥି ପରିଚୟ ଦେଇଥିବା ବେଳେ ସ୍ୱାଗତ ଅଭିଭାଷଣ ଦାମୋଦର ବେହେରା ଦେଇଥିଲେ । ଗ୍ଲୋବାଲ୍ ପିସ୍ ଫାଉଣ୍ଡେସନର ପିସ ଆୱାର୍ଡ ରମାକାନ୍ତ ମଣ୍ଡଳଙ୍କୁ ପ୍ରଦାନ କରାଯାଇଥିଲା । ବକ୍ତୃତା ପ୍ରତିଯୋଗିତାରେ ବିଜେତା ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଗିରିଶ ବିହାରୀ ମିଶ୍ର ଧନ୍ୟବାଦ ଦେଇଥଲେ । ପ୍ରଫେସର ଉଦୟନାଥ ପରିଡା, ତରୁଣ ନନ୍ଦ, ନାରାୟଣ ଚନ୍ଦ୍ର ଚୌଧୁରୀ, କାମେଶ୍ୱର ପଣ୍ଡା, ଅମ୍ବିକା ସାମଲ, ଗୁରୁକୃଷ୍ଣ ଦାଶ, ପ୍ରଭାସ ଦାସ, ପୃଥ୍ୱୀରାଜ ଦାସ, ପୁଷ୍ପାଞ୍ଜଳି ମହାରଣା, ଗଦାଧର ପରିଛା, ସନ୍ତୋଷ ଦାସଙ୍କ ସହ ଯାଜପୁର ଜିଲ୍ଲାର ବହୁ ବୁଦ୍ଧିଜୀବୀ, ଛାତ୍ର, ଯୁବକ ଓ ମହିଳା ଉକ୍ତ ଆଲୋଚନାଚକ୍ରରେ ଭାଗ ନେଇଥିଲେ । ଜୀବନ କୁମାର ପଣ୍ଡା, ରମେଶ ମହାରଣା, ପ୍ରକାଶ ସାମନ୍ତ, ଦୁର୍ଗା ସେଠୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଚକ୍ରରେ ସହଯୋଗ କରିଥିଲେ ।

# ବିଞ୍ଝାରପୁରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ବିଞ୍ଝାରପୁର,୬।୧୦(ସମିସ):



ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଛି ବିଜୁ ଜନତା ଦଳର ବାର୍ଷିକ ଜନସମ୍ପର୍କ ପଦଯାତ୍ରା । ଏହି କ୍ରମରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୨୫ ନଂ ଜୋନ୍‌ର ବିତନା ପଞ୍ଚାୟତରୁ ମଙ୍ଗଳବାର ପଦଯାତ୍ରାର ଶୁଭାରମ୍ଭ ହୋଇଛି । ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଏହି ପଦଯାତ୍ରା ଚାଲିବ । ଦଳୀୟ ନେତା ଓ କର୍ମୀମାନେ ଗାଁ, ୱାର୍ଡ ଓ ବ୍ଲକ୍‌ସ୍ତରରେ ଲୋକଙ୍କ ନିକଟକୁ ଯାଇ ଜନସମ୍ପର୍କ ସ୍ଥାପନ କରିବେ । ବିତନା ପଞ୍ଚାୟତ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ପଡ଼ିଆରୁ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବିଧାୟିକା ପ୍ରମିଳା ମଲ୍ଲିକ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସେ ବିଜେଡିର କାର୍ଯ୍ୟ ଓ ଲୋକଙ୍କ ପାଇଁ କରିଥିବା ବିଭିନ୍ନ କାମର ଉଲ୍ଲେଖ କରିବା ସହ ଦଳ ସବୁବେଳେ ଲୋକଙ୍କ ହୃଦୟରେ ରହିଛି ଏବଂ ଆଗକୁ ମଧ୍ୟ ରହିବ ବୋଲି କହିଥିଲେ । ରାଜ୍ୟର ବର୍ତ୍ତମାନ ସ୍ଥିତିକୁ ନେଇ ପ୍ରମିଳା ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । ପିଲାଙ୍କ ପାଠପଢ଼ା ପାଇଁ ପାଠ୍ୟପୁସ୍ତକର ଅଭାବ, ବୟସ୍କଙ୍କ ପେନ୍‌ସନ୍, ଚାଷୀ ଓ ମହିଳାଙ୍କ ସମସ୍ୟା ଏବଂ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ । ଖଣି ନୀତି ପ୍ରସଙ୍ଗରେ ମଧ୍ୟ ପ୍ରମିଳା କେନ୍ଦ୍ର ଓ ରାଜ୍ୟର ବିଜେପି ସରକାରକୁ ଟାର୍ଗେଟ କରିଥିଲେ । ଖଣି ସମ୍ପଦ ଉପରେ ଓଡ଼ିଶାବାସୀଙ୍କ ଅଧିକାର କ୍ଷୁଣ୍ଣ ହେଉଥିବା ବିଜେଡିର ଅଭିଯୋଗକୁ ସେ ଦୋହରାଇଥିଲେ । ଏହି ପ୍ରସଙ୍ଗରେ ରାଜ୍ୟ ସରକାର ନିରବ ରହିଥିବା ଏବଂ ଓଡ଼ିଶାର ୨୦ ଜଣ ବିଜେପି ସାଂସଦ ମଧ୍ୟ ଆବଶ୍ୟକ ସ୍ୱର ଉଠାଉନଥିବା ସେ ଅଭିଯୋଗ କରିଥିଲେ । ପାଠ୍ୟପୁସ୍ତକରେ ତ୍ରୁଟି ଥିବା ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରି ପ୍ରମିଳା କହିଥିଲେ, ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ରହିଛି । ଏଥିପାଇଁ ସରକାର ଉତ୍ତରଦାୟିତ୍ୱ ନେଉନାହାନ୍ତି । ଏଥିସହ ରାଜ୍ୟର ରାଜସ୍ୱ ଓ ଋଣଭାରକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ । ରାଜସ୍ୱ ସଂଗ୍ରହ କମୁଥିବା, ବଜେଟ୍‌ରେ ବ୍ୟୟବରାଦ ହୋଇଥିବା ଅର୍ଥ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରୁନଥିବା ସତ୍ତ୍ୱେ ରାଜ୍ୟର ଋଣଭାର ବଢ଼ିଚାଲିଥିବା ସେ ଦାବି କରିଥିଲେ । "ଟଙ୍କା ଯାଉଛି କୁଆଡ଼େ?' ବୋଲି ସେ ପ୍ରଶ୍ନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବ୍ଲକ ଅଧ୍ୟକ୍ଷା ରଂଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ମାମିନା ମଲ୍ଲିକ, ବିଜେଡି ସଂଯୋଜକ ପ୍ରଦୀପ ମହାନ୍ତି, ଛାତ୍ର ବିଜେଡି ସଭାପତି ଲେନିନ୍ କୁମାର ଦାସ, ଯୁବ ବିଜେଡି ସଭାପତି ଦିଲ୍ଲୀପ କୁମାର ରାଉଳଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ ।

ସକାଳ
THE SAKALA

# ସମ୍ପାଦକୀୟ



କ୍ରମାଗତ ଅଭ୍ୟାସ ବଳରେ ସ୍ୱୟଂସମ୍ପୂର୍ଣ୍ଣତା ସମ୍ଭବ।
-ବ୍ରୁସ୍ ଲି

## ସତର୍କ ସଙ୍କେତ

ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ଗୋଟିଏ ସପ୍ତାହ ମଧ୍ୟରେ ୧୮, ୩୪୦ କୋଟି ଡଲାର ହ୍ରାସ ପାଇଛି। ଏବେ ଭଣ୍ଡାରରେ ମାତ୍ର ୭୪, ୭୫୬ କୋଟି ଡଲାର ରହିଛି। ତିନି ସପ୍ତାହ ଧରି ହ୍ରାସର ଧାରା ଜାରି ରହିଛି। ଏହି ପରିସଂଖ୍ୟାନ ଉଦ୍‌ବେଗଜନକ ନ ହେଲେ ମଧ୍ୟ ହାଲ୍‌କା ଭାବରେ ନିଆଯାଇପାରିବ ନାହିଁ। ଡଲାର ତୁଳନାରେ ୟୁରୋ, ପାଉଣ୍ଡ ଓ ୟେନ୍ ମୂଲ୍ୟ ପରିବର୍ତ୍ତନ ଏବଂ ସୁନା ମୂଲ୍ୟର ଉତ୍ଥାନ-ପତନ ଆଦି କାରକ ଭାରତୀୟ ବୈଦେଶିକ ମୁଦ୍ରାଭଣ୍ଡାରର ମୂଲ୍ୟକୁ ପ୍ରଭାବିତ କରୁଛି। କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି ମୁଦ୍ରାଭଣ୍ଡାର କାହିଁକି ଏତେ ଦ୍ରୁତଗତିରେ ହ୍ରାସ ପାଉଛି? ସହଜ ଓ ସରଳ ଉତ୍ତର ହେଲା - ଡଲାର ତୁଳନାରେ ଟଙ୍କାର ଦୁର୍ବଳତା, ଅଧିକ ଆମଦାନୀ ଖର୍ଚ୍ଚ, ତେଲ ଦର ବୃଦ୍ଧି, ଆମେରିକୀୟ ସୁଧହାରର ପ୍ରଭାବ ଏବଂ ବିଶ୍ୱ ବଜାରରେ ଡଲାର ଓ ସୁନା ଚାହିଦା ବୃଦ୍ଧି। କିନ୍ତୁ ଏହି ଉତ୍ତର ଦୀର୍ଘମିଆଦରେ ସନ୍ତୋଷଜନକ ହେବା ଉଚିତ ନୁହେଁ। ମୁଦ୍ରାଭଣ୍ଡାରର ସାମ୍ପ୍ରତିକ ସ୍ଥିତି ଏକ ସ୍ପଷ୍ଟ ସଙ୍କେତ ଦେଉଛି ଯେ ଆଗକୁ ଆସୁଥିବା ବଡ଼ ଅର୍ଥନୈତିକ ମାନ୍ଦାବସ୍ଥା ପାଇଁ ଭାରତ ଏବେଠାରୁ ପ୍ରସ୍ତୁତ ରହିବାକୁ ପଡ଼ିବ।



ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେଲେ ସ୍ୱାଭାବିକ ଭାବରେ ଭାରତୀୟ ରିଜର୍ଭ ବ୍ୟାଙ୍କ ହସ୍ତକ୍ଷେପ କରେ। ଏହା ଏକ ଗତାନୁଗତି ନୀତିଗତ ପଦକ୍ଷେପ। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ନୀତିଗତ ସନ୍ତୁଳନ ଅତ୍ୟନ୍ତ ଜରୁରୀ। ସମ୍ପ୍ରତି ଆରବିଆଇର ନୀତିଗତ ସଂସ୍କାର ଯୋଗୁଁ ଗତ ଜୁନ୍ ୮ରୁ ସେପ୍ଟେମ୍ବର ୧୮ ତାରିଖ ମଧ୍ୟରେ ପ୍ରାୟ ୧୪, ୩୫୦ କୋଟି ଡଲାରର ଅନ୍ତଃସ୍ରୋତ ସୃଷ୍ଟି ହୋଇଛି। ଏହା ମୁଦ୍ରାଭଣ୍ଡାର ଚାପକୁ ହ୍ରାସ କରିବାରେ କିଛି ପରିମାଣରେ ସହାୟତା କରିଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର ବା ଦୀର୍ଘମିଆଦୀ ସମାଧାନ ଭାବେ ଗ୍ରହଣ କରିନେବା ଠିକ୍ ହେବ ନାହିଁ। କାରଣ ନିବେଶକଙ୍କ ମତିଗତି ପ୍ରତିମୁହୂର୍ତ୍ତରେ ବଦଳୁଛି। ସେମାନେ ଯଦି ପୁଣି ଭାରତରୁ ମୁହଁ ଫେରାନ୍ତି ତେବେ ମୁଦ୍ରାଭଣ୍ଡାର ଉପରେ ଅତ୍ୟଧିକ ଚାପ ପଡ଼ିବ। ତେଣୁ ଦୀର୍ଘସ୍ଥାୟୀ ପ୍ରତିକାର ସ୍ୱରୂପ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରି ଘରୋଇ ଉତ୍ପାଦନକୁ ଅଧିକ ପ୍ରତିଯୋଗୀ କରିବା ଆବଶ୍ୟକ। ସେହିପରି ସେବା ରପ୍ତାନି, ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ଓ ଦୀର୍ଘମିଆଦୀ ବିଦେଶୀ ପୁଞ୍ଜି ପ୍ରବାହକୁ ଅଧିକ ସୁଦୃଢ଼ କରିବା ଦରକାର। ●

## ଅସୁରକ୍ଷିତ ହର୍ମୁଜ୍

ଯୁଦ୍ଧର ନିଆଁ କେବଳ ଆକାଶ ଓ ଭୂମିରେ ସୀମିତ ରହେ ନାହିଁ; ତାହାର ତାପ ସମୁଦ୍ରପଥକୁ ମଧ୍ୟ ଉଷ୍ମ ଓ ଅସୁରକ୍ଷିତ କରିଦିଏ। ଓମାନ ଉପକୂଳ ନିକଟରେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ପାନାମା ପତାକାବାହୀ ବାଣିଜ୍ୟିକ ଜାହାଜ 'ଏମ୍‌ଟି ଅନ୍ ପିସ୍' ଉପରେ ଆକ୍ରମଣ ଉପରୋକ୍ତ ଉକ୍ତିକୁ ପ୍ରମାଣିତ କରିଛି ଏବଂ ଭାରତ ପାଇଁ ପୁଣି ଥରେ ଚିନ୍ତା କାରଣ ହୋଇଛି। ଉକ୍ତ ଜାହାଜରେ ୧୯ ଜଣ ନାବିକଙ୍କ ମଧ୍ୟରୁ ୧୭ ଜଣ ଭାରତୀୟ ଥିବା ବେଳେ ଆକ୍ରମଣରେ ଆହତ ୧୨ ଜଣ ନାବିକଙ୍କ ମଧ୍ୟରୁ ୧୧ ଜଣ ଭାରତୀୟ। ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ବାଣିଜ୍ୟିକ ଜାହାଜ, ନାବିକ ଓ ବେସାମରିକ ଭିତ୍ତିଭୂମିକୁ ଯୁଦ୍ଧ ଅଂଶୀଦାର ଭାବେ ବିବେଚନା ନ କରିବାକୁ ପରାମର୍ଶ ଦେଇଛି।

ହର୍ମୁଜ୍ ବିଶ୍ୱ ଜଳପଥର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରଣାଳୀ। ମଧ୍ୟପ୍ରାଚ୍ୟର ତୈଳ ଓ ଗ୍ୟାସ୍ ପରିବହନର ବଡ଼ ଅଂଶ ଏହି ସଂକୀର୍ଣ୍ଣ ଜଳପଥ ଉପରେ ନିର୍ଭରଶୀଳ। ତେଣୁ ଏଠାରେ ଯୁଦ୍ଧ ଉତ୍ତେଜନାର ପ୍ରଭାବ ଆଞ୍ଚଳିକ ସୀମା ସରହଦ ଡେଇଁ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଯୁଦ୍ଧରେ କୌଣସି ସମ୍ପୃକ୍ତି ନଥିବା ବାଣିଜ୍ୟ ପୋତର ନାବିକମାନେ ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। ସେମାନେ ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକାର ସୁରକ୍ଷା ପାଇଁ ସମୁଦ୍ରରେ ବିପଜ୍ଜନକ ଯାତ୍ରା କରନ୍ତି। ତେଣୁ ସେମାନଙ୍କ ଉପରେ ଆକ୍ରମଣ ମାନବିକତା ଓ ଅନ୍ତର୍ଜାତୀୟ ସାମୁଦ୍ରିକ ନିୟମର ଉଲ୍ଲଙ୍ଘନ। ବିଶେଷକରି ଭାରତ ପାଇଁ ଏହି ପ୍ରସଙ୍ଗ ଆହୁରି ସମ୍ବେଦନଶୀଳ। ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ୟୁରୋପ ସହ ଭାରତର ସାମୁଦ୍ରିକ ନୌବାଣିଜ୍ୟରେ ଏହି ନାବିକମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ତେଣୁ ପଣ୍ୟବାହୀ ଜାହାଜର ନାବିକଙ୍କ ଉପରେ ଆକ୍ରମଣ ବୈଦେଶିକ ନୀତି, କୂଟନୀତି, ବାଣିଜ୍ୟ ନୀତି ଏବଂ ସର୍ବୋପରି ଭୂରାଜନୀତିର ଅଂଶବିଶେଷ।

ଅସ୍ତ୍ର ଉତ୍ତେଜନା ସୃଷ୍ଟିକରେ। ଅପରପକ୍ଷରେ ଶାନ୍ତି ଦାୟିତ୍ୱବୋଧର ପ୍ରତୀକ। ଅସ୍ତ୍ରର ପ୍ରାବଲ୍ୟ ବଢ଼ିଲେ ଶାନ୍ତି ବ୍ୟାହତ ହୁଏ ଏବଂ ମାନବ ସଭ୍ୟତା ପ୍ରଭାବିତ ହୁଏ। ତେଣୁ ମଧ୍ୟପ୍ରାଚ୍ୟ, ବିଶେଷକରି ହର୍ମୁଜ୍‌ରେ ଶାନ୍ତି ପ୍ରତିଷ୍ଠା ସମଗ୍ର ମାନବ ସଭ୍ୟତାର ସୁରକ୍ଷା ପାଇଁ ଅପରିହାର୍ଯ୍ୟ। ●

## କ୍ୟାମ୍ପସ୍‌କୁ ଫେରିଲା ଗଣତନ୍ତ୍ର

ଡ଼. ସ୍ୱାଧୀନ କୁମାର ଦାଶ

କଲେଜ ଜୀବନର କିଛି ସ୍ମୃତି ସମୟ ବିତିଲେ ବି ମନରୁ ପାଶୋରି ହୁଏ ନାହିଁ। ବିଶେଷକରି କଲେଜ ନିର୍ବାଚନ ସମୟର ହାତଲେଖା ଚିଠି, ପୋଷ୍ଟର ଓ ଚକ୍‌ଖଡ଼ିରେ କାନ୍ଥବାଡ଼ରେ 'ମୋତେ ଥରେ ସୁଯୋଗ ଦିଅ'ର ନିବେଦନ ଏବଂ କିଏ କେତେ ଛାତ୍ରଛାତ୍ରୀଙ୍କୁ ନିଜ ସପକ୍ଷରେ ନେଇପାରୁଛି ତା'ର ପ୍ରତିଯୋଗିତା ସତରେ ନିଆରା। କିନ୍ତୁ ଆମେ ସେହି ସମୟରେ ବୁଝି ନ ଥିଲୁ ଏହି ଛାତ୍ର ନିର୍ବାଚନ ଗଣତନ୍ତ୍ରର ପାଠ ପଢ଼ାଏ ବୋଲି। ଅନ୍ୟମୁହଁରେ ନିଜର କଥା ବା ପ୍ରଶଂସା କୁହାଇବାର କଳାକୌଶଳର ଅୟମାରମ୍ଭ ହିଁ ହେଉଥିଲା ସେହି ନିର୍ବାଚନ ପରିପ୍ରେକ୍ଷୀରେ। ଛାତ୍ରରାଜନୀତିର ମୂଳଉଦ୍ଦେଶ୍ୟ - ଛାତ୍ରଛାତ୍ରୀଙ୍କର ଚିନ୍ତାଧାରା ଓ ନିଷ୍ପତ୍ତିକୁ ଉକ୍ତ ଅନୁଷ୍ଠାନ ସହ ଆଲୋଚନା, ମନ୍ତ୍ରଣା ଓ ସହମତି ଭିତ୍ତିରେ କାର୍ଯ୍ୟକାରୀ କରିବା ଯଥା - ପାଠପଢ଼ା, ପରିବେଶ, ପାଠାଗାର, ହଷ୍ଟେଲ, କ୍ୟାଣ୍ଟିନ, ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ, ନାରୀସୁରକ୍ଷା, କ୍ୟାମ୍ପସରେ ଶୃଙ୍ଖଳା, ମୌଳିକ ସୁବିଧା ଓ ଛାତ୍ରଛାତ୍ରୀଙ୍କ ଅଧିକାର ସହ ଜଡ଼ିତ ପ୍ରସଙ୍ଗ। ସମୟ ସହ କ୍ୟାମ୍ପସ ବଦଳିଛି, ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଓ ସମସ୍ୟା ବଦଳିଛି। ହାତଲେଖା ପୋଷ୍ଟର ଓ ସେଣ୍ଟମରା ପୁସିଙ୍ଗକାର୍ଡ଼ ବଦଳରେ ସୋସିଆଲ ମିଡିଆ ପ୍ରଚାରପ୍ରସାରର ପ୍ରମୁଖ ମାଧ୍ୟମ ପାଲଟିଛି।

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ମଣିଷ ତିଆରି କାରଖାନା ଓ ବିଦ୍ୟାର ମନ୍ଦିର ସହ ତୁଳନା କରାଯାଏ। ଏହାକୁ ଗଣତନ୍ତ୍ରର ପ୍ରାଥମିକ ପ୍ରୟୋଗଶାଳା କହିବା ମଧ୍ୟ ଅତ୍ୟୁକ୍ତି ହେବନି। କିନ୍ତୁ ଏହି ପ୍ରୟୋଗଶାଳା ବିଦ୍ୟାମନ୍ଦିର ଯଦି ନିର୍ବାଚନ ନାମରେ ମାତ୍ରାଧିକ ରାଜନୈତିକ ଦଳଙ୍କ ହସ୍ତକ୍ଷେପ, ଅର୍ଥବଳ, ବାହୁବଳ, ହିଂସାର କ୍ଷେତ୍ର ପାଲଟେ ତେବେ ତ କଥା ସରିଲା। ଗୋଷ୍ଠୀ ସଂଘର୍ଷ, ଧମକ, ଅଶାନ୍ତି ବାତାବରଣ ଦିନକୁ ଦିନ ଛାତ୍ର ସମାଜକୁ ଅବକ୍ଷୟମୁଖୀ କରାଉଛି। ବର୍ତ୍ତମାନ ପ୍ରଶ୍ନ ଉଠୁଛି ୨୦୧୭ ଛାତ୍ର ସଂସଦ ନିର୍ବାଚନ ପରେ ୨୦୧୮ ତିତ୍‌ଲି ବାତ୍ୟାକୁ ନେଇ ସରକାର ନିର୍ବାଚନ ବାତିଲ କରିଥିଲେ। ସୁତରାଂ ଏଯାବତ୍ ନିର୍ବାଚନ ହୋଇପାରିନଥିଲା। ହଠାତ୍ ଓଡ଼ିଶା ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପତ୍ରସଂଖ୍ୟା ୫୩୨୩୭- ତା-୦୫.୧୦/୨୦୨୬ ରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଚଳିତ ଅକ୍ଟୋବର ୯ ରେ ନାମାଙ୍କନ, ୧୫ ଅକ୍ଟୋବର ସକାଳ ୮ଟାରୁ ଅପରାହ୍ନ ୨ଟା ଯାଏ ଭୋଟ, ଗଣତି ଓ ଫଳାଫଳ ଘୋଷଣା ଏବଂ ୧୬ରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। କିନ୍ତୁ ଏବେ ସବୁଠାରୁ ତୀକ୍ଷ୍ଣ ପ୍ରଶ୍ନ ମନକୁ ଆସୁଛି - ଏହି ନିର୍ବାଚନଟି ସମସ୍ତ ରାଜନୈତିକ ଦଳ ନିଜର କଳବଳ ଖର୍ଚ୍ଚ କରି ସବୁବର୍ଗଙ୍କୁ ନିଜ ସପକ୍ଷକୁ ଆଣିବାର ଅଭିସନ୍ଧି ନୁହେଁ ତ? ନିର୍ବାଚନର ନିୟମ ମଧ୍ୟ କଡ଼ା କରାଯାଇଥିବାର ଉପସ୍ଥାପିତ ବିଜ୍ଞପ୍ତି ପଢ଼ିଲେ ଜଣାଯାଏ। ଜଣେ ପ୍ରାର୍ଥୀ ସର୍ବାଧିକ ୫୦୦୦ ଟଙ୍କା ଖର୍ଚ୍ଚ କରିପାରିବେ ଏବଂ ରାଜନୈତିକ ଦଳ କିମ୍ବା ବାହ୍ୟଉତ୍ସରୁ ଅର୍ଥ ନେବା ନିଷିଦ୍ଧ। କିନ୍ତୁ ନିୟମ ନିୟମ ବାଟରେ, ବାସ୍ତବତା ଅଲଗା ଭଳି ମନେହୁଏ। ୧୯୬୪-୬୬ ରେ କୋଠାରି କମିଶନ ଶିକ୍ଷାନୁଷ୍ଠାନକୁ ରାଜନୈତିକ ଦଳ ବା କ୍ଷମତାର ଚାପରୁ ମୁକ୍ତ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ପରବର୍ତ୍ତୀ ସମୟରେ ଛାତ୍ର ନିର୍ବାଚନରେ ଅର୍ଥବଳ, ଦଳୀୟ ପ୍ରଭାବ ଓ ହିଂସାକୁ ନେଇ ଚିନ୍ତା ବଢ଼ିବା ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜେ.ଏମ୍. ଲିଙ୍ଗଡ଼ୋଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଥିଲା। ଲିଙ୍ଗଡ଼ୋ କମିଶନଙ୍କ ମୂଳ ଦର୍ଶନ ଥିଲା ସ୍ପଷ୍ଟ- ଛାତ୍ର ପ୍ରତିନିଧିତ୍ୱ ରହୁ ଓ ନିର୍ବାଚନ ହେଉ; କିନ୍ତୁ ଛାତ୍ର ନିର୍ବାଚନ ଓ ରାଜନୈତିକ ଦଳ ମଧ୍ୟରେ ପ୍ରତ୍ୟକ୍ଷ ସଂଯୋଗ ନରହୁ। କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ।

ବର୍ତ୍ତମାନ ଛାତ୍ର ନିର୍ବାଚନକୁ ନିର୍ବିଘ୍ନରେ ସମାପନ କରିବାକୁ ହେଲେ ସରକାରଙ୍କୁ ବଡ଼ ଆଇନ ଶୃଙ୍ଖଳା ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ପୂର୍ବରୁ ଛାତ୍ର ନିର୍ବାଚନରେ ହିଂସାର ଉଦାହରଣ ଅଛି। ଅଧୁନା ମଧ୍ୟ ଖଲିକୋଟ କଲେଜରେ ଛାତ୍ର ବିଶୃଙ୍ଖଳା ଦେଖିବାକୁ ମିଳିଲାଣି। ବର୍ତ୍ତମାନ ରାଜ୍ୟର ଛାତ୍ର ନିର୍ବାଚନ ୮ ବର୍ଷ ପରେ ହେବାକୁ ଯାଉଛି। ତେଣୁ ବିଭିନ୍ନ ଛାତ୍ର ସଂଗଠନ, ଛାତ୍ରଛାତ୍ରୀ ବିଶେଷ ଭାବରେ ଉତ୍କଣ୍ଠିତ ଓ ଉତ୍ସାହିତ ଅଛନ୍ତି। ପୁଲିସର ଏଠାରେ ବଡ଼ ଆହ୍ୱାନ ହେଉଛି କ୍ୟାମ୍ପସ ପରିବେଶକୁ ଶାନ୍ତ ରଖି ସୁଚାରୁ ଭାବେ ନିର୍ବାଚନ ସମାପନ କରିବା। ନିର୍ବାଚନ ପରବର୍ତ୍ତି ହିଂସାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। କ୍ୟାମ୍ପସ ପରିସରରେ ଯଦିଓ ଲାଉଡ୍‌ସ୍ପିକର, ଚାରିଚକିଆ ଗାଡ଼ି ଓ ପଶୁପକ୍ଷୀଙ୍କୁ ନେଇ ପ୍ରଚାର କରାଯାଇପାରିବ ନାହିଁ; କିନ୍ତୁ କାଗଜରେ ନିୟମ କାଇଦା, କାନୁନ, ବାସ୍ତବରେ କ୍ୟାମ୍ପସରେ କେତେଦୂର କାର୍ଯ୍ୟକାରୀ ହେବ ତାହା ସମୟ କହିବ।

ଭାରତରେ ଚଳିତବର୍ଷ ଯୁବବର୍ଗଙ୍କ ଅଭ୍ୟୁଦୟ ଗଣତନ୍ତ୍ର ଲାଗି ଶୁଭଙ୍କର। ଜେନ୍ ଜେଡ୍‌ଙ୍କ ଦ୍ୱାରା ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ହେଉଥିବା ଆନ୍ଦୋଳନରେ ଉପସ୍ଥାପିତ ନିଯୁକ୍ତି, ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ତ୍ରୁଟି ଭଳି ପ୍ରସଙ୍ଗ ଜାତୀୟ ରାଜନୀତିକୁ ପ୍ରଭାବିତ କରିଛି। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମନରେ ପ୍ରଶ୍ନ ଆସୁଛି ଯେ ଦୀର୍ଘ ୮ ବର୍ଷ ବ୍ୟବଧାନରେ ହଠାତ୍ କୌଣସି ଖବର ନ ଥାଇ ବିଜ୍ଞପ୍ତି ପ୍ରକାଶ କରିବା କ'ଣ ଜେଡ୍ ଜେଡ୍‌ଙ୍କର ବଢୁଥିବା ସଚେତନତାର ପ୍ରଭାବ? ନା ଯୁବବର୍ଗଙ୍କୁ ସରକାର ନିଜ ଆଡ଼କୁ ଆକର୍ଷିତ କରିବାର କୌଶଳ? ସରକାର କ୍ୟାମ୍ପସରେ ଗଣତନ୍ତ୍ରକୁ ପୁନଃସ୍ଥାପିତ କରିବାର ପ୍ରୟାସ କରିଛନ୍ତି? ଏହାର ଉତ୍ତର ଏବେଠାରୁ ଦେବା ଉଚିତ ନୁହେଁ। କାରଣ ଛାତ୍ରସଂସଦ ନିର୍ବାଚନ ଦାବି ନୁହେଁ, ନିର୍ବାଚନ ପୁନଃଆରମ୍ଭ ପାଇଁ ସବୁ ଛାତ୍ର ସଂଗଠନମାନେ ପୂର୍ବରୁ ମଧ୍ୟ ନିଜର ଦାବି ଉପସ୍ଥାପିତ କରିଆସୁଥିଲେ। ଛାତ୍ରଛାତ୍ରୀମାନଙ୍କୁ ଗଣତନ୍ତ୍ର ବିଷୟରେ ସଚେତନ କରାଇବା ଏବଂ ରାଜନୀତିକରଣ ଏକା କଥା ନୁହେଁ। କ୍ୟାମ୍ପସ ରାଜନୀତି ନେତୃତ୍ୱ ତିଆରିର ଏକ ଐତିହାସିକ ମଞ୍ଚ କହିଲେ ଅତ୍ୟୁକ୍ତି ହେବନି।

ଇତିହାସ କହେ; କ୍ୟାମ୍ପସର ଛୋଟ ନିର୍ବାଚନୀ ମଞ୍ଚ ଭବିଷ୍ୟତର ବଡ଼ ରାଜନୈତିକ ନେତୃତ୍ୱର ଏନ୍ତୁଡ଼ିଶାଳ ପାଲଟିଛି। ଆମ ରାଜ୍ୟରେ ଛାତ୍ର ନିର୍ବାଚନରୁ ଆସିଥିବା ନେତାଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବାଚସ୍ପତି, ମନ୍ତ୍ରୀ, ବର୍ତ୍ତମାନର ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ ପ୍ରମୁଖ ଅଗ୍ରଗଣ୍ୟ ଓ ଛାତ୍ରସମାଜ ପାଇଁ ପ୍ରେରଣା। କିନ୍ତୁ ବିଗତ କେତେବର୍ଷ ହେବ ଏହା ସମ୍ଭବ ହେଉନାହିଁ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ନିର୍ବାଚିତ ଛାତ୍ରନେତାମାନେ ଭବିଷ୍ୟତରେ ନିଜର ପେଟ ପାଟଣା ଲାଗି ଚାକିରି ଅନ୍ୱେଷଣ ହେଉ କିମ୍ବା ଅନେକ ପାରିପାର୍ଶ୍ୱିକ ପ୍ରତିକୂଳତା ସେମାନଙ୍କୁ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ଯିବାକୁ ବାଧ କରୁଛି। ଓଡ଼ିଶାର ପ୍ରବାଦ ପୁରୁଷ ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଉକ୍ତି ଏହି ମର୍ମରେ ବିଶେଷ ଭାବେ ଗ୍ରହଣୀୟ। ସେ କହିଥିଲେ, 'ଷ୍ଟୁଡେଣ୍ଟସ୍ କ୍ୟାନ୍ ଡୁ ନୋ ରଙ୍ଗ'। ଯାହା ସେ ସମୟଠୁ ଆଜିଯାଏଁ ଛାତ୍ର ଓ ଯୁବଶକ୍ତି ପ୍ରତି ଥିବା ଗଭୀର ବିଶ୍ୱାସକୁ ପ୍ରକାଶ କରେ ଏବଂ ଯୁବବର୍ଗଙ୍କୁ ପ୍ରେରଣା ପ୍ରଦାନ କରେ। ତାଙ୍କର ଯୁବପିଢ଼ି ସମ୍ପର୍କିତ ଆଉ ଏକ ବିଶେଷ ବ୍ୟକ୍ତବ୍ୟ ଥିଲା ଯେ 'ଏକବିଂଶ ଶତାବ୍ଦୀର ଯୁବକ-ଯୁବତୀ ରାଜ୍ୟର ସ୍ୱାର୍ଥକୁ ନିଜର ସ୍ୱାର୍ଥଠାରୁ ଆଗରେ ରଖନ୍ତୁ। ନିଜ ଉପରେ ଆଶା ରଖନ୍ତୁ ଏବଂ ନିଜର ବୁଦ୍ଧି, ପ୍ରତିଭା ଓ ସାମର୍ଥ୍ୟରେ କଳିଙ୍ଗର ଗୌରବକୁ ପୁନଃ ପ୍ରତିଷ୍ଠା କରନ୍ତୁ, ଯଦ୍ୱାରା ଯୁବବର୍ଗଙ୍କ ଶକ୍ତିରେ କଳିଙ୍ଗ ପୁଣି ଶକ୍ତିଶାଳୀ ହେବ।'

ସେହି କେଇ ପଦ ମୂଲ୍ୟବାନ କଥା ଆଜି ମଧ୍ୟ ପ୍ରାସଙ୍ଗିକତା ବହନ କରେ। ଅଧୁନା ଯୁବବର୍ଗ ରାଜନୀତି କରନ୍ତୁ, କିନ୍ତ' ଶିକ୍ଷା ବା ଯୁବବର୍ଗଙ୍କ ମାନସିକତାକୁ ଗ୍ରାସ ନ କରୁ, ପ୍ରତିବାଦ ରହୁ ହିଂସା ନ ରହୁ। ଏସନ ଛାତ୍ର ସଂସଦ ନିର୍ବାଚନ ଶୃଙ୍ଖଳିତ ଭାବେ ସମାପନ ହୋଇ ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରୁ, ଯଦ୍ୱାରା ପିତାମାତାମାନେ ନିଜ ସନ୍ତାନସନ୍ତତିଙ୍କୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ରାଜନୀତିକୁ ଦୂରେଇ ରହିବାକୁ ପରାମର୍ଶ ନଦେଇ ବରଂ ପ୍ରେରଣା ପ୍ରଦାନ କରିବେ। ଯଦ୍ୱାରା ଏକ ସ୍ୱତନ୍ତ୍ର ଯୁଗର ଆବାହନ କରିବେ। ଯୁବବର୍ଗଙ୍କ ବହୁଦିନର ସ୍ୱପ୍ନପୂର୍ବକ ଦାବି ଓ ମୂଳ ଲକ୍ଷ୍ୟ ପ୍ରତିପାଦିତ ହେବ।

ସମାଜ ଓ ସମୟ ଆହ୍ୱାନ କରେ ଛାତ୍ର ସମାଜ ଆଗାମୀ ଦିନର ଦାୟିତ୍ୱବାନ ହେବା ଦରକାର। ବାଲାଟ୍‌ରୁ ବିଜେତା ହୋଇ ମଧ୍ୟ ପରବର୍ତ୍ତୀ ସମୟରେ ସମାଜର ରକ୍ଷାକବଚ ସଦୃଶ ଏକ ସୁସ୍ଥ ଗଣତନ୍ତ୍ରର ପରମ୍ପରା ସୃଷ୍ଟି କରନ୍ତୁ। ଚଳିତ ଛାତ୍ରସଂସଦର ନିର୍ବାଚନ ବିଜୟ ନିଜର ପ୍ରାର୍ଥିତ୍ୱର ବିଜୟ ନ ହୋଇ ଛାତ୍ରଛାତ୍ରୀଙ୍କର ସ୍ୱର ଓ ଦାବିର ବିଜୟ ହେଉ। ଛାତ୍ର ସଂସଦ ନିର୍ବାଚନ ବିଶ୍ୱକୁ ଏକ ବିଶାଳ ବାର୍ତ୍ତା ବହନପୂର୍ବକ ଯୁଗଯୁଗକୁ କୀର୍ତ୍ତି, ଯଶ, ଗୌରବରେ ମହିମା ମଣ୍ଡିତ କରୁ। ସ୍ୱାମୀ ବିବେକାନନ୍ଦଙ୍କର ଯୁବକଙ୍କ ପ୍ରତି ଥିବା ଉକ୍ତି ଏଠାରେ ପ୍ରଣିଧାନଯୋଗ୍ୟ। ଯୁବକମାନେ ସମାଜର ଉଦିତ ସୂର୍ଯ୍ୟ ଓ ମେରୁଦଣ୍ଡ। ଅତଏବ ଏହି ମର୍ମକୁ ବିବେଚନା କରି ଛାତ୍ରଛାତ୍ରୀମାନେ ଆଗାମୀ ଦିନର ରାଜ୍ୟ ଓ ରାଷ୍ଟ୍ରର ବିଧାଣୀ ହେବେ ନିଶ୍ଚୟ। ●

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

## ଶାସନ-ସଂସ୍କୃତିରେ ପରିବର୍ତ୍ତନ କେବେ?

ପ୍ରଦ୍ୟୁମ୍ନ କିଶୋର ମିଶ୍ର

ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ସ୍ୱଚ୍ଛ ଶାସନ, ଅବାସ୍ତବ ଯୋଜନାର ଘୋଷଣା ଏବଂ ଅନେକଗୁଡ଼ିଏ ମିଛ ପ୍ରତିଶ୍ରୁତି ଆମେ ଶୁଣି ଶୁଣି ଆସୁଛେ। ପ୍ରତ୍ୟେକ ନୂତନ ସରକାର ପ୍ରଚଳିତ ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବାର ଘୋଷଣା କରୁଛନ୍ତି ଏବଂ ନାଗରିକମାନଙ୍କୁ ଆଶ୍ୱାସନା ଦେଉଛନ୍ତି ଯେ ଦୁର୍ନୀତିର ମୂଳୋତ୍ପାଟନ କରାଯିବ। ସରକାର ପରିବର୍ତ୍ତନ, ସ୍ଲୋଗାନ ପରିବର୍ତ୍ତନ ଏବଂ ନୀତି ପରିବର୍ତ୍ତନ ସତ୍ତ୍ୱେ ସାଧାରଣ ନାଗରିକ ପ୍ରାୟତଃ ସମାନ ପ୍ରଶ୍ନ ପଚାରନ୍ତି - ପ୍ରକୃତରେ କିଛି ପରିବର୍ତ୍ତନ ହୋଇଛି କି? ଆମେ ତ ଯେମିତି ଥିଲେ ସେମିତି ଅଛେ, ବରଂ ବ୍ୟବସ୍ଥା ବେଳକୁ ବେଳ ଖରାପ ଆଡ଼କୁ ଯାଉଛି। ସୁଧୁରିବାର ଆଶା ନାହିଁ। ତେବେ ଭୁଲ୍ ରହୁଛି କେଉଁଠି କେବେ ସୁଧୁରିବ ଏ ଅବସ୍ଥା ଓ ବ୍ୟବସ୍ଥା?

ଏକଥା ସତ ଯେ ଆମ ଦେଶ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି ଓ ଆର୍ଥିକ ବିକାଶରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ସରକାରୀ ସେବାଗୁଡ଼ିକ କ୍ରମଶଃ ଅନଲାଇନ୍ ହୋଇଛି ଏବଂ ଅନେକ ପ୍ରକ୍ରିୟା ଡିଜିଟାଲ୍ ହୋଇଛି। ତଥାପି ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଆମର ଚିରାଚରିତ ପ୍ରଶାସନିକ ସ୍ତରରେ ମାନସିକତାକୁ ପରିବର୍ତ୍ତନ କରିନାହିଁ। ଆଗରୁ ଯାହାଥିଲା, ଏବେ ତାହା ହିଁ ଅଛି। ଅନେକ ସ୍ଥାନରେ ବିକାଶମୂଳକ କାର୍ଯ୍ୟରେ ବିଳମ୍ବ, ପକ୍ଷପାତିତା, ନିୟମର ଉଲ୍ଲଂଘନ, ହେରଫେର ଏବଂ କ୍ଷମତାର ଅପବ୍ୟବହାର କୋଟି କୋଟି ସାଧାରଣ ନାଗରିକଙ୍କୁ ହତାଶ କରିଚାଲିଛି। ଏହି ହତାଶା ଆମର ଦେହସୁହା ହୋଇଗଲାଣି। ଆମ ଶାସନଗତ ଢାଞ୍ଚାରେ କୌଣସି ପରିବର୍ତ୍ତନର ସମ୍ଭାବନା ହିଁ ନାହିଁ। ଗଭର୍ଣାନ୍ସର କୌଣସି ମଡେଲ ଠିକ୍ ଭାବେ କାମ କରୁନାହିଁ। କୌଣସି ସରକାରୀ ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହେଉ ନାହିଁ। ଅନେକ ଯୋଜନା ଆଜି ବାଟବଣା।

ସବୁଠାରୁ ଯନ୍ତ୍ରଣାଦାୟକ ବାସ୍ତବତା ହେଉଛି ଯେ ଲାଞ୍ଚ ସଂସ୍କୃତି ବା ପିସି କାରବାର ଏପର୍ଯ୍ୟନ୍ତ ଲୋପ ପାଇନାହିଁ। ନାଗରିକମାନେ ବିଶ୍ୱାସ କରନ୍ତି ଯେ ବୈଧ କାର୍ଯ୍ୟ ଯୋଗ୍ୟତା ଅପେକ୍ଷା ରାଜନୈତିକ ପ୍ରଭାବ କିମ୍ବା ଅବୈଧ ଦେୟ ମାଧ୍ୟମରେ ଦ୍ରୁତବେଗରେ ଗତି କରେ। ରାଜନେତା ଓ ଧନଶାଳୀ ବ୍ୟକ୍ତିଙ୍କ ହାତମୁଠାରେ ସବୁକିଛି ରହିଛି। ତେଣୁ ଏବେ ଆମେ ସଚ୍ଚୋଟତାକୁ ଏକ ଅସୁବିଧା ବା ଆମର ଦୁର୍ଭାଗ୍ୟ ବୋଲି ଭାବିବା ଆରମ୍ଭ କଲେଣି। ଶାସନତନ୍ତ୍ର ଉପରୁ ଆମେ ଭରସା ଓ ବିଶ୍ୱସନୀୟତା ତୁଟି ଗଲାଣି। ନିଯୁକ୍ତି ଅନିୟମିତତା, ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍, ଅତି ବେପରୁଆ ଭାବରେ ସ୍କୁଲ ପିଲାଙ୍କୁ ପୁଳା ପୁଳା ଭୁଲ୍ ଥିବା ବହି ଯୋଗାଇବା, ଜାଲ୍ ଡକ୍ୟୁମେଣ୍ଟରେ ଚାକିରି କରିବା, ଅନ୍ୟର ସମ୍ପତ୍ତି ବା ସରକାରୀ ଅର୍ଥ ହଡ଼ପ କରିବା, ଜମି ଜାଲିଆତି ଓ ସାଇବର୍ ଅପରାଧ ଇତ୍ୟାଦି ସହିତ ଜଡ଼ିତ ଘଟଣାଗୁଡ଼ିକ ପ୍ରତିଦିନ ନଜରକୁ ଆସୁଛି।

ସରକାରରେ ଯେଉଁ ଦଳ ଥାଉ ନା କାହିଁକି ଶାସନ ପ୍ରଣାଳୀରେ କିଛି ପରିବର୍ତ୍ତନ ନାହିଁ। ପ୍ରତ୍ୟେକ ଘୋଟାଲାରେ ଆମକୁ କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମିଳୁଛି। କିନ୍ତୁ ସମାନ ମାମଲା ବାରମ୍ବାର ଘଟୁଛି। ଏହି ବାରମ୍ବାର ଘଟୁଥିବା ଚକ୍ର ଆଉ 'ଦୁର୍ନୀତି' ବୋଲି ବିବେଚିତ ହେଉନାହିଁ। ବର୍ତ୍ତମାନ ଲାଞ୍ଚ ନେବାର ଏକ ଧାରା ବା ପ୍ରଥା, ସବୁଥିରେ ରାଜନୈତିକ ପ୍ରଭାବ ଏବଂ ପଦ ପଦବୀର ଅପବ୍ୟବହାର ଏକ 'ସାଧାରଣ' କଥା ହୋଇଗଲାଣି। ଏପରି ଅବସ୍ଥାରେ ଅଳ୍ପ କେତେଜଣ ସଚ୍ଚୋଟ ଅଧିକାରୀ ନିରୁତ୍ସାହିତ ହୋଇ ନିଜ ଭାଗ୍ୟକୁ ନିନ୍ଦା କରିବା ସ୍ୱାଭାବିକ। ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ଅଧିକାରୀ କିମ୍ବା ପ୍ରତ୍ୟେକ ରାଜନୈତିକ ନେତା ଅନୀତି ଓ ଦୁର୍ନୀତିରେ ଲିପ୍ତ। ଅନେକ ଲୋକ ନିଷ୍ଠାର ସହିତ ଦେଶ ସେବା ବା ଦେଶହିତ ପାଇଁ କାମ କରୁଛନ୍ତି ଏବଂ ସେମାନେ ପ୍ରଶଂସା, ସମ୍ମାନ ପାଇବାକୁ ଯୋଗ୍ୟ। କିନ୍ତୁ ସେମାନଙ୍କର ସଂଖ୍ୟା ଖୁବ୍ କମ୍, ଏତେ କମ୍ ଯେ ବର୍ତ୍ତମାନ ସମୟରେ ଖୋଜିଲେ ମିଳିବା କଷ୍ଟସାଧ୍ୟ।

ଆମକୁ ଆଉ ଅଧିକ 'ସ୍ଲୋଗାନ'ର ଆବଶ୍ୟକତା ନାହିଁ; ଫମ୍ପା ପ୍ରତିଶ୍ରୁତି ସ୍ଲୋଗାନ ଶୁଣି ଶୁଣି ଆମେ ବଧିର ପାଲଟି ଗଲେଣି। ଆମକୁ ଏକ ଶକ୍ତିଶାଳୀ, ପ୍ରଭାବଶାଳୀ, ସଂସ୍କାରସମ୍ପନ୍ନ ଶାସନ ବ୍ୟବସ୍ଥା ଆବଶ୍ୟକ। ଆଇନ୍ କାନୁନ୍, ନୀତିନିୟମ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରୟୋଗ ହେବା ଉଚିତ। ନ୍ୟାୟିକ ବ୍ୟବସ୍ଥାରେ ତ୍ୱରିତ ବିଚାର ସହ ପ୍ରମାଣିତ ଦୁର୍ନୀତିରେ ସଂପୃକ୍ତ ବ୍ୟକ୍ତିବିଶେଷ ଦଳ, ମତ, ଧନୀ, ଗରିବ ନିର୍ବିଶେଷରେ ଶୀଘ୍ର ଦଣ୍ଡ ପାଇବା ଉଚିତ। ଏଥିପାଇଁ ସଚ୍ଚୋଟ ଅଧିକାରୀମାନଙ୍କୁ ସୁରକ୍ଷା ଯୋଗାଇଦେବା ସହ ଲାଞ୍ଚ ବ୍ୟବସ୍ଥାକୁ ଦୃଢ଼ ଭାବେ ସବୁ ଜାଗାରୁ ହଟାଇଦେବା ଜରୁରୀ। ଯଦି କୌଣସି ଅଫିସ୍‌ରେ ଗୋଟିଏ ଟେବୁଲ୍‌ରୁ ଫାଇଲ୍‌ଟିଏ ଆଉ ଗୋଟିଏ ଟେବୁଲ୍‌କୁ ଯିବ କି ନ ଯିବ ତାହା ଟଙ୍କା ଦ୍ୱାରା ସ୍ଥିର କରାଯିବ, ତେବେ ଆମ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବ କୁଆଡୁ?

ନିର୍ବାଚନ ପ୍ରକ୍ରିୟାରେ ସରକାର ପରିବର୍ତ୍ତନ ହେଉଛି ଓ ହେବ। କିନ୍ତୁ ବାସ୍ତବରେ ଶାସନ ସଂସ୍କୃତିରେ କେବେ ପରିବର୍ତ୍ତନ ଆସିବ? ଏକ ରାଷ୍ଟ୍ର କେବଳ ନୂଆ ରାଜପଥ, ବଡ଼ ଅଟ୍ଟାଳିକା ନିର୍ମାଣ କରିଦେଲେ କିମ୍ବା ଡିଜିଟାଲ୍ ପ୍ଲାଟଫର୍ମ ପ୍ରଚଳନ କଲେ ପ୍ରକୃତରେ ଶକ୍ତିଶାଳୀ ହୁଏ ନାହିଁ, ବରଂ ଯେତେବେଳେ ପ୍ରତ୍ୟେକ ନାଗରିକ ଆତ୍ମବିଶ୍ୱାସର ସହିତ ଯେକୌଣସି ସରକାରୀ କାର୍ଯ୍ୟାଳୟରେ ପ୍ରବେଶ କରିପାରିବେ, ନ୍ୟାୟ ପାଇ ପାରିବେ, ବିନା ଲାଞ୍ଚ, ବିନା ଅନୈତିକ ପ୍ରଭାବରେ ନିଜର ହକ୍ ପାଇ ପାରିବେ ସେତେବେଳେ ଆମେ ବୁଝିବା ଯେ ରାଷ୍ଟ୍ରର ବିକାଶ ଠିକ୍ ଦିଗରେ ଯାଉଛି। ଆମର ବ୍ୟକ୍ତିଗତ ମାନସିକତା ପରିବର୍ତ୍ତନ ହେଲେ ଆପେଆପେ ଏହା ଆମର ଜାତୀୟ ନୀତିକୁ ଏବଂ ସମଗ୍ର ଜନଜୀବନକୁ ପ୍ରଭାବିତ କରି ଆମ ଦେଶକୁ ବିକାଶର ବାସ୍ତବ ରାସ୍ତାରେ ଆଗେଇ ନେଇପାରିବ। ●

(ଇଣ୍ଡିଗୋ କଲେଜ୍)
କଟକ, ମୋ:୭୩୭୧୫୫୨୮୭୬

## ଦୟଣା ଚୋରି(ଦ୍ୱିତୀୟ ଭାଗ)

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

*(ଗତ ୨୩, ସେପ୍ଟେମ୍ବରରେ ପ୍ରଥମ ଭାଗ ପ୍ରକାଶିତ)*

ଛିନ୍ନହସ୍ତ ହେବାପରେ ରାଜା ମହାପ୍ରଭୁଙ୍କର ପ୍ରଥମ ସେବକରୂପେ ସେବା କରିବାର ଯୋଗ୍ୟତା ହରେଇ ବସିଲେ। ତେଣୁ ତାଙ୍କ ମନରେ ପ୍ରବଳ ଦୁଃଖ ଓ ଅବସୋସ ଥିଲା। ଯେଉଁ ମହାପ୍ରଭୁଙ୍କୁ ଅବମାନନା କରି ଥିବାରୁ ପ୍ରାୟଶ୍ଚିତ ରୂପେ ସେ ନିଜର ହାତ କାଟିଦେଲେ, ପରିଣାମ ସ୍ୱରୂପ ତାଙ୍କୁ ତାଙ୍କରି ସେବା ପ୍ରାପ୍ତ ହେଲା ନାହିଁ। ଦିନେ ରାଜା ବଗିଚାରେ ବୁଲୁଥିବା ବେଳେ ସେ ଗୁଳ୍ମର ସୁଗନ୍ଧିରେ ଆକର୍ଷିତ ହୋଇ ଗଛଟିର ପାଖକୁ ଗଲେ ଏବଂ ମାଳିକୁ ଡାକି ତା'ର ନାଆଁ ପଚାରିଲେ। ମାଳି ଆଗରୁ କେବେ ସେ ଗଛ ଦେଖି ନ ଥିବାରୁ ନାଆଁ କହିପାରିଲା ନାହିଁ। କିନ୍ତୁ ରାଜା ସେ ଗଛର ପତ୍ରର ସୁଗନ୍ଧିରେ ଏତେ ବିମୋହିତ ହୋଇ ଯାଇଥିଲେ ଯେ ତା'ର ପତ୍ରକୁ ମହାପ୍ରଭୁଙ୍କୁ ଲାଗି କରାଇବା ପାଇଁ ଆଦେଶ ଦେଲେ। କିନ୍ତୁ ଅଜଣା ଗଛର ପତ୍ର ଠାକୁରଙ୍କୁ ଲାଗି କରିବା ଶାସ୍ତ୍ରବିରୁଦ୍ଧ ବୋଲି ବଡ଼ପଣ୍ଡା କହିବାରୁ ପତ୍ରଲାଗି କରା ଯାଇପାରିଲା ନାହିଁ।

ମହାପ୍ରଭୁ ଅନ୍ତର୍ଯାମୀ। ଭକ୍ତର ମନୋବାଞ୍ଛା ଜାଣିପାରିଲେ। ତେଣୁ ସେ ରାତିରେ ସେ ଗଛର ପତ୍ର ଚୋରି କରି ତା'ର ସୁଗନ୍ଧି ଉପଭୋଗ କରିବାକୁ ଲାଗିଲେ। ରାଜା ବଗିଚାକୁ ବୁଲି ଗଲା ବେଳେ ଦେଖିଲେ ଯେ ଗଛର ପତ୍ର ଛିଣ୍ଡେଇ କେହି ନେଇ ଯାଉଛନ୍ତି। ରାଜା ମାଳିକୁ ଗାଳି ଦେଇ ତାଗିଦା କଲେ। ଏଣିକି ପତ୍ର ଚୋରି ହେଲେ କଠିନ ଦଣ୍ଡ ଦିଆଯିବ ବୋଲି କହିଲେ। ସେ ଦିନ ରାତିସାରା ମାଳି ଗଛକୁ ଜଗି ବସିଲା। ତା' ସତ୍ତ୍ୱେ ସକାଳକୁ ଦେଖିଲା ବେଳକୁ ପତ୍ର ଚୋରି ହୋଇଯାଇଥିଲା। କର୍ତ୍ତବ୍ୟରେ ଅବହେଳା କରିଥିବାରୁ ରାଜା କ୍ରୋଧିତ ହୋଇ ମାଳିକୁ କାରାଗାରରେ ବନ୍ଦୀ କଲେ। ମାଳି ମଧ୍ୟ ମହାପ୍ରଭୁଙ୍କର ଜଣେ ଭକ୍ତ ଥିଲା। ପ୍ରତିଦିନ ଯତ୍ନର ସହ ମାଳଟିଏ ଗୁନ୍ଥି ମହାପ୍ରଭୁଙ୍କ ପାଖକୁ ଯାଉଥିଲା। ସେ ସହାୟତା ମାଗି ମହାପ୍ରଭୁଙ୍କୁ ପ୍ରାର୍ଥନା କଲା। ଭକ୍ତବତ୍ସଳ ମହାପ୍ରଭୁ ତା'ର ଡାକ ଶୁଣିଲେ। ସେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- 'ରାଉତ! ସେ ଗଛର ପତ୍ରର ସୁଗନ୍ଧିରେ ମୁଗ୍ଧ ହୋଇ ମୁଁ ତା'ର ପତ୍ର ଚୋରି କରିଛି। ସେଥିରେ ମାଳିର କିଛି ଦୋଷ ନାହିଁ। ତା'କୁ କାରାମୁକ୍ତ କର। ଅଜଣା ଗଛ ବୋଲି ସେ ଗଛର ପତ୍ର ମୋତେ ସମର୍ପଣ କରା ଯାଉନାହିଁ। ସେ ଗଛର ନାମ ଦୟଣା। ତୋର କଟା ହାତରୁ ସେ ଗଛର ସୃଷ୍ଟି ଏବଂ ମୋ ପ୍ରତି ତୋର ଭକ୍ତି ତା'ର ସୁଗନ୍ଧିରେ ପରିଣତ ହୋଇଛି। ଆଜି ଚୈତ୍ର ମାସ ଶୁକ୍ଳ ଚତୁର୍ଦ୍ଦଶୀ। ଏହି ତିଥିରେ ସବୁ ବର୍ଷ ମୋ ମନ୍ଦିରରେ 'ଦୟଣା ଚୋରି' ଉତ୍ସବ ପାଳନ କରାଯିବ। ଫୁଲତୁଳସୀ ସହ ତା'ର ପତ୍ର ମୋ ଠାରେ ନିୟମିତ ଲାଗୁ କରାଯିବ। ମୋର ଆଦେଶରେ ତୋର କଟା ହାତ କଅଁଳିବ ଏବଂ ତୁ ପୁଣି ମୋ ସେବାର ଯୋଗ୍ୟତା ହାସଲ କରିବୁ।'

ରାଜା ଉଠି ବସିଦେଖିଲେ ଯେ ତାଙ୍କର କଟା ହାତ କଅଁଳି ଯାଇଥିଲା। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣିପାତ କଲେ।

- 'ଯେଉଁ କଥା ପାଇଁ ସନ୍ଦେହ ତୋ ମନେ ଶୁଣ ତାହାର ଇତିହାସ, ତୋ ନିଷ୍ଠା ନିର୍ମଳ ଭକତିରୁ ସେହି ଗୁଳ୍ମ ହୋଇଅଛି ବିକାଶ / ତୋ ଛିଦ୍ର କରୁ ତାହାର ଉତପତି ବିଶାଦ ମନେ ଛିନ୍ନ ହସ୍ତ ନେଇଣ, ଉଦ୍ୟାନେ ପୋତିଥିଲେ ମନ୍ତ୍ରୀ ସେ ଗୁଳ୍ମର ନାମ ଅଟଇ ଦୟଣା / ତହିଁରେ ଆମ୍ଭ ଶ୍ରଦ୍ଧା ଅତି ଅଚିହ୍ନା ଦ୍ରବ୍ୟ ବୋଲି ତୋଳି ନ ଦେଲୁ, ତେଣୁ ବଳିଲା ଆମ୍ଭ ମତି / ଉଦ୍ୟାନୁ ଆମ୍ଭେ ନେଉଛୁ ଚୋରୀ କରି ମାଳିକୁ କହ ତୋଳି ନେଉ ଯତନେ ମନ୍ଦିରେ ଦୟଣା ମଂଜରୀ / ତୋ ଛିଦ୍ର କର କଅଁଳି ପୂର୍ବଭଳି ରହିଛି ଚେତି ଦେଖ ତୁହି, ମଧୁ ଶୁକ୍ଳ ଚତୁର୍ଦ୍ଦଶୀ କାଲି ହେବ ଦୟଣା ଲାଗି ହେବି ମୁହିଁ / ମୋ ବାନା ଅଟଇ ଭକତବତ୍ସଳ, ମନ୍ଦିରେ ରଖ ଦୟଣା ଚୋରୀ ବିଧି ଦେଖୁଥାନ୍ତୁ ଜନ ସକଳ।' (ସମାପ୍ତ) ●

(ଆଧାର: ନୀଳଚଳ ମାଧୁରୀ: ଚନ୍ଦ୍ର ଶେଖର ପଟ୍ଟନାୟକ)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଜ୍ଞାନେଶ କୁମାରଙ୍କୁ ଗିରଫ ଓ ବାଲଟ ପେପରରେ ଭୋଟ୍ କରାଇବା ଦାବି

# ଇଣ୍ଡିଆ ମେଣ୍ଟ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ଭଦ୍ରକ,୬।୧୦(ସମିସ): ବିଭିନ୍ନ ଦାବି ନେଇ ଇଣ୍ଡିଆ ମେଣ୍ଟ ପକ୍ଷରୁ ଭଦ୍ରକ ବାଇପାସ୍‌ସ୍ଥିତ ଶନିମନ୍ଦିର ଛକ ନିକଟରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଭଦ୍ରକ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗଣତନ୍ତ୍ରର ହତ୍ୟାକାରୀ ଆର୍‌ଏସ୍‌ଏସ୍ ଏଜେଣ୍ଟ ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଗିରଫ, ମୁଖ୍ୟ ନିର୍ବାଚନ କମିସନର ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ସାମିଲ୍ କରିବା, ଏସ୍‌ଆଇଆର୍ ପ୍ରକ୍ରିୟା ସମ୍ପୂର୍ଣ୍ଣ ବାତିଲ୍ କରିବା, ଇଭିଏମ୍ ହଟାଇ ବାଲଟ୍ ପେପରରେ ଭୋଟ୍ କରାଇବା, ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ-୨୦୨୬ ବାତିଲ୍ କରିବା, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଭଦ୍ରକ ଜିଲ୍ଲାରେ ବନ୍ୟା ମୃତକ ଓ ପ୍ରପୀଡ଼ିତ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା, ସମସ୍ତ ଚାଷୀ ଓ ଭାଗଚାଷୀଙ୍କ କୃଷି ଋଣ ଓ ମହାଜନୀ ଋଣ ଛାଡ଼ କରିବା ଆଦି ପ୍ରମୁଖ ଦାବି ରହିଛି।

ଭାରତୀୟ ଜାତୀୟ କଂଗ୍ରେସ ଜିଲ୍ଲ ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ, ସିପିଆଇ ଜିଲ୍ଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇଏମ୍‌ଏଲ୍ (ଲିବରେସନ) ଜିଲ୍ଲା ସମ୍ପାଦକ ସମର ବଳଙ୍କ ମିଳିତ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିବାବେଳେ କଂଗ୍ରେସ ନେତା ଦେବରୂପ ମହାନ୍ତି ଏଥିରେ ସଂଯୋଜନା କରିଥିଲେ। ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ସତ୍ୟାନନ୍ଦ ରାଉତ, ରାଜ୍ୟ ସମ୍ପାଦିକା ଶୁଭଶ୍ରୀ ବେହେରା, ବରିଷ୍ଠ ସିପିଆଇ(ଏମ୍) ନେତା ରାଧାନାଥ ଦାସ, ବିଷ୍ଣୁ ଚରଣ ଦାଶ, ଯୁବନେତା ବିକାଶ ନାଥ, ମଳୟ ଭୋଇ, ସେକ୍ ସନାଉଲ୍ଲା, ବରିଷ୍ଠ ନେତା ନିରଞ୍ଜନ ପାଣି, ଗୌରାଙ୍ଗ ଯେନା, ସଂଗ୍ରାମ ଜେନା, ସିପିଆଇର ବରିଷ୍ଠ ନେତା ରମେଶ ଜେନା, ବିମ୍ବାଧର ବାରିକ୍, ଯୁବନେତା ଦିଲ୍ଲୀପ ନାୟକ, ସିପିଆଇଏମ୍‌ଏଲ୍(ଲିବରେସନ) ନେତ୍ରୀ ଜୟନ୍ତୀ ବିଶ୍ୱାଳ, କଂଗ୍ରେସ ନେତା ଦିଗମ୍ବର ଦାସ, ସରୋଜ ଦାସ, ସରୋଜ ରାଉଳ, ପୀତବାସ ଧଳ, ପ୍ରଦ୍ୟୁମ୍ନ କୁମାର ଦାସ, କଂଗ୍ରେସ ଦଳିତ ସେଲର ରାଜ୍ୟ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଶୁଭାଶିଷ ମଲ୍ଲିକ, ବିଦ୍ୟାଧର ଜେନା, ରମେଶ ଚନ୍ଦ୍ର ବେହେରା, ଏନାମୁଲ ହକ୍, ଯୁବ କଂଗ୍ରେସ ଜିଲ୍ଲା ସଭାପତି ବଳରାମ ରାଉତ, କଂଗ୍ରେସ ଜିଲ୍ଲା କୋଷାଧ୍ୟକ୍ଷ ବିଜୟ ବାରିକ୍, ହୃଦାନନ୍ଦ ସେଠୀ, ନରେଶ ମଲ୍ଲିକ, କଂଗ୍ରେସ ଭଦ୍ରକ ଟାଉନ ସଭାପତି ଫରିୟାଦ ଖାନ୍ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧି ନୀତି ବିରୋଧରେ ବକ୍ତବ୍ୟ ପ୍ରଦାନ କରିଛନ୍ତି। ଏହାସହ ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଗିରଫ କରି ଭାରତର ସମ୍ବିଧାନ ଓ ନାଗରିକମାନଙ୍କ ଭୋଟ୍ ଅଧିକାରର ସୁରକ୍ଷା ପାଇଁ ଆସନ୍ତା ୮ ତାରିଖରେ ଓଡ଼ିଶା ବନ୍ଦରେ ଭଦ୍ରକ ଜିଲ୍ଲାବାସୀ ସକ୍ରିୟ ଭାବେ ସାମିଲ୍ ହେବାକୁ ଆହ୍ୱାନ କରାଯାଇଛି।



ବାବା ଆଖଣ୍ଡଳମଣିଙ୍କ ପୀଠରେ ମା’ ଜୟଦୁର୍ଗାଙ୍କ ବିମଳା ବେଶ

## ୯ ବର୍ଷର ନାବାଳକକୁ ଅପହରଣ ଅଭିଯୋଗ

ଭଦ୍ରକ,୬।୧୦(ସମିସ): ଭଦ୍ରକ ଟାଉନ୍ ଥାନା ଅଧୀନ ଜଗନ୍ନାଥପୁର ଅଞ୍ଚଳରୁ ଜଣେ ୯ ବର୍ଷର ନାବାଳକ ଗଙ୍ଗାଧର ହୋ ନିଖୋଜ ହେବା ପରେ ତାଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାକୁ ନେଇ ଟାଉନ୍ ଥାନା ପୁଲିସ ଏକ ମାମଲା (ନଂ ୬୦୫/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ବେଣୁଧର ହୋଙ୍କ ପୁଅ ଗଙ୍ଗାଧର ଗତ ୨ ତାରିଖ ସକାଳ ପ୍ରାୟ ୯ଟାରେ ଘରୁ ନିଖୋଜ ହୋଇଥିଲେ। ପରିବାର ପକ୍ଷରୁ ବହୁ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ପରେ ୩ ତାରିଖ ସନ୍ଧ୍ୟାରେ ବାପା ବେଣୁଧର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ବିଏନ୍‌ଏସ୍ ଧାରା ୧୩୭ (୨) ରେ ମାମଲା ରୁଜୁ କରିଛନ୍ତି। ନାବାଳକକୁ ଖୋଜି ବାହାର କରିବା ସହ ଘଟଣାର ତଦନ୍ତ ପାଇଁ ଏସ୍‌ଆଇ ପ୍ରଭାତ କୁମାର ଦାସଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ପୁଲିସ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଜାରି ରଖିଛି।

## ଗଜାନନ କମିଟି ପକ୍ଷରୁ ୩ ଦିନିଆ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ



ଭଦ୍ରକ,୬।୧୦(ସମିସ): ଭଦ୍ରକ ହେଉଛି କଳା, ସାହିତ୍ୟ, ସଂସ୍କୃତିର ମାଟି। ଏ ମାଟିର ସ୍ୱପ୍ନକୁ ସାକାର କରିବା ପାଇଁ ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଗଜାନନ କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସାମ୍ବାଦିକ ତଥା ଗଜାନନ କମିଟିର ମାର୍ଗଦର୍ଶକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସିଟି ଡିଏସ୍‌ପି ଅନିଲ ପ୍ରଧାନ, ମୁଖ୍ୟବକ୍ତା ଭାବେ ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ମାଧବ ଚନ୍ଦ୍ର ଜେନା, ଶକ୍ତିସ୍ୱରୂପା ସଂଗଠନ ସଭାପତି ଶଶୀକଳା ମିଶ୍ର, ସମ୍ପାଦିକା ଶିକ୍ଷୟିତ୍ରୀ ସରୋଜିନୀ ନାୟକ ପ୍ରମୁଖ ଯୋଗଦେଇ ପ୍ରଭୁ ଗଣେଶଙ୍କ ମହିମା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବରେ ସୁସଂଗଠିକା ଅନିତା ରାୟ ଓ ସୀମା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟଶିଳ୍ପୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। କମିଟି ସଭାପତି ସନିଆ ନାୟକ ମଞ୍ଚ ଆମନ୍ତ୍ରଣ ଓ ସମ୍ପାଦକ ଶିବା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ସରୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବଣ୍ଟି ନାୟକ, ରାଜେଶ ନାୟକ, ମନୋଜ ନାୟକ, ଅଭୟ ନାୟକ, ଦେବା ନାୟକ ପ୍ରମୁଖ ଯୁବକଙ୍କ ନେତୃତ୍ୱରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ତିହିଡ଼ି ଏନ୍‌ଏସି ଅଞ୍ଚଳରେ ପିଇବା ପାଣି ପାଇଁ ଲୋକେ ଡହଳବିକଳ

ଦୋଳସାହି,୬।୧୦(ସମିସ): ତିହିଡ଼ି ଏନ୍‌ଏସି ଅଧୀନ ତିହିଡ଼ି ବଜାରରେ ଏବେ ସାଧାରଣ ଜନତା ଟୋପାଏ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି। ଦୀର୍ଘ ୧୦ ବର୍ଷ ତଳେ ପୂର୍ବ ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ପାନୀୟଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିବା ଫଳରେ ସାଧାରଣ ଜନତା ପିଇବା ପାଣି ପାଇଁ ଡହଳବିକଳ ହେଉଥିବା ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ତିହିଡ଼ି ବଜାର ଏକ ଜନବହୁଳ ବଜାର। ପ୍ରତ୍ୟେକ ଦିନ ହଜାର ହଜାର ଲୋକେ ତିହିଡ଼ି ବଜାରକୁ ବିଭିନ୍ନ ସରକାରୀ କାର୍ଯ୍ୟ ନେଇ ଆସିଥା’ନ୍ତି। ଶୋଷ ହେଲେ ଲୋକେ ପିଇବା ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ଲୋକେ ତୃଷ୍ଣା ମେଣ୍ଟାଇବା ପାଇଁ ଏ ଦୋକାନରୁ ସେ ଦୋକାନକୁ ଯାଇ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ନୂଆକରି ତିହିଡ଼ି ଏନ୍‌ଏସି ମାନ୍ୟତା ପାଇଲା ପରେ ବି ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏ ଦିଗରେ କିନ୍ତୁ ପ୍ରଶାସନର ନିଘା ନାହିଁ। କେବଳ ୧୦/୧୨ ଜଣ ସୁଇପରଙ୍କୁ ନିଯୁକ୍ତି କରି ପ୍ରଶାସନ ଚୁପ୍ ହୋଇ ବସିଛି। ଏଥିପାଇଁ ଜନଅସନ୍ତୋଷ ପ୍ରକାଶ ପାଉଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସରକାରୀ ନିୟମର ଖୋଲା ଉଲ୍ଲଂଘନ

# ଶିକ୍ଷକଙ୍କ ମନମାନୀରେ ଚାଲିଛି ପାଠପଢ଼ା

### ଅଭିଯୋଗ ପରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ

ବନ୍ତ/ଆଗରପଡ଼ା,୬।୧୦(ସମିସ): ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତମାନର କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରି ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ତେବେ କେତେକ କ୍ଷେତ୍ରରେ କେତେକ ସ୍କୁଲ ସରକାରୀ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଅବମାନନା କରୁଥିବା ଅଭିଯୋଗ ହେଉଛି। ମାତ୍ର ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷମାନେ କୌଣସି ପଦକ୍ଷେପ ନେଉ ନ ଥିବାର ଅଭିଯୋଗ ଉଠିଛି। ବନ୍ତ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ସରକାରୀ ବିଦ୍ୟାଳୟରେ ବହୁ ଅନିୟମିତତା ଦେଖିବାକୁ ମିଳିଛି। ପିଲାଙ୍କୁ ସମୟାନୁବର୍ତ୍ତିତା ଜ୍ଞାନ ଶିକ୍ଷକଙ୍କଠାରୁ ମିଳିଥାଏ। କିନ୍ତୁ ଶିକ୍ଷକମାନଙ୍କଠାରେ ଯଦି ଏହି ବ୍ୟତିକ୍ରମ ଦେଖାଯାଏ, ତେବେ ଏଥିପାଇଁ କିଏ ଦାୟୀ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସରକାରଙ୍କ ଧାର୍ଯ୍ୟ ନିୟମାନୁସାରେ, ଶନିବାର ସକାଳ ୬ଟା ୩୦ରୁ ୧୨ଟା ୩୦ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକ ଚାଲିବାକୁ ଥିବାବେଳେ ଅନ୍ୟବାରରେ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବାକୁ ସରକାରୀ ନିର୍ଦ୍ଦେଶ ରହିଛି। କିନ୍ତୁ ଅଧିକାଂଶ ସ୍କୁଲରେ ବହୁ ଶିକ୍ଷକ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ସ୍କୁଲରେ ପହଞ୍ଚିବା ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲରୁ ପଳାଇ ଆସୁଥିବା ଦେଖିବାକୁ ମିଳୁଛି। ଗତ ସୋମବାର ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ କୃଷ୍ଣ ଚରଣ ବିଦ୍ୟାମନ୍ଦିର ଓ ରାଉତରାପୁର ସ୍କୁଲ ସହିତ ଅନ୍ୟ କ୍ଲଷ୍ଟର ବିଦ୍ୟାଳୟର କିଛି ଶିକ୍ଷକ/ଶିକ୍ଷୟିତ୍ରୀ ବିଳମ୍ବରେ ସ୍କୁଲରେ ପହଞ୍ଚିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆସିବା ପରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତୁରନ୍ତ ଅଭିଯୋଗ ଉପରେ ତଦନ୍ତ କରି ବିଦ୍ୟାଳୟରେ ବିଳମ୍ବରେ ପହଞ୍ଚିଥିବା ଶିକ୍ଷକଙ୍କୁ ସାମୟିକ ଛୁଟି (ସିଏଲ୍)ରେ ଯିବା ପାଇଁ କୃଷ୍ଣଚରଣ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା। ସେହିପରି ସରକାରୀ ନିୟମକୁ ପାଳନ କରିବା ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ। ତେଣୁ ଉକ୍ତ ଅଭିଯୋଗ ଉପରେ ଗୁରୁତ୍ୱ ଦେବା ସହ ସିଆର୍‌ସିସିମାନଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ଗ୍ରହଣ କରିବି ବୋଲି ଭାରପ୍ରାପ୍ତ ବ୍ଲକ୍ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ମହାନ୍ତି କହିଥିଲେ। ତେଣୁ ଚଳନ୍ତି ଶିକ୍ଷା ବ୍ୟବସ୍ଥାକୁ ପ୍ରହସନରେ ପରିଣତ ନ କରି ଶିକ୍ଷକ/ଶିକ୍ଷୟିତ୍ରୀ ସରକାରୀ ନିୟମକୁ ଠିକ୍ ଭାବେ ପାଳନ କରିବା ପାଇଁ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ଦେବା ସହ ନିୟମ ଅବମାନନା କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିକ୍ଷାବିତ୍‌ଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଚୋରା ମଦ ସହ ଅଟୋ ଜବତ; ଜଣେ ଗିରଫ





ତିହିଡ଼ି,୬।୧୦(ସମିସ): ତିହିଡି ଥାନା ଅଧୀନ ତାଳପଦା କଲେଜ ରୋଡ୍‌ରୁ ସୋମବାର ରାତିରେ ପୁଲିସ ୫୬ ଲିଟର ବିଦେଶୀ ମଦ ବୋଝେଇ ହୋଇ ଯାଉଥିବା ଏକ ଅଟୋ ଜବତ କରିଛି। ଏ ସମ୍ପର୍କରେ ଏସ୍‌ଆଇ ଦୀପ୍ତି ମଞ୍ଜରୀ ବଡ଼ଜେନାଙ୍କ ଏତଲା କ୍ରମେ ଏକ ମାମଲା(ନଂ-୪୨୪/୨୬) ରୁଜୁ ହୋଇଛି। ଅନ୍ୟପକ୍ଷରେ ପୁଲିସ ମଦ ବିକ୍ରେତା ତାଳପଦା ଗାଁର ମନୋଜ କୁମାର ବେହେରାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଘଟଣା ଦିନ ମନୋଜ ଏକ ଅଟୋରେ ବିଦେଶୀ ମଦ ବୋଝେଇ କରି ତାଙ୍କ ଘରକୁ ନେଉଥିଲେ। କୌଣସି ସୂତ୍ରରୁ ଖବର ପାଇବା ପରେ ଆଇଆଇସି ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶରେ ପୁଲିସ ସଦଳବଳେ ଚଢ଼ଉ କରି ମନୋଜକୁ ଧରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତ ମନୋଜ ନିକଟରୁ ୨ ହଜାର ଟଙ୍କା ଜବତ ହୋଇଥିବା ପୁଲିସ ସୂତ୍ରରୁ ଜଣାଯାଇଛି। ଚୋରା ମଦ ବେପାରୀ ମନୋଜକୁ ଧରିବା ପାଇଁ ପୁଲିସ ବହୁ ଦିନରୁ ଜାଲ ବିଛେଇଥିଲା।

## ସାପ କାମୁଡ଼ାରେ ମହିଳା ମୃତ

ଧୂଷୁରୀ, ୬।୧୦ (ସମିସ): ଧୂଷୁରୀ ଏନ୍‌ଏସି ଅନ୍ତର୍ଗତ ଓଲଟପୁର ଗାଁରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଓଲଟପୁର ଗାଁର ରବୀନ୍ଦ୍ର ଚୁହାଣଙ୍କ ପତ୍ନୀ ପ୍ରମିଳା ଚୁହାଣ (୫୯)। ସୂଚନାନୁଯାୟୀ, ମଙ୍ଗଳବାର ଭୋର୍ ପ୍ରାୟ ୫ଟା ୩୦ରେ ପ୍ରମିଳାଙ୍କୁ ଘର ଭିତରେ ଏକ ସାପ କାମୁଡ଼ିଥିଲା। ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ତୁରନ୍ତ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ତେବେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରମିଳାଙ୍କ ମୃତ୍ୟୁ ସାପ କାମୁଡ଼ାରେ ହୋଇଥିବା ଜଣାପଡ଼ିବା ପରେ ଘର ଭିତରେ ଥିବା ସାପକୁ ଧରିବା ପାଇଁ ସାପ ଧରାଳି ସେକ୍ ମିର୍ଜାଙ୍କୁ ଡକାଯାଇଥିଲା। ମିର୍ଜା ଘର ଭିତରୁ ଏକ ନାଗ ସାପ ଧରିଥିଲେ। ଘଟଣା ସମ୍ପର୍କରେ ଧୂଷୁରୀ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ଓଲଟପୁର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।



## ଛାତ୍ର ନିର୍ବାଚନ ସ୍ୱଚ୍ଛ ଓ ନିରପେକ୍ଷ ଦାବି

### କଲେଜ ଅଧ୍ୟକ୍ଷଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ



ଦୋବଲ,୬।୧୦(ସମିସ): ଦୀର୍ଘ ବ୍ୟବଧାନ ପରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଗୁଲ୍ ବାଜିବା ପରେ ଧାମନଗରରେ ରାଜନୈତିକ ଦଳଗୁଡ଼ିକର ସଜବାଜ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଧାମନଗର ବିଜେଡିର ଏକ ପ୍ରତିନିଧି ଦଳ ଧାମନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ବେଜଙ୍କୁ ଭେଟି ଛାତ୍ର ନିର୍ବାଚନ ପରିଚାଳନା ସମ୍ପର୍କରେ ଆଲୋଚନା କରିଛି। ନିର୍ବାଚନକୁ ଧାର୍ଯ୍ୟ ନିୟମାବଳୀ ଓ ନିର୍ଦ୍ଦେଶନାମା ଅନୁସାରେ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବାକୁ ପ୍ରତିନିଧି ଦଳ ଦାବି କରିଛି। ଏଥିସହ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର ସୁରକ୍ଷିତ ରଖିବା ସହ ନିର୍ବାଚନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବାକୁ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। କଲେଜ କର୍ତ୍ତୃପକ୍ଷ ନିର୍ବାଚନ ସମ୍ପର୍କିତ ସମସ୍ତ ନିୟମ ଓ ନିର୍ଦ୍ଦେଶନାମା ପାଳନ କରି ନିର୍ବାଚନ ପରିଚାଳନା କରିବେ ବୋଲି ଯୁବ ବିଜେଡି ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଏହି ସାକ୍ଷାତ୍ ବେଳେ ସମିତିସଭ୍ୟ ଭାରତବିଜୟ ଦଳାଇ, ପ୍ରକାଶ ବେହେରା, ବ୍ଲକ୍ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ସତ୍ୟପ୍ରକାଶ ନାୟକ, ଜ୍ଞାନରଞ୍ଜନ ମହାକୁଡ଼, ମୀନକେତନ ସାହୁଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଡେପୁଟି କଲେକ୍ଟର ଦେବବ୍ରତଙ୍କୁ ଧାମନଗର ଏନ୍‌ଏସିର ଅତିରିକ୍ତ ଦାୟିତ୍ୱ

ଧାମନଗର,୬।୧୦(ସମିସ): ଧାମନଗର ଏନ୍‌ଏସିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ନିଲମ୍ବିତ ହୋଇଥିବାବେଳେ ତାଙ୍କ ସ୍ଥାନରେ ଭଦ୍ରକ ଡେପୁଟି କଲେକ୍ଟର ଦେବବ୍ରତ ମହାପାତ୍ରଙ୍କୁ ଏନ୍‌ଏସିର ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା) ପକ୍ଷରୁ ଗତ ୩ ତାରିଖରେ ଜାରି ଆଦେଶ (ପତ୍ର ସଂଖ୍ୟା ୩୧୮) ଅନୁଯାୟୀ, ଏହି ପଦକ୍ଷେପ ନିଆଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଏହି ଆଦେଶ ଜାରି କରିଛନ୍ତି। ଆଦେଶ ଅନୁଯାୟୀ, ଶ୍ରୀ ମହାପାତ୍ର ତୁରନ୍ତ ଦାୟିତ୍ୱ ଗ୍ରହଣ କରିବେ। ନିଜର ବର୍ତ୍ତମାନ ଦାୟିତ୍ୱ ସହ ଧାମନଗର ଏନ୍‌ଏସି ଇଓଙ୍କ ସମସ୍ତ କାର୍ଯ୍ୟଭାର ତୁଲାଇବେ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ବୋଲି ସୂଚନା ରହିଛି। ଏପଟେ ଧାମନଗର ବିଜୁ ଜନତା ଦଳ ଏହି ନିଲମ୍ବନକୁ ସ୍ୱାଗତ କରିଛି। ଧାମନଗର ଏନ୍‌ଏସି ଅଞ୍ଚଳବାସୀଙ୍କ ଦାବି ଓ ପ୍ରତିବାଦର ସ୍ୱର ଶେଷରେ ସଫଳ ହୋଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଧାମନଗର ଅଞ୍ଚଳର ବୁଦ୍ଧିଜୀବୀ ଓ ସମସ୍ତ ଜନସାଧାରଣ ଏନ୍‌ଏସିର ନୂତନ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଶ୍ରୀ ମହାପାତ୍ରଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

## ଶୌଚାଳୟ ପ୍ରତି ଦୃଷ୍ଟି ଦେଉନାହିଁ ବ୍ଲକ୍ ପ୍ରଶାସନ




ଭଣ୍ଡାରିପୋଖରୀ,୬।୧୦(ସମିସ): ଗତ ସରକାରଙ୍କ ‘୫-ଟି’ ଯୋଜନାରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନିର୍ମିତ ହୋଇଥିବା ସର୍ବସାଧାରଣ ଶୌଚାଳୟର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଏହା ଅପରିଷ୍କାର ଅପରିଚ୍ଛନ୍ନ ହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି। ଜଳ ଯୋଗାଣ ମଧ୍ୟ ନିରବଚ୍ଛିନ୍ନ ହୋଇପାରୁ ନ ଥିବା ଜଣାଯାଇଛି। ଏ ଦିଗରେ ଡାକ୍ତରଖାନା କର୍ତ୍ତୃପକ୍ଷ କିମ୍ବା ସ୍ୱଚ୍ଛତା ହିଁ ସେବା ପାଳନ କରୁଥିବା ବ୍ଲକ୍ ଜଳ ପରିମଳ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଚାନ୍ଦବାଲିରେ ବରିଷ୍ଠ ନାଗରିକ ସଂଘର ସମ୍ମିଳନୀ

# ସ୍ୱାସ୍ଥ୍ୟ, ଟ୍ରାଫିକ୍, ଡିଜେ ସାଉଣ୍ଡ ଓ ଅପରାଧ ନିୟନ୍ତ୍ରଣ ଦାବି




ଚାନ୍ଦବାଲି,୬।୧୦(ସମିସ): ଚାନ୍ଦବାଲିରେ ବିଭିନ୍ନ ଜନସମସ୍ୟାକୁ ନେଇ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ସୁଧାର, ଟ୍ରାଫିକ୍ ସମସ୍ୟାର ସମାଧାନ, ଡିଜେ ସାଉଣ୍ଡ ବନ୍ଦ କରିବା ସହ ବାରମ୍ବାର ବଢୁଥିବା ଚୋରି ଓ ଡକାୟତି ଭଳି ଅପରାଧ ଉପରେ ରୋକ୍ ଲଗାଇବାକୁ ଦାବି କରିଛି ସଂଘ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପ୍ରଶାସନ ଓ ପୁଲିସର ଦୃଷ୍ଟି ଆକର୍ଷଣ କରିଛନ୍ତି ବରିଷ୍ଠ ନାଗରିକ ସଂଘ। ବିଶେଷକରି ଚାନ୍ଦବାଲିର ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବରିଷ୍ଠ ନାଗରିକମାନେ। ଚାନ୍ଦବାଲିରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଆଡ଼କୁ ଗତି କରୁଛି। ଦିନକୁ ଦିନ ଚାନ୍ଦବାଲିରେ ଚୋରି ଓ ଡକାୟତି ବଢ଼ିବାରେ ଲାଗିଛି। ଗୋଟିଏ ମାସ ପୂର୍ବରୁ ସଦର ଚାନ୍ଦବାଲିରେ ବରିଷ୍ଠ ନାଗରିକ ପ୍ରମୋଦ ତ୍ରିପାଠୀଙ୍କ ଘରେ ତାଙ୍କ ପତ୍ନୀଙ୍କୁ ହାତଗୋଡ଼ ବାନ୍ଧି ଦୁର୍ବୃତ୍ତମାନେ ଘରୁ ଲୁଟ୍ କରିଥିଲେ। ସେହିପରି ଚନ୍ଦନପୁରରେ ତାରିଣୀ ମନ୍ଦିର, ବରେହିଁପୁରରେ ହନୁମାନ ମନ୍ଦିର, ବିନୀତରା ସାଇ ମନ୍ଦିର ଚୋରି ପରେ ମଧ୍ୟ ଗୋଟିଏ ଘଟଣାର ଟେର୍ ପାଉନି ପୁଲିସ। ଅନ୍ୟପଟେ ଚାନ୍ଦବାଲି ମେଡିକାଲରେ ଆବଶ୍ୟକ ଚିକିତ୍ସା ସୁବିଧା ଓ ସେବାକୁ ଅଧିକ ସୁଦୃଢ଼ କରିବା ସହ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନାହାନ୍ତି ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ। ବରିଷ୍ଠ ନାଗରିକମାନଙ୍କ ପାଇଁ ମେଡିକାଲ ଓ ବ୍ୟାଙ୍କ ପରି ଜନଗହଳି ସ୍ଥାନରେ ସ୍ୱତନ୍ତ୍ର ଧାଡ଼ି ଓ କକ୍ଷ ପାଇଁ ପ୍ରଶାସନ ଦୃଷ୍ଟିଦେବାକୁ ଦାବି କରିଛି ସଂଘ। ସେହିପରି ଚାନ୍ଦବାଲି ସହରରେ ବଢୁଥିବା ଟ୍ରାଫିକ୍ ସମସ୍ୟା ଉପରେ ମଧ୍ୟ ଉଠିଛି ପ୍ରଶ୍ନ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ, ଅବ୍ୟବସ୍ଥିତ ଯାନବାହନ ଚଳାଚଳ ଉପରେ ନିୟନ୍ତ୍ରଣ ଓ ଲୋକଙ୍କ ଯାତାୟାତକୁ ସୁଗମ କରିବାକୁ ଦାବି କରାଯାଇଛି। ଅନ୍ୟପଟେ ଡିଜେର ଅତ୍ୟଧିକ ଶବ୍ଦ ଯୋଗୁଁ ବରିଷ୍ଠ ନାଗରିକଙ୍କ ସମେତ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଦାବି କରି ଡିଜେ ଉପରେ ରୋକ୍ ଲଗାଇବାକୁ ବରିଷ୍ଠ ନାଗରିକ ସଂଘ ସଭାପତି ଅନନ୍ତ ଚରଣ ସେଠୀ, ସମ୍ପାଦକ ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ମୁରଲୀଧର ପରିଡ଼ା, ସହସମ୍ପାଦକ ସୁଦର୍ଶନ ପାଣି, କୋଷାଧ୍ୟକ୍ଷ ରାଜକିଶୋର ଦାସ, ବରିଷ୍ଠ ସଦସ୍ୟ ଗୟାଧର ଦାସ, ଅଶୋକ ବାରିକ, ଶରତ ବେହେରା ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦାବି କରିଥିଲେ।

## ଅନେକ ସ୍ମୃତିର ମୂକ ସାକ୍ଷୀ ଆରଡ଼ି ପାନ୍ଥଶାଳା

# କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି; କାର୍ଯ୍ୟକ୍ଷମ ହେଉନାହିଁ

ଆରଡ଼ି,୬।୧୦(ସମିସ)



ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣି ଧାମ, ଆରଡ଼ିରେ ୧୯୮୫ ମସିହାରେ ଆଗନ୍ତୁକ ଭକ୍ତଙ୍କ ନିମନ୍ତେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ପାନ୍ଥଶାଳା ପହଣା ମୌଜାରେ ପ୍ରାୟ ୨ ଏକରରୁ ଊର୍ଦ୍ଧ୍ୱ ଜାଗାରେ ନିର୍ମାଣ କରାଯାଇଥିଲା। ଏହି ପାନ୍ଥଶାଳା ନିର୍ମାଣ ସରିବା ପରେ ସେତେବେଳେ ଏହାର ଆକର୍ଷଣ ବହୁତ ରହିଥିଲା। ଆରଡ଼ିକୁ ଯେଉଁ ନେତା, ମନ୍ତ୍ରୀ ଓ ବଡ଼ ବଡ଼ ଅଧିକାରୀମାନେ ଆସୁଥିଲେ ସମସ୍ତେ ଏଠାରେ ରହୁଥିଲେ। ବହୁ ବିବାହ, ରାଜନୈତିକ ବୈଠକ ମଧ୍ୟ ଏହିଠାରେ ହେଉଥିଲା। ଆବଶ୍ୟକୀୟ କର୍ମଚାରୀ ସହିତ ଖୁବ୍ ଉଚ୍ଚକୋଟିର ଏହି ପାନ୍ଥଶାଳା ଭଦ୍ରକ ଜିଲ୍ଲାରେ ସୁନାମ ଅର୍ଜନ କରିଥିଲା। କାଳକ୍ରମେ ଏହା ଭାଙ୍ଗି ଗଲା। ପରେ ପୂର୍ବ ବିଜେଡି ସରକାର ଅମଳରେ ୨୦୧୯ ମସିହା ମାର୍ଚ୍ଚ ମାସରେ ପ୍ରାୟ ୨ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ ଦେବା ପରେ ଏହାକୁ ସମ୍ପୂର୍ଣ୍ଣ ଭାଙ୍ଗି ଏକ ନୂତନ ପାନ୍ଥଶାଳା ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ନୂତନ ଆଇନ ଅନୁସାରେ ଏହା ଘରୋଇକରଣ ହେବା ପରେ ସରକାର ଯେଉଁ ଦର ଧାର୍ଯ୍ୟ କଲେ କେହି ବ୍ୟକ୍ତି ବିଶେଷ ନିର୍ଦ୍ଧାରିତ ଦରରେ ଏହାକୁ ଠିକ୍‌ରେ ନେଲେ ନାହିଁ। ଫଳରେ ଏହା ପଡ଼ିରହିଲା। ଭାରତୀୟ ଜନତା ପାର୍ଟି ସରକାରକୁ ଆସିବା ପରେ ଏହାର ଆନୁସଙ୍ଗିକ ଉପକରଣ ଓ ପାଚେରି ସହିତ ମୁଖଶାଳା ନିମନ୍ତେ ଆହୁରି ୨ କୋଟି ୫ ଲକ୍ଷ ଟଙ୍କା ଅନୁଦାନ ଦେଲେ ସୁଦ୍ଧା ତାହା ବର୍ତ୍ତମାନ ପର୍ଯ୍ୟନ୍ତ କାମ ସରିପାରିଲା ନାହିଁ କି ବ୍ୟବହାର ଉପଯୋଗୀ ହୋଇପାରିଲା ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା, ଏହି ପାନ୍ଥଶାଳାକୁ ଭଲ ରାସ୍ତାଟିଏ ମଧ୍ୟ ନାହିଁ। ଦୀର୍ଘ ୮ ବର୍ଷ ଧରି ଏହି ପାନ୍ଥଶାଳା ବନ୍ଦ ରହିଥିବାରୁ ନାନା ଅସନ୍ତୋଷ ତେଜିବାରେ ଲାଗିଛି।

ସରକାର ପରିବର୍ତ୍ତନ ଏକ ନିରନ୍ତର ପ୍ରକ୍ରିୟା ହୋଇପାରେ, କିନ୍ତୁ ବିକାଶ ଅଟକିବା ଆଦୌ ଉଚିତ୍ ନୁହେଁ। ବାବା ଆଖଣ୍ଡଳମଣିଙ୍କ ମୁଖଶାଳା ନିକଟରେ ଥିବା ଏହି ପାନ୍ଥଶାଳା କେବେ ପଚାରି ବୁଝିନି କାହିଁକି ତା’ର ନାଁ ହୋଇଛି ପାନ୍ଥଶାଳା କିନ୍ତୁ ଏତିକି ଜାଣିଛି ସେ କେତେ ଲୋକଙ୍କର ହୋଇଛି ଅଦିନିଆ ଦେଖୋଚାହାଁ। ଅତୀତରେ ଏତେ ସୁନାମ ଅର୍ଜନ କରିଥିବା ଏହି ପାନ୍ଥଶାଳା କେବେ ପୁଣି ଫେରିପାଇବ ତା’ର ପୂର୍ବ ଗର୍ବ ଓ ଗୌରବ ତାହାକୁ ନେଇ ଅଞ୍ଚଳବାସୀ ଓ ଭକ୍ତଙ୍କ ମହଲରେ ଚିନ୍ତା ପ୍ରକଟ ହୋଇଛି। ସରକାର ଯଥାଶୀଘ୍ର ଏହି ପ୍ରକଳ୍ପର କାମ ସାରି ସାଧାରଣ ଲୋକଙ୍କ ନିମନ୍ତେ ଖୋଲିବା ପାଇଁ ଦାବି ହେଉଛି।

**ରାସନ କାର୍ଡ ପାଇଁ ୩ ବର୍ଷ ହେଲା ହିତାଧିକାରୀ ନିରାଶ**

# ଯୋଗାଣ ନିରୀକ୍ଷକଙ୍କୁ ଘେରିଲେ ମହିଳା



ବାସୁଦେବପୁର,୬ା୧୦(ସମିସ): ବାସୁଦେବପୁର ବ୍ଲକ୍ କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଯୋଗାଣ ଅଧିକାରୀଙ୍କ ପର୍ଯ୍ୟନ୍ତ ପକେଟ୍ ଗରମ ନ କଲେ ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରି କେତେବେଳେ ଲୋକ କନିଷ୍ଠ ଯନ୍ତ୍ରୀଙ୍କୁ ଘେରି ହୋ-ହଲ୍ଲା କଲେଣି ତ କେତେବେଳେ ଯୋଗାଣ ଅଧିକାରୀଙ୍କ ଚେୟାର ସହିତ ଘୋଷାରିଲେଣି। ଅଧିକାରୀଙ୍କ ଲାଞ୍ଚଖୋର୍ ମନୋଭାବ ଯୋଗୁଁ ସରକାରଙ୍କ ଜନକଲ୍ୟାଣ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚିବା ପରିବର୍ତ୍ତେ ବାଟବଣା ହେବାକୁ ବସିଛି। ବର୍ଷ ବର୍ଷ ଧରି ପାଉନାହୁଁ ରାସନ କାର୍ଡ। ଦୌଡ଼ି ଦୌଡ଼ି ହାଲିଆ ହେଲୁଣି। ଯିଏ ଟଙ୍କା ଦେଉଛି, ତାକୁ ମିଳୁଛି ରାସନ କାର୍ଡ। ଆମେ ଗରିବ ଲୋକ କେତେଥର ଆଉ ଦୌଡ଼ିବୁ। ଏମିତି କିଛି କହି ବାସୁଦେବପୁର ବ୍ଲକ୍ ଯୋଗାଣ ନିରୀକ୍ଷିକାଙ୍କୁ ଘେରିଛନ୍ତି ମହିଳାମାନେ। ଅନ୍‌ଲାଇନ୍ ଆଳ ଦେଖାଇ ଫେରାଇ ଦେଉଛନ୍ତି ସାଧାରଣ ଲୋକଙ୍କୁ। ଫଳରେ ଏଥିରେ ଉତ୍ୟକ୍ତ ହୋଇ ଛଡ଼ାଇ ଆଣିଛନ୍ତି ଗଦାଗଦା କାଗଜପତ୍ର।

ବାସୁଦେବପୁର ବ୍ଲକ୍‌ର ଷଷ୍ଠ ବୈଠକରେ ରାସନ କାର୍ଡ ନେଇ ହଟ୍ଟଗୋଳ ଆରମ୍ଭ ହୋଇଥିଲା। ଆର୍ଡୁଁ ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ ଆଣିଥିଲେ ଅଭିଯୋଗ। ନୂତନ କାର୍ଡ ପିଛା ୨ହଜାର ଟଙ୍କା ନିରୀକ୍ଷକଙ୍କ ଏଜେଣ୍ଟମାନଙ୍କ ଦ୍ୱାରା ଆଦାୟ କରି ପ୍ରାୟ ୧୦ ହଜାର ୫୨୧ ଜାଲ୍ ରାସନ କାର୍ଡ ପ୍ରସ୍ତୁତ କରିଛନ୍ତି ବୋଲି ସରପଞ୍ଚମାନେ ଅଭିଯୋଗ କରି ପାଟିତୁଣ୍ଡ କରିଥିଲେ। ବିଧାୟକ ରାସନ କାର୍ଡ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରିଥିଲେ। ବିଧାୟକଙ୍କ କଥା ଭାଷଣରେ ସୀମିତ ରହିଲା। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଘେରୁଛନ୍ତି ଶହଶହ ମହିଳା ପୁରୁଷ। କିଏ ପରିବାର ସଦସ୍ୟଙ୍କୁ ଯୋଗକରିବେ ତ କାହାର ନୂତନ ରାସନ କାର୍ଡ ହେବ। ଅନ୍‌ଲାଇନ୍‌ରେ ଆବେଦନ କରିବାର ବର୍ଷ ବର୍ଷ ବିତିଯାଇଥିଲେ ମଧ ନାଲି ଫାଇଲ୍ ତଳେ ଆବେଦନ ଫର୍ମ ଚାପି ହୋଇଯାଇଛି। ଫଳରେ ମହିଳା ଆବେଦନକାରୀମାନେ ଆଜି ତାତିଥିଲେ। ଆଉ ମଧସ୍ଥି କାରବାର ଚଳିବ ନାହିଁ, କାମ କର ନଚେତ୍ ଗାଦି ଛାଡ଼ ବୋଲି ଏମିତି କିଛି କଥା କହି ମହିଳାମାନେ ଯୋଗାଣ ନିରୀକ୍ଷିକାଙ୍କୁ ଚେୟାରକୁ ଘୋଷାଡ଼ି ଆଣିଥିଲେ। ପାଖରେ ଥିବା କର୍ମଚାରୀଙ୍କ ଚେୟାରରେ ଖୋଦ୍ ବସି ପଡ଼ିଥିଲେ। ଖବର ପାଇ ବାସୁଦେବପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ କାର୍ଡ ନ ଦେଲେ ଉଠିବୁ ନାହିଁ ବୋଲି ଜିଦ୍ ଧରିଥିଲେ। ବହୁ ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## କୋରୁଆ ଗାଁରେ ମାତିଛନ୍ତି ଲୁଟେରା



**ସୁନା, ରୁପା ଗହଣା ଓ ନଗଦ ଟଙ୍କା ଲୁଟ୍**

**୩ ଦୋକାନରୁ ଚୋରି**

ଅସୁରାଳି,୬ା୧୦(ସମିସ): ଧୂଷୁରୀ ଥାନା ଅନ୍ତର୍ଗତ କୋରୁଆ ଗାଁରେ ଦୁର୍ବୃତ୍ତଙ୍କ ଉତ୍ପାତ ଦେଖିବାକୁ ମିଳିଛି। ଗ୍ରାମର ରାଜାରାଣୀ ବେହେରାଙ୍କ ଘରର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ବିପୁଳ ପରିମାଣର ସୁନା, ରୁପା ଗହଣା ଏବଂ ନଗଦ ଟଙ୍କା ଲୁଟି ନେଇଥିବାବେଳେ, ପାଖରେ ଥିବା ଅନ୍ୟ ୩ଟି ଦୋକାନରୁ ମଧ୍ୟ ସାମଗ୍ରୀ ଚୋରି କରିଛନ୍ତି। ଏ ନେଇ ଧୂଷୁରୀ ଥାନାରେ ଏକ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସକାଳେ ପରିବାର ଲୋକେ ଦେଖିବାକୁ ପାଇଥିଲେ ଯେ ଘରର ବାହାର କବାଟ ଭଙ୍ଗାଯାଇଛି। ଘର ଭିତରକୁ ଯାଇ ଦେଖିଲା ବେଳକୁ ବାକ୍ସ, ଆଲମାରି ଓ ଟ୍ରଙ୍କ ଭଙ୍ଗାଯାଇ ସେଥିରେ ଥିବା ସମସ୍ତ ସୁନା ଓ ରୁପା ଅଳଙ୍କାର ଲୁଟ୍ ହୋଇଥିଲା। ଲୁଟ୍ ହୋଇଥିବା ସାମଗ୍ରୀଗୁଡ଼ିକ ମଧ୍ୟରେ ୧ଟି ସୁନା ଚୁଡ଼ି, ୨ ଯୋଡ଼ା ସୁନା କାନଫୁଲ, ୧ଟି ସୁନା ମୁଦି, ୧ଟି ସୁନା ମଙ୍ଗଳ ସୂତ୍ର, ସୁନା ହାର ୧ଟି, ୧ଟି ସୁନା ଲୁକେଟ୍, ୨ହଳ ରୁପା ପାଉଁଜି, ୨ଟି ରୁପା ବ୍ରେସ୍‌ଲେଟ୍ ଏବଂ ନଗଦ ୪୦ ହଜାର ଟଙ୍କା ଚୋରି ହୋଇଛି। କେବଳ ଏହି ଘର ନୁହେଁ, ଦୁର୍ବୃତ୍ତମାନେ ପାଖରେ ଥିବା ଇନ୍ଦୁମତୀ ମଲ୍ଲିକ, ମୁକ୍ତିକାନ୍ତ ସାହୁ ଏବଂ ପ୍ରଶାନ୍ତ ବେହେରାଙ୍କ ଦୋକାନ ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛନ୍ତି। ଅଭିଯୋଗ ପାଇବା ପରେ ଧୂଷୁରୀ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ମା' ଆସିବେ ବୋଲି ହସୁଛି କାଶତଣ୍ଡୀ



ବାରିକପୁର,୬ା୧୦(ସମିସ): ଆଉ ଦିନ କେତଟା ପରେ ଧରାପୃଷ୍ଠକୁ ଆସିବେ ଦଶଭୁଜା ମା' ଦୁର୍ଗା। ଏଥିପାଇଁ ଭଣ୍ଡାରିପୋଖରୀ ବଜାର ସାର୍ବଜନନୀ ଦୁର୍ଗାପୂଜା କମିଟି ସମେତ ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଆରମ୍ଭ ହୋଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ପାର୍ଶ୍ୱ ଦେବଦେବୀ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ଲକ୍‌ର ପ୍ରସିଦ୍ଧ ତଥା ସର୍ବପୁରାତନ ନିର୍ଗୁଣ୍ଡି, ବଡ଼ଦାଣ୍ଡ, କୁଣ୍ଡସାହି, ନାଗପାଳ ପୂଜା କମିଟି ପକ୍ଷରୁ ଶିଳ୍ପୀମାନେ ମୂର୍ତ୍ତି ନିର୍ମାଣରେ ଲାଗିପଡ଼ିଛନ୍ତି। ସେଇଭଳି ସରସଦା ସାର୍ବଜନନୀ ଦୁର୍ଗାପୂଜା କମିଟି, ମଞ୍ଜୁରୀରୋଡ୍, ପାଟୁଳୀ, ଜୋରାଗଡ଼ିଆ, ଡଗରପଡ଼ା ପ୍ରମୁଖ ସ୍ଥାନରେ ମଧ୍ୟ ପାର୍ବଣ ପାଇଁ ପୀଠ ପ୍ରସ୍ତୁତ ହେଉଛି। ଯଦିଓ ଚଳିତ ବର୍ଷ ଟିକିଏ ବିଳମ୍ବରେ ସିଂହବାହିନୀ ଧରାବତରଣ କରୁଛନ୍ତି ତଥାପି ଗାଁ ଗୋହିରୀଠାରୁ ଆରମ୍ଭ କରି ସହର ବଜାର ରାସ୍ତା ପାର୍ଶ୍ୱ ଯାଏଁ ସବୁଠି କାଶତଣ୍ଡୀ ଫୁଲ ହସୁଛି। ସତେଯେମିତି ଲାଗୁଛି ମା'ଙ୍କୁ ସ୍ୱାଗତ ଜଣାଇବା ପାଇଁ ଶୁଭ୍ର ଶୋଭିତ ଧରା ଅପେକ୍ଷା କରିଛି। ପାର୍ବଣକୁ ଲଘୁଚାପ ଭୟ ରହିଥିବା ସତ୍ତ୍ୱେ ସିଂହବାହିନୀଙ୍କ ଆଗମନ ପାଇଁ ସମସ୍ତେ ଭାବ ଉଦ୍ଦୀପନାର ସହିତ ଅପେକ୍ଷା କରିଥିବା ବିଭିନ୍ନ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

**ମନ୍ତେଇରେ ଦୁଇ ସେତୁ ପାଇଁ ଜମି କିଣା**

# ୪୧.୪୪ ଲକ୍ଷର ସଂଶୋଧିତ ଅଟକଳ ମଞ୍ଜୁର

ଭଦ୍ରକ,୬ା୧୦(ସମିସ): ମନ୍ତେଇ ନଦୀ ଉପରେ ଦୁଇଟି ନୂତନ ଉଚ୍ଚସ୍ତରୀୟ ସେତୁ ନିର୍ମାଣ ନେଇ ଜମି କିଣା ପ୍ରକ୍ରିୟା ଆଗକୁ ବଢ଼ିଛି। ଏଥିପାଇଁ ପୂର୍ତ୍ତ ବିଭାଗ ୪୧ ଲକ୍ଷ ୪୪ ହଜାର ୯୨୮ ଟଙ୍କାର ସଂଶୋଧିତ ଜମି ଅଧିଗ୍ରହଣ ଅଟକଳ ଅନୁମୋଦନ କରିଛି। ପୂର୍ବରୁ ମଞ୍ଜୁର ହୋଇଥିବା ଅର୍ଥକୁ ବାଦ୍ ଦେଇ ଆଉ ୨୪ ଲକ୍ଷ ୨୬ ହଜାର ୯୯୫ ଟଙ୍କା ତୁରନ୍ତ ମଞ୍ଜୁର କରିବାକୁ ନିର୍ଦ୍ଦେଶ ହୋଇଛି। କେରାସାହି-ବାଲିଆପାଳ ଘାଟ ରାସ୍ତାର ୭/୮୦୦ କିମିର ବାଲିଆପାଳ ଘାଟ ଏବଂ କାମାରଗାଁ-ବାଲିମେଳା ରାସ୍ତାର ୧୬/୬୦୦ କିମିର ଚାରବାଟିଆ ଘାଟଠାରେ ମନ୍ତେଇ ନଦୀ ଉପରେ ଇପିସି ମୋଡ୍‌ରେ ଦୁଇଟି ସେତୁ ନିର୍ମାଣ ହେବ। ଏଥିପାଇଁ ମୋଟ ୨.୪୦୪୭ ଏକର ଘରୋଇ ଜମି ସିଧାସଳଖ କିଣାଯିବ। ଏଥିରେ ଚାନ୍ଦବାଲି ତହସିଲ୍‌ର

**ବାକି ୨୪.୨୭ ଲକ୍ଷ ତୁରନ୍ତ ଦିଆଯିବ**

ବାଲିଆପାଳ ଗ୍ରାମର ୧.୬୮୫୦ ଏକର ଓ ବାସୁଦେବପୁର ତହସିଲ୍‌ର ଚାରବାଟିଆ ଗ୍ରାମର ୦.୭୧୯୭ ଏକର ଜମି ରହିଛି। ବାଲିଆପାଳ ଜମି ପାଇଁ ୨୦୨୫ ଫେବୃଆରୀ ୧୦ରେ ୧୭ ଲକ୍ଷ ୧୭ ହଜାର ୯୩୩ ଟଙ୍କା ମଞ୍ଜୁର ହୋଇଥିଲା। ପରେ ଅଟକଳ ସଂଶୋଧନ ହୋଇ ୪୧ ଲକ୍ଷ ୪୪ ହଜାର ୯୨୮ ଟଙ୍କାରେ ପହଞ୍ଚିଛି। ଜମି କ୍ରୟରେ ସ୍ୱଚ୍ଛତା ପାଇଁ ସରକାର କଡ଼ା ନିୟମ ଲାଗୁ କରିଛନ୍ତି। ହରିଜନ/ଆଦିବାସୀ ଜମି ମାଲିକଙ୍କଠାରୁ ଜମି କିଣାବେଳେ ବିଶେଷ ସାବଧାନତା, ଜମି ମାଲିକ ଓ ସାକ୍ଷୀଙ୍କ ସ୍ୱାକ୍ଷର ସହ ଆଲୋଚନା ବିବରଣୀ ସଂରକ୍ଷଣ ଏବଂ ଆଲୋଚନା ତାରିଖରୁ କ୍ରୟ ତାରିଖ ପର୍ଯ୍ୟନ୍ତ ମୂଳ ମୂଲ୍ୟ ଉପରେ ବାର୍ଷିକ ୧୨% ଅତିରିକ୍ତ ବଜାର ମୂଲ୍ୟ ଦିଆଯିବ। ପୁରୁଣା ନିର୍ମାଣ ଭାଙ୍ଗିବା ପୂର୍ବରୁ ଫଟୋଗ୍ରାଫ୍ ମଧ୍ୟ ସଂରକ୍ଷିତ ରହିବ।

## ବାଇକ୍‌ରୁ ପଡ଼ି ବ୍ୟବସାୟୀ ମୃତ

ବନ୍ତ/ଆଗରପଡ଼ା,୬ା୧୦(ସମିସ): ସୋମବାର ଆଗରପଡ଼ା ଅନ୍ତର୍ଗତ ପୁରୁଷଣ୍ଡ ଗ୍ରାମର ବ୍ୟବସାୟୀ ରଞ୍ଜିତ୍ ସାହୁ (୫୬) ନିଜ ବ୍ୟାବସାୟିକ କାମ ସାରି ବିଦ୍ୟାଧରପୁର ଡିଭିଜନ ସୋସୋ ବ୍ରାଞ୍ଚ କେନାଲ ରାସ୍ତାରେ ବାଇକ୍‌ରେ ଫେରୁଥିବାବେଳେ ପୁରୁଷଣ୍ଡ ନିକଟସ୍ଥ ଗଣେଶ ଫଲ୍ ନିକଟରେ ହଠାତ୍ ଗାଡ଼ିରୁ ପଡ଼ିଯାଇଥିଲେ। ନିକଟସ୍ଥ ବିଲରେ କାମ କରୁଥିବା ଲୋକ ଏବଂ ଉକ୍ତ ବାଇକ୍ ଚାଳକ ତାଙ୍କୁ ତୁରନ୍ତ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ମାଆ, ସ୍ତ୍ରୀ, ପୁତ୍ର ଏବଂ କନ୍ୟା ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ଦୁର୍ଘଟଣା; ୪ ଆହତ

ଦୋଳସାହି,୬ା୧୦(ସମିସ): ତିହିଡ଼ି ଥାନା ଅଞ୍ଚଳରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୪ଜଣ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଭଦ୍ରକ-ଚାନ୍ଦବାଲି ରାଜପଥର ଅଲ୍ଲିନଗର ବଜାରଠାରେ ଭଦ୍ରକ ଅଭିମୁଖେ ୨ଟି ବାଇକ୍ ଯାଉଥିବାବେଳେ ପଛରେ ଥିବା ଜଣେ ବାଇକ୍ ଚାଳକ ଦ୍ରୁତଗତିରେ ଆସି ଅନ୍ୟ ଏକ ବାଇକ୍‌ରେ ଯାଉଥିବା ୩ ଜଣଙ୍କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଆହତ ୪ଜଣଙ୍କୁ ପ୍ରଥମେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଆମ୍ବୁଲାନ୍ସରେ ପଠାଯାଇଛି। ତେବେ ଦୁର୍ଘଟଣାରେ ଆହତଙ୍କ ପରିଚୟ ମିଳିନାହିଁ।

**ସାହାସପୁରରେ ବନ୍ୟା ରିଲିଫ୍ ବଣ୍ଟନରେ ଅନିୟମିତତା ଅଭିଯୋଗ**

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଅସୁରାଳି,୬ା୧୦(ସମିସ): ଧାମନଗର ବ୍ଲକ୍ ସାହାସପୁର ପଞ୍ଚାୟତରେ ବନ୍ୟା ରିଲିଫ୍ ବଣ୍ଟନ ସମୟରେ ବ୍ୟାପକ ଅନିୟମିତତା ଓ ସରକାରୀ କର୍ମଚାରୀଙ୍କ ଅନୁପସ୍ଥିତିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସାହାସପୁର ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସୁବିଚାର ଓ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ବନ୍ୟା ପାଇଁ ସରକାରଙ୍କ ତରଫରୁ ସାହାସପୁର ପଞ୍ଚାୟତକୁ ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଏହି ବଣ୍ଟନ କାର୍ଯ୍ୟର ତଦାରଖ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ଦାସଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଦୁଃଖର ବିଷୟ, ରିଲିଫ୍ ଚାଉଳ ବଣ୍ଟନ ପାଇଁ ଡିଲର ନିଯୁକ୍ତି ହୋଇଥିଲେ ମଧ୍ୟ ପଞ୍ଚାୟତରେ ସ୍ଥିରୀକୃତ ୪ଟି ବଣ୍ଟନ ସ୍ଥାନ ଓ ରିଟେଲରଙ୍କୁ ବାଦ୍ ଦିଆଯାଇଥିଲା। ଧାମନଗର ବିଡିଓଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସାହାସପୁର କମ୍ୟୁନିଟି ସେଣ୍ଟରରେ ରିଲିଫ୍ ଦିଆ ନ ଯାଇ, କେତେକ ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ବେଆଇନ ଭାବେ ଅନ୍ୟଜଣଙ୍କ ଘରେ ଚାଉଳ ବଣ୍ଟନ କରାଯାଇଥିଲା। ଏହାବ୍ୟତୀତ, ସରକାରଙ୍କ ନିର୍ଦ୍ଦେଶ ମୁତାବକ ବୟସ୍କ ପ୍ରତି ୭ କେଜି ଓ ସାନପିଲାଙ୍କ ପାଇଁ ୩.୫୦୦ କେଜି ଚାଉଳ ଦିଆଯିବା କଥା। କିନ୍ତୁ କୌଣସି କାରଣ ନ ଥାଇ ବୟସ୍କଙ୍କୁ ମାତ୍ର ୧ କେଜି ଲେଖାଏଁ ଚାଉଳ ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀମାନେ ଏ ନେଇ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ସେ ସନ୍ତୋଷଜନକ ଉତ୍ତର ନ ଦେଇ "ଡିଲର ଓ ନୋଡାଲ ଅଫିସର ରହିବାର କୌଣସି ଆବଶ୍ୟକତା ନାହିଁ ବୋଲି ରୋକ୍‌ଠୋକ୍ ଜଣାଇଥିଲେ। ପରେ ଗ୍ରାମବାସୀମାନେ ନୋଡାଲ ଅଫିସର ତଥା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ। ଏସବୁ ଅନିୟମିତତାକୁ ନେଇ ଅସନ୍ତୁଷ୍ଟ ଗ୍ରାମବାସୀମାନେ ତୁରନ୍ତ ଏହି ରିଲିଫ୍ ବଣ୍ଟନରେ ତଦନ୍ତ କରି ଦୃଢ଼ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଅମୂଲ୍ୟ ସାହାନ୍ତ, ବିଜୟ ସାହୁ, ରାଜେନ୍ଦ୍ର ପଲାଇ, ଖଗେଶ୍ୱର ଖଟୁଆ, ବାସୁଦେବ ସାମଲ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।

## ୨ ମାସ ହେଲା ମିଳିନି ରିଲିଫ୍

ବାରିକପୁର,୬ା୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବୈତରଣୀ ନଦୀରେ ଗତ ଜୁଲାଇ ୨୭ ତାରିଖ ଦିନ ପ୍ରଥମ ବନ୍ୟା ଆସିଥିଲା। ଏହା ପରେ ସରକାର ବନ୍ୟା ଦୁର୍ଗତଙ୍କୁ ୭ ଦିନର ରିଲିଫ୍ ଘୋଷଣା କରିଥିଲେ। ପରିତାପର ବିଷୟ ପ୍ରଥମ ବନ୍ୟାକୁ ଦୁଇ ମାସ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଲୋକଙ୍କୁ ଏଯାଏଁ ରିଲିଫ୍ ବାବଦ ଚାଉଳ ମିଳିନାହିଁ। ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏମିତି ଅଭିଯୋଗ ହୋଇଛି ବ୍ଲକ୍‌ର ବାଲିପୋଖରୀ ପଞ୍ଚାୟତଠାରେ। ଅଭିଯୋଗ ମୁତାବକ, ପଞ୍ଚାୟତ ଅଧୀନସ୍ଥ ୮, ୯, ୧୦, ୧୧ ଓ ୧୨ ନମ୍ବର ୱାର୍ଡ ବାସିନ୍ଦା ଏଯାଏଁ ରିଲିଫ୍‌ରୁ ବଞ୍ଚିତ ରହିଛନ୍ତି। ପ୍ରଶାସନ ପକ୍ଷରୁ ରିଲିଫ୍ ଯୋଗାଇ ଦିଆଯିବା ସତ୍ତ୍ୱେ ବଣ୍ଟନ ରିଟେଲର ଏଯାଏଁ ଜନସାଧାରଣଙ୍କୁ ଚାଉଳ ଦେଉନାହିଁ। ଏନେଇ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀ ଓ ବିଡିଓଙ୍କୁ ଅବଗତ କରାଯାଇଛି। ଦୁଃଖର ବିଷୟ ପ୍ରଶାସନିକ ଅଧିକାରୀମାନେ ଏନେଇ ନିରବଦ୍ରଷ୍ଟା ସାଜିଛନ୍ତି। ତେଣୁ ଏହା ଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଗନ ବିହାରୀ ସେଠୀ ଦାବି କରିଛନ୍ତି।

## 'ବିକଶିତ ଭାରତ ନିର୍ମାଣରେ ଯୁବ ସମାଜର ଭୂମିକା' ଶୀର୍ଷକ ଆଲୋଚନାଚକ୍ର



ଅସୁରାଳି,୬ା୧୦(ସମିସ): ମା' ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିକଶିତ ଭାରତ ନିର୍ମାଣରେ ଯୁବ ସମାଜର ଭୂମିକା ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ରାଉତ ଏହାର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅତିଥି ଭାବେ ବରିଷ୍ଠ ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଭାତ ଧଳ, ଅଧ୍ୟାପକ କାଳନ୍ଦୀ ଚରଣ ସାହୁ, ଅଧ୍ୟାପିକା ରଚନା ଦାଶ, ପି. ତନୟା, ସ୍ୱାବଲମ୍ବୀ ଭାରତ ଅଭିଯାନ ବାଲେଶ୍ୱର ବିଭାଗର ପୂର୍ଣ୍ଣକାଳୀନ ପ୍ରଶିକ୍ଷକ ଗୌତମ ସାହୁ, ଭଦ୍ରକ ଜିଲ୍ଲା ସମନ୍ୱୟକ ଦୀପକ କୁମାର ବାରିକ ପ୍ରମୁଖ ଯୋଗଦେଇ ବିକଶିତ ତଥା ସ୍ୱାବଲମ୍ବୀ ଭାରତ ନିର୍ମାଣ ପାଇଁ ଯୁବ ସମାଜ ଆଗଭର ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ବିକଶିତ ଭାରତ ଉପରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ର ଆକାଶ ସାହୁ, ଛାତ୍ରୀ ମଧୁସ୍ମିତା ସୁତାର, ସ୍ୱପ୍ନାରାଣୀ ପରିଡ଼ା ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ଶଶିକାନ୍ତ ମହାପାତ୍ର, ନବଘନ ସାହୁ, ଅଧ୍ୟାପିକା ମନୋରମା ନାୟକ, ଅପର୍ଣ୍ଣା ପଣ୍ଡା, ଚିତ୍ତରଞ୍ଜନ ପରିଡ଼ା, ପରେଶ ରାଉତ, ପ୍ରଶାନ୍ତ ବେହେରା, ଶଙ୍କର୍ଷଣ ଖଟୁଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ।

# ଦିବ୍ୟାଙ୍ଗଙ୍କ ସମସ୍ୟା ସମାଧାନ ନେଇ ବିଡିଓଙ୍କୁ ଦାବିପତ୍ର

ଦୋବଲ,୬ା୧୦(ସମିସ): ଧାମନଗର ବ୍ଲକ୍ ଅଧୀନରେ ବସବାସ କରୁଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ମୌଳିକ ସମସ୍ୟାର ସମାଧାନ ଓ ଅଧିକାର ସୁନିଶ୍ଚିତ କରିବା ଦାବିରେ ଓଡ଼ିଶା ବିକଳାଙ୍ଗ ମଞ୍ଚ ପକ୍ଷରୁ ଧାମନଗର ବିଡିଓଙ୍କୁ ସୋମବାର ଦିନ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଦିବ୍ୟାଙ୍ଗମାନେ ଦୀର୍ଘଦିନ ଧରି ସରକାରୀ ସେବା ପ୍ରାପ୍ତି, ଯାତାୟାତ, ସାମାଜିକ ସୁରକ୍ଷା ଓ ଜୀବିକା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବ୍ଲକ୍ ଅଧୀନରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ-ଉପଯୋଗୀ ରାମ୍ପ୍ ଓ ହ୍ୟାଣ୍ଡରେଲ୍ ସହ ସୁଗମ ଶୌଚାଳୟ ନିର୍ମାଣ କରିବାକୁ ଦାବି ହୋଇଛି। ସେହିପରି ବ୍ଲକ୍ ଓ ପଞ୍ଚାୟତସ୍ତରରେ ଗଠିତ ବିଭିନ୍ନ କମିଟିରେ ଦିବ୍ୟାଙ୍ଗ ପ୍ରତିନିଧିଙ୍କୁ ସାମିଲ୍ କରିବା, ବିକାଶମୂଳକ ଯୋଜନା ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ ଯଥାଯଥ ଭାବେ ସାମିଲ କରିବାକୁ ମଞ୍ଚ ଦାବି କରିଛି। ଏଥିସହ ପଞ୍ଚାୟତକୁ ଆସୁଥିବା ବିଭିନ୍ନ ଉନ୍ନୟନମୂଳକ ପାଣ୍ଠିରୁ ନିୟମାନୁଯାୟୀ, ଦିବ୍ୟାଙ୍ଗମାନଙ୍କ କଲ୍ୟାଣ, ସଶକ୍ତୀକରଣ, ସୁଗମ୍ୟତା ଓ ଜୀବିକା ବିକାଶ ପାଇଁ ୫ ପ୍ରତିଶତ ଅର୍ଥ ବ୍ୟବସ୍ଥା କରିବା ସହ ଗ୍ରାମସଭାରେ ଦିବ୍ୟାଙ୍ଗମାନଙ୍କ ସମସ୍ୟା ଉପରେ ନିୟମିତ ଆଲୋଚନା କରିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଶା ବିକଳାଙ୍ଗ ମଞ୍ଚର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗମାନଙ୍କ ଅଧିକାର, ସମ୍ମାନ, ସୁରକ୍ଷା ଓ ସମାନ ଅଂଶଗ୍ରହଣ ସୁନିଶ୍ଚିତ କରିବା ଦିଗରେ ପ୍ରଶାସନ ତୁରନ୍ତ



ପଦକ୍ଷେପ ନେବାକୁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିରେ ସଭାପତି ସୁଶାନ୍ତ ନାୟକ, ସମ୍ପାଦକ ହରମୋହନ ପତି, କୋଷାଧ୍ୟକ୍ଷ ଉମାକାନ୍ତ ସାହୁ, ଉପସଭାପତି ବିଜୟ ଜେନା, ସହ ସମ୍ପାଦକ ମନୀନ୍ଦ୍ର ବେହେରା, ସୁଧାକର ସାହୁ, ସୁବାସ ସେଠୀ, ସସ୍ମିତା ପଣ୍ଡା ସମେତ ବହୁ ଦିବ୍ୟାଙ୍ଗ ଯୋଗଦେଇଥିଲେ।

## ବକେୟା ଗୋ-ଖାଦ୍ୟ ବଣ୍ଟନ

ବାରିକପୁର,୬ା୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ରେ ବନ୍ୟା ପ୍ରଭାବିତଙ୍କୁ କିଛି ପଞ୍ଚାୟତରେ ଗୋଖାଦ୍ୟ ପ୍ରଦାନ ପାଇଁ ଦାବି ହୋଇଥିଲା। ଦାବି ମୁତାବକ ମଙ୍ଗଳବାର ବ୍ଲକ୍ କାର୍ଯ୍ୟାଳୟଠାରେ ଗୋଖାଦ୍ୟ ଗାଡ଼ି ପହଞ୍ଚିଥିବା ଜଣାପଡ଼ିଛି। ବ୍ଲକ୍‌ର ନିର୍ଗୁଣ୍ଡି, କୋରିଗାଁ, ବିଷ୍ଣୁପୁର, ଜଳମଣ୍ଡୁଆ, ଝୁଟଣା ଆଦି ପଞ୍ଚାୟତର ବନ୍ୟା ପ୍ରଭାବିତ ଗ୍ରାମରେ ଏହି ଗୋଖାଦ୍ୟ ବଣ୍ଟନ ହେବ ବୋଲି ଜଣାପଡ଼ିଛି। କେଉଁ ପଞ୍ଚାୟତକୁ କେତେ ପରିମାଣର ଖାଦ୍ୟ ପ୍ରଦାନ କରାଯିବ ସେନେଇ ପ୍ରଶାସନ ପକ୍ଷରୁ କିଛି ସୂଚନା ମିଳିନାହିଁ।

## ପଠାଣି ସାମନ୍ତ ବୃତ୍ତି ପରୀକ୍ଷାରେ ମନସ୍ମିତା ରାଉତ ଟପ୍ପର



ବନ୍ତ/ଆଗରପଡ଼ା,୬ା୧୦(ସମିସ): ପଠାଣି ସାମନ୍ତ ଗଣିତ ବୃତ୍ତି ପରୀକ୍ଷାରେ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ରୀ ମନସ୍ମିତା ରାଉତ ବ୍ଲକ୍ ଟପ୍ପର ହୋଇଥିବାବେଳେ ଏହି ହାଇସ୍କୁଲର ଅନ୍ୟତମ ଛାତ୍ରୀ ପ୍ରୀତିପ୍ରଜ୍ଞା ନାୟକ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ବନ୍ତ ବ୍ଲକ୍‌ରୁ ମୋଟ୍ ୬ଜଣ ଛାତ୍ରଛାତ୍ରୀ ଏହି ବୃତ୍ତି ପାଇବା ପାଇଁ କୃତକାର୍ଯ୍ୟ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନଶିକ୍ଷକ ତଥା ବିଇଓ ଇନ୍‌ଚାର୍ଜ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ଶିକ୍ଷକ ଅଜିତ୍ ରାଉଳ, ଭୀମସେନ ପାଳ, କୈଳାସ ପଣ୍ଡା, ପ୍ରମୋଦିନୀ ସାହୁ, ସାଗରିକା ମହାନ୍ତି, ରଞ୍ଜିତା ଶିଅଳ, ବନଜିନୀ ନାୟକ, ଭାଗ୍ୟଶ୍ରୀ ପଣ୍ଡା, ସୁମିତ୍ରା ନାଇକ, ସାବିତ୍ରୀ ଦାଶ, ବିଦ୍ୟୁତ୍‌ଲତା ଦାସ, ସୁଶାନ୍ତ ଜେନା, ଦୁର୍ଯ୍ୟୋଧନ ସେଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

## ୧୫୦ ଲିଟର ମଦ ଜବତ

ବାରିକପୁର,୬ା୧୦(ସମିସ): ଭଣ୍ଡାରିପୋଖରୀ ଥାନା ବାଲିପୋଖରୀ ନିକଟରୁ ୧୫୦ ଲିଟର ମଦ ଜବତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ଣରେ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଏହି ବେଆଇନ ମଦକୁ ଜବତ କରିଛି। ଜଣେ ଅଜଣା ବ୍ୟକ୍ତି ବାଇକ୍‌ରେ ମଦ ନେଇ ଯାଉଥିବାବେଳେ ପୁଲିସ ଚୋରା ବେପାରୀର ପିଛା କରିଥିଲା। ପୁଲିସକୁ ଚକ୍‌ମା ଦେଇ ବେପାରୀ ଜଣକ ମଦକୁ ବାଇକ୍‌ରୁ ଫିଙ୍ଗିଦେଇ ଫେରାର୍ ହୋଇଥିଲା। ପୁଲିସ ଏହି ଦେଶୀ ମଦକୁ ଜବତ କରି ୪୯୧/୨୬ରେ ଏକ ମାମଲା ରୁଜୁ କରିଛି। ଆଗକୁ ଦୁର୍ଗାପୂଜା ସହିତ ଅନ୍ୟାନ୍ୟ ପାର୍ବଣ ରହିଥିବାବେଳେ ଗ୍ରାମାଞ୍ଚଳରେ ଚୋରା ନିଶା କାରବାର ବୃଦ୍ଧି ହେବ ଏଥିରେ ସନ୍ଦେହ ନାହିଁ। ତେଣୁ ଅବକାରୀ ବିଭାଗ ଓ ପୁଲିସ ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ଦାବି ହୋଇଛି।

**ମତୋରେ ବିଜେଡିର ସାଂଗଠନିକ ବୈଠକ**

# ସଂଗଠନକୁ ତୃଣମୂଳସ୍ତରରେ ମଜଭୁତ କରିବା ଉପରେ ଗୁରୁତ୍ୱ

ଚାନ୍ଦବାଲି,୬ା୧୦(ସମିସ)



ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ମତୋ ପଞ୍ଚାୟତ ମତୋ କଲ୍ୟାଣୀ ମଣ୍ଡପଠାରେ ବିଜେଡି ପକ୍ଷରୁ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମତୋ ପଞ୍ଚାୟତ ବିଜେଡି ସଭାପତି ତଥା ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ ପଲାଇଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ପଞ୍ଚାୟତରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ତୃଣମୂଳସ୍ତରରେ କର୍ମୀମାନଙ୍କୁ ଏକଜୁଟ୍ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଦଳର ସାଂଗଠନିକ ସ୍ଥିତି, କର୍ମୀମାନଙ୍କ ଭୂମିକା ଏବଂ ଆଗାମୀ ଦିନରେ ସଂଗଠନକୁ ଆହୁରି ସକ୍ରିୟ କରିବା ସମ୍ପର୍କରେ ମତାମତ ଓ ଆଲୋଚନା ହୋଇଥିଲା। ଗ୍ରାମ୍ୟସ୍ତରରେ ଦଳୀୟ କର୍ମୀ ଓ ସମର୍ଥକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବା ସହ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଅବଗତ ହେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଦୀପ ପଲାଇ ମତୋ ପଞ୍ଚାୟତର ବିଜେଡି ସଭାପତି ଭାବେ ସାଂଗଠନିକ କାର୍ଯ୍ୟକୁ ଆହୁରି ସକ୍ରିୟ କରିବା ଏବଂ ପଞ୍ଚାୟତର ପ୍ରତ୍ୟେକ ଅଞ୍ଚଳରେ ଦଳୀୟ କର୍ମୀମାନଙ୍କୁ ଏକତ୍ରିତ କରି ସଂଗଠନକୁ ମଜଭୁତ କରିବା ଉପରେ ମତ ରଖିଥିଲେ। ଏଥିସହ ସରପଞ୍ଚଙ୍କ ପ୍ରତିନିଧି ଭାବେ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଓ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ସମନ୍ୱୟ ରଖିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଦଳର ବରିଷ୍ଠ କର୍ମକର୍ତ୍ତା, ପଞ୍ଚାୟତସ୍ତରୀୟ ନେତୃବୃନ୍ଦ, କର୍ମୀ ଓ ସମର୍ଥକମାନେ ଯୋଗଦେଇ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଥିଲେ। ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ସହ କର୍ମୀମାନଙ୍କ ମଧ୍ୟରେ ଏକତା ଓ ସମନ୍ୱୟ ବଜାୟ ରଖିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

## ନିଶାମୁକ୍ତ ଅଭିଯାନରେ ପଥପ୍ରାନ୍ତ ନାଟକ

ବାସୁଦେବପୁର,୬ା୧୦(ସମିସ): ନିଶାର କବଳରେ କବଳିତ ଆଜିର ଯୁବପିଢ଼ି। ବିପଥଗାମୀ ହେଉଛନ୍ତି ଯୁବଗୋଷ୍ଠୀ। ପାରିବାରିକ ହିଂସାଠାରୁ ଆରମ୍ଭ କରି ରାସ୍ତାରେ ସର୍ବାଧିକ ଦୁର୍ଘଟଣା ପଛରେ ନିଶା। ବାସୁଦେବପୁର କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଅଭିଯାନରେ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। କଳ୍ପତରୁ ଆଶ୍ରମ ପଡ଼ିଆରେ ଆୟୋଜିତ ପଥପ୍ରାନ୍ତ ନାଟକ ମଦମୁକ୍ତି, ଯୌତୁକ ଜନିତ ହିଂସା ରୋକିବାକୁ ଜନସଚେତନତା କରାଯାଇଥିଲା। କଳ୍ପତରୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକଅଧ୍ୟାପିକା ସହଯୋଗ କରିଥିଲେ। ପଥପ୍ରାନ୍ତ ନାଟକରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ସମାଜକୁ ନିଶାମୁକ୍ତ କରିବାକୁ ସଚେତନତାର ବାର୍ତ୍ତା ଦେଇଥିଲେ।



## ବିଶେଷ ଟିପ୍ପଣୀ



ଭାରତର ସୁପ୍ରିମକୋର୍ଟ କିମ୍ବା ଦୁଇଜଣ ନିର୍ବାଚନ କମିସନର କେହି ବି ଫର୍ମ-୬ର ପରିବର୍ତ୍ତନକୁ ଅନୁମୋଦନ କରିନାହାନ୍ତି। ଦୁଇଜଣ ନିର୍ବାଚନ କମିସନର ଏହି ପରିବର୍ତ୍ତନ ନେଇ ଆପତ୍ତି ଉଠାଇଥିଲେ, ଯାହା ପରବର୍ତ୍ତୀ ସମୟରେ ଫର୍ମ-୬ରୁ ହଟାଇ ଦିଆଯାଇଥିଲା। ଜ୍ଞାନେଶ କୁମାର ଉତ୍ତର ଦେବା ଆବଶ୍ୟକ ଯେ, ବିହାରରେ ଫର୍ମ-୬ରେ କରାଯାଇଥିବା ପରିବର୍ତ୍ତନ ପାଇଁ କିଏ ଅନୁମତି ଦେଇଥିଲା?

*-ଡ. ସୟିଦ ନସିର ହୁସେନ୍ (ରାଜ୍ୟସଭା ସାଂସଦ)*



ଅପରେସନ୍ ଜ୍ଞାନେଶ କୁମାର ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ତେଣୁ ନିର୍ବାଚନ ପାଇଁ ବିଜେପି ଆଗୁଆ ସିବିଆଇକୁ ପଞ୍ଜାବ ପଠାଯାଇଛି। ଏହି ଚଢଉ ଶକ୍ତିର ନୁହେଁ ବରଂ ହତାଶାର ପ୍ରମାଣ।

*-ମନିସ ଶିଶୋଦିଆ (ଆପ୍ ନେତା)*

## ଜେନ୍ Z

ଯଦି ଭାରତର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୁଖ୍ୟ ନିର୍ବାଚନ କମିସନର୍‌ଙ୍କୁ ଭେଟିବାକୁ ଚାହାଁନ୍ତି, ତେବେ ତାଙ୍କୁ ଭେଟିବା ଉଚିତ। ତାଙ୍କର ମଧ୍ୟ ଏକ ସାମ୍ବିଧାନିକ ପଦବୀ ଅଛି ଏବଂ ତାଙ୍କୁ ଯଥୋଚିତ ସମ୍ମାନ କରାଯିବା ଉଚିତ। ସର୍ବୋପରି, ଯଦି ଆପଣ ସତ୍ୟନିଷ୍ଠ, ତେବେ ଭୟ କାହିଁକି?

-ଅମରେଶ ତିୱାରୀ @AmreshTiwary9

## ଆଶୁତୋଷ ଦୀକ୍ଷିତ ହେବେ ଭାରତୀୟ ବାୟୁସେନାର ନୂତନ ମୁଖ୍ୟ

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତଙ୍କୁ ଭାରତୀୟ ବାୟୁସେନା (ଆଇଏଏଫ୍) ର ପରବର୍ତ୍ତୀ ମୁଖ୍ୟ ଭାବେ ଚୟନ କରାହୋଇଛି। ମଙ୍ଗଳବାର କେନ୍ଦ୍ର ସରକାର ଏହି ନିଷ୍ପତ୍ତି ଘୋଷଣା କରିଛନ୍ତି। ବର୍ତ୍ତମାନ ବାୟୁସେନାର ଉପମୁଖ୍ୟ ଭାବେ କାର୍ଯ୍ୟରତ ଏୟାର ମାର୍ଶାଲ ଦୀକ୍ଷିତ, ବାୟୁସେନାର ୨୯ତମ ମୁଖ୍ୟ ଭାବେ ଦାୟିତ୍ୱ



ଗ୍ରହଣ କରିବେ ଏବଂ ଏୟାର ଚିଫ୍ ମାର୍ଶାଲ ରାଙ୍କ୍ ହାସଲ କରିବେ। ସେ ବର୍ତ୍ତମାନର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହଙ୍କ ସ୍ଥାନ ନେବେ। ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହ ୨୦୨୬ ଅକ୍ଟୋବର ୩୧ରେ ଅବସର ଗ୍ରହଣ କରିବେ। ସେ ଅପରେସନ୍ ସଫେଦ ସାଗର, ଅପରେସନ୍ ରକ୍ଷକ ଏବଂ ଅପରେସନ୍ ସିନ୍ଦୂର ଭଳି ଗୁରୁତ୍ୱପୂର୍ଣ୍ଣ ସାମରିକ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହାପୂର୍ବରୁ ସେ ସେଣ୍ଟ୍ରାଲ ଏୟାର କମାଣ୍ଡର ଏୟାର ଅଫିସର କମାଣ୍ଡିଂ ଇନ୍ ଚିଫ୍ ଏବଂ ଇଣ୍ଟିଗ୍ରେଟେଡ୍ ଡିଫେନ୍ସ ଷ୍ଟାଫର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି।

## ସରିଲା ଉପନିର୍ବାଚନ: ବିଧାୟକ ହୁମାୟୁନ୍ କବୀର ଗିରଫ

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଦେଶରେ ମଙ୍ଗଳବାର ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସାମର ଲୋକସଭା ଆସନ ସମେତ ତାମିଲନାଡୁର ମଦୁରାନ୍ତକମ୍ ଓ ଧରାପୁରମ୍ ବିଧାନସଭା, ପୁଡୁଚେରୀର ଥଟାଞ୍ଚାଭାଡି ଏବଂ ପଶ୍ଚିମବଙ୍ଗର ରେଜିନଗର ଓ ନନ୍ଦୀଗ୍ରାମ ବିଧାନସଭା ଆସନରେ ଉପନିର୍ବାଚନ ହୋଇଛି। ପଶ୍ଚିମବଙ୍ଗର ରେଜିନଗର ଏବଂ ନନ୍ଦୀଗ୍ରାମ ଉପନିର୍ବାଚନ ମଣ୍ଡଳୀରେ ଭୋଟଗ୍ରହଣ ସମୟରେ ବ୍ୟାପକ ରାଜନୈତିକ ଉତ୍ତେଜନା ଦେଖାଦେଇଛି। ରେଜିନଗରରେ ପୁଲିସ ସହ ମୁହାଁମୁହିଁ ପରେ ଆମ୍ ଜନତା ଉନ୍ନୟନ ପାର୍ଟି (ଏଜେୟୁପି)ର ମୁଖ୍ୟ ତଥା ବିଧାୟକ ହୁମାୟୁନ୍ କବୀରଙ୍କୁ ଗିରଫ କରାଯାଇଛି। ଗିରଫଦାରୀ ସମୟରେ ପୁଲିସ ତାଙ୍କ ସାର୍ଟ ଧରି ଟାଣି ଟାଣି ପୁଲିସ ଭ୍ୟାନକୁ ନେଇଯାଉଥିବାର ଦେଖିବାକୁ ମିଳିଥିଲା। କବୀର ପ୍ରାର୍ଥୀ କିମ୍ବା ନିର୍ବାଚନ ଏଜେଣ୍ଟ ନଥିଲେ। ତଥାପି ସେ ଭୋଟରଙ୍କୁ ପ୍ରଭାବିତ କରିବା ଏବଂ ଉସକାଇବା ଅଭିଯୋଗ କରି ପୁଲିସ ତାଙ୍କୁ ଗିରଫ କରିଥିବା କହିଛି। ଏହା ପୂର୍ବରୁ କବୀର ପୁଲିସ ଉପରେ ଭୋଟରଙ୍କୁ ଭୟଭୀତ କରୁଥିବା ଅଭିଯୋଗ ଆଣିଥିଲେ। ଏହି ଗିରଫଦାରୀ ପ୍ରତିବାଦରେ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ଅବଦୁଲ୍ଲାହିଲ୍ କାଫି ରେଜିନଗର ଥାନା ଆଗରେ ଧାରଣା ଦେଇ ପୁନଃ ନିର୍ବାଚନ ଦାବି କରିଛନ୍ତି। ଅନ୍ୟପଟେ, ନନ୍ଦୀଗ୍ରାମରେ ମଧ୍ୟ ଭୋଟରଙ୍କୁ ଧମକ ଏବଂ ନିର୍ବାଚନୀ ଅନିୟମିତତାର ଅଭିଯୋଗ ଆସିଛି। ସେଠାରେ କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନ ପୁଲିସର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

## ହର୍ମୁଜ୍ ପଥରେ ପୁଣି ଆକ୍ରମଣ; ୧୧ ଭାରତୀୟ ନାବିକ ଆହତ

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଓମାନ ଉପକୂଳ ନିକଟସ୍ଥ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିବା ପାନାମା ପତାକାବାହୀ ବାଣିଜ୍ୟିକ ଜାହାଜ 'ଅନ୍ ପିସ୍' ଉପରେ ଆକ୍ରମଣ ହୋଇଛି। ଏହି ଜାହାଜରେ ମୋଟ ୧୯ ଜଣ କ୍ରୁ ସଦସ୍ୟ ଥିବା ବେଳେ ସେଥିମଧ୍ୟରୁ ୧୭ ଜଣ ଭାରତୀୟ ନାଗରିକ ଅଟନ୍ତି। ଆକ୍ରମଣରେ ୧୧ ଜଣ ଭାରତୀୟ ନାବିକଙ୍କ ସମେତ ମୋଟ ୧୨ ଜଣ କ୍ରୁ ସଦସ୍ୟ ଆହତ ହୋଇଛନ୍ତି। ଓମାନ କର୍ତ୍ତୃପକ୍ଷଙ୍କ ସହାୟତାରେ ଆହତ ନାବିକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସମସ୍ତଙ୍କୁ ଓମାନର ଖସାବ ଠାରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ଓମାନ ସରକାରଙ୍କ ଏହି ସହଯୋଗ ପାଇଁ ଧନ୍ୟବାଦ ଜଣାଇଛି। ଏହି ଘଟଣାକୁ ଭାରତ ବୈଦେଶିକ ମନ୍ତ୍ରଣାଳୟ ଦୃଢ଼ ନିନ୍ଦା କରିଛି। ସମୁଦ୍ର ପଥରେ ଜାହାଜଗୁଡ଼ିକ ଉପରେ ହେଉଥିବା କ୍ରମାଗତ ଆକ୍ରମଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି। ବାଣିଜ୍ୟିକ ଜାହାଜ, ନାବିକ ଏବଂ ବେସାମରିକ ଭିତ୍ତିଭୂମିକୁ ଲକ୍ଷ୍ୟ କରିବା ତୁରନ୍ତ ବନ୍ଦ କରିବାକୁ ଭାରତ ଦାବି କରିଛି।






# ଜ୍ଞାନେଶ ହଟାଅ ସ୍ଲୋଗାନରେ କମ୍ପିଲା ଦିଲ୍ଲୀ

## ପୁଲିସ ବାରିକେଡକୁ ଚକ୍‌ମା ଦେଲେ ରାହୁଲ, ପ୍ରିୟଙ୍କା

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଭୋଟ ଚୋରି ଅଭିଯୋଗରେ ନିର୍ବାଚନ ଆୟୋଗ ଅଭିମୁଖେ ଇଣ୍ଡିଆ ମହାମେଣ୍ଟର ମଙ୍ଗଳବାର ଶୋଭାଯାତ୍ରା ହୋଇଛି। ଶୋଭାଯାତ୍ରାକୁ ପୁଲିସ ଅଧାବାଟରେ ଅଟକାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆନ୍ଦୋଳନକୁ ଆକାଶବାଣୀ ଭବନ ପରିସର ମଧ୍ୟକୁ ନେଇ ନାଟକୀୟ ମୁହାଁମୁହିଁ ସ୍ଥିତି ସୃଷ୍ଟି କରିଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସଂସଦ ଭବନରୁ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ



ଅଭିମୁଖେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରାକୁ ପୁଲିସ ସଂସଦ ମାର୍ଗ ଓ ନୀତି ଆୟୋଗ ନିକଟରେ ବାରିକେଡ୍ ଲଗାଇ ଅଟକାଇଥିଲା। ପୁଲିସ ବିରୋଧୀ ଦଳର ବହୁ ସାଂସଦଙ୍କୁ ଅଟକ ରଖି ବସରେ ନେଇଥିଲା। ଅପରାହ୍ଣ ପ୍ରାୟ ୧୨.୨୦ରେ ରାହୁଲ ହଠାତ୍ ଆକାଶବାଣୀ ଭବନର ପ୍ରବେଶ ପଥ ଆଡ଼କୁ ଦୌଡ଼ି ଯାଇଥିଲେ ଏବଂ ଭିତରକୁ ପ୍ରବେଶ କରିଥିଲେ। ଏହାପରେ ପୂର୍ବରୁ ବସରେ ବସିଥିବା ପ୍ରିୟଙ୍କା ଗାନ୍ଧୀ ଭାଦ୍ରା ମଧ୍ୟ ବସରୁ ଓହ୍ଲାଇ ଆକାଶବାଣୀ ଭବନ ପରିସରରେ ତାଙ୍କ ସହ ଯୋଗ ଦେଇଥିଲେ। ଦୁଇ ନେତା ୪ ନମ୍ବର ଗେଟ୍ ନିକଟରେ ଥିବା ଏକ ଗଛ ତଳେ ଧାରଣାରେ ବସିଥିଲେ। ଏହି ସମୟରେ କଂଗ୍ରେସ ସାଧାରଣ ସମ୍ପାଦକ କେସି. ଭେଣୁଗୋପାଳ, ପବନ ଖେଡ଼ା, ଦୀପେନ୍ଦ୍ର ହୁଡ୍ଡା, ପ୍ରଣୀତି ଶିନ୍ଦେ ଏବଂ ଅନ୍ୟାନ୍ୟ ନେତାମାନେ ମଧ୍ୟ ଭିତରକୁ ଆସି ସେମାନଙ୍କ ସହ ସାମିଲ ହୋଇଥିଲେ। ନୂଆଦିଲ୍ଲୀ ଡିସିପି ସଚିନ ଶର୍ମା ଘଟଣାସ୍ଥଳରେ ପହଞ୍ଚି ନେତାମାନଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ଣ ପ୍ରାୟ ୨:୩୦ ରେ ପରିସର ଭିତରୁ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଥିଲେ, ମୁଁ ଗଣତନ୍ତ୍ରର ସୁରକ୍ଷା ପାଇଁ ଏଠାରେ ଛିଡ଼ା ହୋଇଛି।



## ସେମାନେ କେହି ରକ୍ଷା ପାଇବେ ନାହିଁ: ରାହୁଲ

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ନିର୍ବାଚନ ଆୟୋଗ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ ଚୋରି ମାଧ୍ୟମରେ ଦେଶର ଗଣତନ୍ତ୍ରକୁ ଅପହରଣ କରାଯାଇଥିବା ଭଳି ଗୁରୁତର ଅଭିଯୋଗ କରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଆରଏସଏସ ମୁଖିଆ ମୋହନ ଭାଗବତ ଏବଂ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଭୋଟ ଚୋରି ଏବଂ ଦେଶଦ୍ରୋହର ଅଭିଯୋଗ ଆଣିଛନ୍ତି। ଏହି ଭୋଟ ଚୋରିରେ ସମ୍ପୃକ୍ତ ଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ଏବଂ ସମସ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେମାନେ ଗଣତନ୍ତ୍ରର ହତ୍ୟା କରିଛନ୍ତି ଏବଂ କାର୍ଯ୍ୟାନୁଷ୍ଠାନରୁ ସେମାନେ ବର୍ତ୍ତିପାରିବେ ନାହିଁ। ଗଣତନ୍ତ୍ରର ସୁରକ୍ଷା ପାଇଁ ଏହି ସଂଗ୍ରାମ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁଲିସ ଅନେକ ବିରୋଧୀ ନେତାଙ୍କୁ ଅଟକ ରଖିଥିବା ବେଳେ ନିର୍ବାଚନ ଆୟୋଗ ବିରୋଧୀ ସାଂସଦଙ୍କୁ ସାକ୍ଷାତ ନକରିବା ନେଇ ରାହୁଲ ଗାନ୍ଧୀ ପ୍ରଶ୍ନ ଉଠାଇଛନ୍ତି।

## କଂଗ୍ରେସର 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ଅଭିଯାନ

ନୂଆଦିଲ୍ଲୀ, ୬।୧୦ (ଏଜେନ୍ସି): ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସ ଦଳ ପକ୍ଷରୁ ସାରା ଦେଶୀ ସ୍ତରୀୟ ଆନ୍ଦୋଳନର ନକ୍ସା ପ୍ରସ୍ତୁତ କରାଯାଇଛି। କଂଗ୍ରେସ ନିର୍ବାଚନ ଆୟୋଗକୁ 'ଚିଟିଂ (ଜାଲିଆତି) ଆୟୋଗ' ଆଖ୍ୟା ଦେଇ 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ସ୍ଲୋଗାନ ସହ ଆନ୍ଦୋଳନ ଡକରା ଦେଇଛି। ଦଳର ପ୍ରସ୍ତାବିତ ଯୋଜନା ଅନୁଯାୟୀ, ଅକ୍ଟୋବର ୧୦ ରୁ ୨୦ ପର୍ଯ୍ୟନ୍ତ ବ୍ଲକ୍ ସ୍ତରରେ ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ ଅଭିଯାନ ଚାଲିବ। ସାଇକେଲ୍ ଓ ବାଇକ୍ ରାଲି, ଜ୍ଞାନେଶ କୁମାରଙ୍କ କୁଶପୁତ୍ତଳିକା ଦାହ ଏବଂ ପତ୍ରିକା ବଣ୍ଟନ କରାଯିବ। ଏହାପରେ ଅକ୍ଟୋବର ୨୫ ରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ବୁଥ୍ ସ୍ତରରେ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଜନସଭା ଆୟୋଜନ ହେବ। ନଭେମ୍ବର ୧ରେ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ବିଶାଳ ରାଲି ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ୨୫ ଓ ୨୬ ରେ 'ଚଲୋ ଦିଲ୍ଲୀ' କାର୍ଯ୍ୟକ୍ରମ ଅଧୀନରେ ୬ଟି ପୃଥକ ପଦଯାତ୍ରା ବାହାରିବ। ପଦଯାତ୍ରା ନଭେମ୍ବର ୨୬ (ସମ୍ବିଧାନ ଦିବସ) ଦିନ ଦିଲ୍ଲୀରେ ଏକତ୍ରିତ ହେବେ। ସଂସଦର ଶୀତକାଳୀନ ଅଧିବେଶନରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ମଧ୍ୟ କଂଗ୍ରେସ ଲକ୍ଷ୍ୟ ରଖିଛି। ଭୋଟର ତାଲିକା ସଂଶୋଧନରେ ଅନିୟମିତତା ନେଇ ସଂସଦରୁ ନିର୍ବାଚନ ସଦନ ପର୍ଯ୍ୟନ୍ତ ଇଣ୍ଡିଆ ମେଣ୍ଟ ପକ୍ଷରୁ ଶୋଭାଯାତ୍ରା କରାଯାଇଛି। ଏଥିରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭାଦ୍ରାଙ୍କ ସମେତ ଅନେକ ନେତାଙ୍କୁ ପୁଲିସ ଅଟକ ରଖିଥିଲା।

## ବେଙ୍ଗାଲୁରୁରେ ଜାଲ୍ ଫର୍ମ ଜରିଆରେ ୫୦୦୦ ଭୋଟରଙ୍କ ନାମ କଟିଛି

ବେଙ୍ଗାଲୁରୁ,୬।୧୦(ଏଜେନ୍ସି): ବେଙ୍ଗାଲୁରୁର ଜୟନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଜାଲ୍ ଫର୍ମ-୭ ଆବେଦନ ଜରିଆରେ ୫,୬୯୮ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରୁ ହଟିଛି। ଏହି ଗୁରୁତର ଅଭିଯୋଗରେ ପୁଲିସ ଦୁଇଜଣ ବୁଥ୍ ଲେଭଲ୍ ଏଜେଣ୍ଟ (ବିଏଲ୍ଏ) ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଛି। କର୍ଣ୍ଣାଟକ ମହିଳା କଂଗ୍ରେସ ସଭାନେତ୍ରୀ ତଥା ଜୟନଗରର ପୂର୍ବତନ ବିଧାୟିକା ସୌମ୍ୟା ରେଡ୍ଡୀଙ୍କ ଅଭିଯୋଗ ଆଧାରରେ ସୋମବାର ଜୟନଗର ପୁଲିସ ଷ୍ଟେସନରେ ମାମଲା ରୁଜୁ କରାଯାଇଛି। ସୌମ୍ୟା ୨୦୨୩ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଥିଲେ। ଅଭିଯୋଗ ଅନୁଯାୟୀ, ବିଜେପି ସହ ସମ୍ପୃକ୍ତ ଦୁଇଜଣ ବିଏଲ୍ଏ ରାମକୃଷ୍ଣ ଓ ଯୋଗେଶ ଅନ୍ୟମାନଙ୍କ ସହ ମିଶି ଏହି କେଲେଙ୍କାରୀ ଭିଆଇଛନ୍ତି। ସେମାନେ ଭୋଟରମାନେ ସ୍ଥାୟୀ ଭାବେ ଅନ୍ୟତ୍ର ଚାଲିଯାଇଛନ୍ତି ବୋଲି ମିଥ୍ୟା ଦାବି କରି ବୁଥ୍ ଲେଭଲ୍ ଅଫିସର (ବିଏଲ୍ଓ)ଙ୍କ ନିକଟରେ ଫର୍ମ-୭ ଦାଖଲ କରିଥିଲେ। ଏହି ଜାଲିଆତି ମୁଖ୍ୟତଃ ଅଳ୍ପସଂଖ୍ୟକ ସମ୍ପ୍ରଦାୟର ଭୋଟର ତଥା ଭାଜପା ଓ ଏହାର ସହଯୋଗୀ ଦଳଗୁଡ଼ିକର ରାଜନୈତିକ ବିପକ୍ଷ ବର୍ଗର ଭୋଟରଙ୍କୁ ଲକ୍ଷ୍ୟ କରି କରାଯାଇଥିଲା। ନିଜସ୍ୱ ଅନୁସନ୍ଧାନରୁ ଏହି ଜାଲିଆତି ସାମ୍ନାକୁ ଆସିଥିବା ସୌମ୍ୟା ପ୍ରକାଶ କରିଛନ୍ତି।

### ୨ ବିଏଲ୍ଏଙ୍କ ବିରୋଧରେ ମାମଲା ରୁଜୁ

ଅଭିଯୋଗରେ ସି. ରମେଶ ଓ ତାଙ୍କ ପତ୍ନୀ ରୂପା ନାମକ ଦୁଇଜଣଙ୍କ ବିଷୟରେ ଉଲ୍ଲେଖ ରହିଛି। ସେମାନଙ୍କ ଅନୁମତି ବିନା ସେମାନଙ୍କ ନାମ ଓ ଭୋଟର ପରିଚୟପତ୍ରର ତଥ୍ୟ ବ୍ୟବହାର କରି ବିଏଲ୍ଓଙ୍କ ନିକଟରେ ଫର୍ମ-୭ ଆବେଦନ ଦାଖଲ କରାଯାଇଥିଲା। ଏହାସହ, ବିଏଲ୍ଓ ଲୋକେଶଙ୍କ ନିକଟରେ ଦାଖଲ କରାଯାଇଥିବା କେତେକ ଫର୍ମ-୭ ଆବେଦନରେ ଜାଲ୍ ସ୍ୱାକ୍ଷର ରହିଥିବା ମଧ୍ୟ ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ରାମକୃଷ୍ଣ, ଯୋଗେଶ ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ପୁଲିସ ସୂଚନା ଦେଇଛି।

## ତେଲେଙ୍ଗାନାରେ ବି ଜାଲିଆତି, କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ସିଇଓ

ହାଇଦ୍ରାବାଦ, ୬।୧୦ (ଏଜେନ୍ସି): ଯୋଗ୍ୟ ଭୋଟରଙ୍କ ନାଁ ଭୋଟର ତାଲିକାରୁ ବାଦ ଦେବା ଉଦ୍ଦେଶ୍ୟରେ ନିର୍ବାଚନ କମିସନଙ୍କ ଫର୍ମ-୭ର ଦୁରୁପଯୋଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ। ତେଲଙ୍ଗାନାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଏନେଇ ଅଧିକାରୀମାନଙ୍କୁ ସତର୍କ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକାରୁ କୌଣସି ନାଁ ବାଦ ଦେବା ପାଇଁ ଫର୍ମ-୭ ବ୍ୟବହାର କରାଯାଏ। ତେବେ ଏହାର ଦୁରୁପଯୋଗ କରି ଯୋଗ୍ୟ ଭୋଟରଙ୍କ ନାଁ କାଟିବା ପାଇଁ ଆବେଦନ କରାଯାଉଥିଲେ, ତାହାକୁ ଗୁରୁତ୍ୱର ସହ ନେବାକୁ ନିର୍ବାଚନ ଅଧିକାରୀଙ୍କୁ କୁହାଯାଇଛି। ସିଇଓଙ୍କ ଏହି ପଦକ୍ଷେପ ଭୋଟର ତାଲିକାର ସଠିକତା ଓ ଯୋଗ୍ୟ ମତଦାତାଙ୍କ ଅଧିକାର ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଫର୍ମ-୭ ମାଧ୍ୟମରେ ଆସୁଥିବା ନାଁ ବାଦ ଆବେଦନଗୁଡ଼ିକୁ ନିୟମ ଅନୁସାରେ ଯାଞ୍ଚ କରିବା ସହ ପ୍ରକୃତ କାରଣ ନଥିଲେ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରୁ ବାଦ ନଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟାରେ ଭୋଟର ତାଲିକାର ସଠିକତା ଅତ୍ୟନ୍ତ ଜରୁରୀ। ତେଣୁ ଭୋଟରଙ୍କ ନାଁ ବାଦ ଦେବା ସମ୍ପର୍କିତ ଆବେଦନରେ କୌଣସି ଅନିୟମିତତା କିମ୍ବା ଦୁରୁପଯୋଗ ଧରାପଡ଼ିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବାକୁ ତେଲଙ୍ଗାନା ସିଇଓଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## କକ୍ରୋଚ୍ ନେତାଙ୍କୁ ଡରାଉଛି ପୁଲିସ

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସଂସ୍ଥାପକ ଅଭିଜିତ୍ ଦୀପକେ କେନ୍ଦ୍ର ସରକାରଙ୍କ ବିରୋଧରେ ମଙ୍ଗଳବାର ଗୁରୁତର ଅଭିଯୋଗ ଆଣିଛନ୍ତି। ଏକ ଦେଶ, ଏକ ନିର୍ବାଚନ ସ୍ଲୋଗାନ ବାହାନାରେ ସରକାର 'ଗୋଟିଏ ଦେଶ, ଗୋଟିଏ ରାଜନୈତିକ ଦଳ' ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ବୋଲି ସେ ଦାବି କରିଛନ୍ତି। ଆସନ୍ତା ଅକ୍ଟୋବର ୧୦ରେ ନୂଆଦିଲ୍ଲୀର ଯନ୍ତରମନ୍ତର ଠାରେ ସିଜେପି ବିକ୍ଷୋଭ ଆହ୍ୱାନ ଦେଇଛି। ତେବେ ବିକ୍ଷୋଭରେ ଭାଗ ନନେବା ପାଇଁ ସିଜେପି କାର୍ଯ୍ୟକର୍ତ୍ତାଙ୍କୁ ଚନ୍ଦ୍ରପୁର ପୁଲିସ ନୋଟିସ୍ ଜାରି କରି ଚାପ ପକାଉଥିବା ସେ ଅଭିଯୋଗ କରିଛନ୍ତି। ଏହି ଆନ୍ଦୋଳନ ହିଂସାତ୍ମକ ହୋଇପାରେ ବୋଲି ଦର୍ଶାଇ ପୁଲିସ ଚେତାବନୀ ଦେଇଛି। ଶୋଭାଯାତ୍ରାର ଖର୍ଚ୍ଚର ଆର୍ଥିକ ହିସାବ ଏବଂ ସୋସିଆଲ ମିଡିଆ ପୋଷ୍ଟ ଉପରେ କଟକଣା ସମ୍ପର୍କରେ ପୁଲିସ ପ୍ରଶ୍ନ କରିଛି। ଏହାକୁ ନେଇ ବିକ୍ଷୋଭରେ ହିଂସା ହେବ ବୋଲି ପୁଲିସ କିପରି ଆଗୁଆ ଜାଣିଲା ବୋଲି ଅଭିଜିତ୍ ପ୍ରଶ୍ନ କରିଛନ୍ତି। ସେମାନେ ମହାତ୍ମା ଗାନ୍ଧୀ ଓ ବିଆର୍. ଆମ୍ବେଦକରଙ୍କ ଅହିଂସା ନୀତି ଆପଣେଇଥିବା ବେଳେ ପୁଲିସ କିପରି ଏହାକୁ ହିଂସାତ୍ମକ ବୋଲି ଆଖ୍ୟା ଦେଉଛି ବୋଲି ଦୀପକେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ, ସିଜେପି ସହ-ଆବାହକ ସୌରଭ ଦାସ ପ୍ରକାଶ କରିଛନ୍ତି ଯେ ଅକ୍ଟୋବର ୧୦ ବିକ୍ଷୋଭ ପୂର୍ବରୁ ସେମାନଙ୍କ ନେତାମାନଙ୍କୁ ଗିରଫ କରାଯିବାର ଆଶଙ୍କା ରହିଛି। ତଥାପି, ଯୁବସମାଜର ଭବିଷ୍ୟତ ଓ ଅଧିକାର ପାଇଁ ଏହି ସଂଗ୍ରାମ ଜାରି ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ଅକ୍ଟୋବର ୧୦ ଦିଲ୍ଲୀ ବିକ୍ଷୋଭ ପୂର୍ବରୁ ସିଜେପି କାର୍ଯ୍ୟକର୍ତ୍ତାଙ୍କୁ ପୁଲିସ ନୋଟିସ

## କମିସନ ନିରବ; ସଫେଇ ଦେଉଛି ବିଜେପି

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଦେଶବ୍ୟାପୀ ଏସ୍ଆଇଆର୍ ପ୍ରକ୍ରିୟାରେ ଭୋଟର ତାଲିକାରୁ ପ୍ରାୟ ୧୩.୩ କୋଟି ନାମ ବାଦ୍ ପଡ଼ିଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଥିବା ବେଳେ କମିସନ ସପକ୍ଷେରେ ସଫେଇ ସେଦଇଛନ୍ତି ବିଜେପି ଜାତୀୟ ପ୍ରବକ୍ତା ସୁଧାଂଶୁ ତ୍ରିବେଦୀ। ସେ କହିଛନ୍ତି ଯେ, ଏହି ସଂଖ୍ୟା ଚୂଡ଼ାନ୍ତ ଭୋଟର ବାଦ୍‌କୁ ଦର୍ଶାଉ ନାହିଁ। ସେ କହିଛନ୍ତି ଯେ, ନାମ କଟିଥିବା ଭୋଟରଙ୍କ ମଧ୍ୟରେ ୨.୮ କୋଟି ମୃତ ଭୋଟର, ୬.୩ କୋଟି ଅନ୍ୟତ୍ର ସ୍ଥାନାନ୍ତରିତ, ୧ କୋଟି ନକଲି ଏବଂ ପ୍ରାୟ ୩ କୋଟି ସନ୍ଧାନହୀନ ବ୍ୟକ୍ତି ରହିଛନ୍ତି।

## ଫ୍ରାନ୍ସରେ ଛାତ୍ରଙ୍କ ହିଂସାତ୍ମକ ଆନ୍ଦୋଳନ; ୫ ହଜାର ଗିରଫ

ପ୍ୟାରିସ୍, ୬।୧୦ (ଏଜେନ୍ସି): ଫ୍ରାନ୍ସରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର, ଶିକ୍ଷକ ଅଭାବ ଏବଂ ଭିତ୍ତିଭୂମିର ସୁଧାର ଦାବିରେ ଚାଲିଥିବା ଛାତ୍ର ଆନ୍ଦୋଳନ ଏବେ ଉଗ୍ର ଓ ହିଂସାତ୍ମକ ରୂପ ନେଇଛି। ସେପ୍ଟେମ୍ବରରୁ ପ୍ୟାରିସରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସାରା ଦେଶକୁ ବ୍ୟାପିଯାଇଛି। ଏଥିରେ ସ୍କୁଲ୍ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବ୍ୟାପକ ଭାବେ ସାମିଲ ହୋଇଛନ୍ତି। ସୁରକ୍ଷାକର୍ମୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ପରିସ୍ଥିତି ଜଟିଳ ହୋଇପଡ଼ିଛି। ଲେନ୍ସ ସହରରେ ଏକ ବିସ୍ଫୋରଣରେ ଜଣେ ୧୫ ବର୍ଷୀୟ ଛାତ୍ର ନିଜର ହାତ ହରାଇଛନ୍ତି। ଲୁହାବୁହା ଗ୍ୟାସ୍ କ୍ୟାନିଷ୍ଟର ବାଜି ୧୪ ବର୍ଷୀୟ ଏଡେନ ନାମକ ଜଣେ ଛାତ୍ରଙ୍କ ଦୁଇଟି ହାଡ଼ ଭାଙ୍ଗିଯାଇଛି। ଏହି ବିକ୍ଷୋଭରେ ୧୯୦ ଜଣ ଛାତ୍ର ଆହତ ହୋଇଛନ୍ତି। ସେହିପରି ପୁଲିସ ୫,୦୬୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୮୭ ପ୍ରତିଶତ ନାବାଳକ। ଆନ୍ଦୋଳନ ସମୟରେ ୨୪ଟି ସ୍କୁଲରେ ନିଆଁ ଲଗାଇ ଦିଆଯାଇଛି କିମ୍ବା ଭଙ୍ଗାରୁଜା କରାଯାଇଛି। ୨୦୧୦ରେ ବୃଦ୍ଧି ପାଇଥିବା ଜନ୍ମହାର ହେତୁ ସ୍କୁଲଗୁଡ଼ିକରେ ଛାତ୍ରସଂଖ୍ୟା ପ୍ରାୟ ୨.୫ ଲକ୍ଷ ବୃଦ୍ଧି ପାଇଛି। ମାତ୍ର ସେହି ତୁଳନାରେ ଶିକ୍ଷକ ସଂଖ୍ୟା



ହ୍ରାସ ପାଇଛି। ଶ୍ରେଣୀଗୃହରେ ଅତ୍ୟଧିକ ଭିଡ଼, ବିଦ୍ୟାଳୟ ଗୃହଗୁଡ଼ିକର ଜର୍ଜର ଅବସ୍ଥା ଏବଂ ଶିକ୍ଷକଙ୍କ ଘୋର ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫ୍ରାନ୍ସ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକୋର୍ନୁ ଶିକ୍ଷା କ୍ଷେତ୍ରର ସମସ୍ୟା ସମାଧାନ ପାଇଁ କିଛି ପଦକ୍ଷେପ ଘୋଷଣା କରିଛନ୍ତି। ମାତ୍ର ହିଂସାତ୍ମକ କାର୍ଯ୍ୟକଳାପ ପ୍ରତି କୌଣସି କୋହଳ ଆଭିମୁଖ୍ୟ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରମୁଖ ଛାତ୍ର ସଂଗଠନ 'ୟୁନିଅନ୍ ସିଣ୍ଡିକାଲେ ଲାଇସିଏନ୍' ଏବଂ ଶିକ୍ଷକ ସଂଗଠନଗୁଡ଼ିକ ସଙ୍ଗଠିତ ହୋଇ ସାରା ଦେଶରେ ବୃହତ୍ ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଛନ୍ତି।

## ଅସଦାଚରଣ ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ପଦୋନ୍ନତି ଅଟକିଲା

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଦିଲ୍ଲୀ ପୁଲିସର କନ୍ନଟ ପ୍ଲେସ ପୁଲିସ ଷ୍ଟେସନର ଏସଡିପିଓ ବିବେକ ଭଗତ ନିଜର ପଦୋନ୍ନତି ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିବା ପାଇଁ ଦିଲ୍ଲୀ ପୁଲିସ କମିସନରଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଅକ୍ଟୋବର ୫ରେ ତାଙ୍କୁ ଅତିରିକ୍ତ ଡିସିପି ପଦବୀକୁ ପଦୋନ୍ନତି ଦିଆଯାଇଥିଲା। ତେବେ ଜଣେ ୟୁଟ୍ୟୁବର ଏବଂ କକ୍ରୋଚ ଜନତା ପାର୍ଟି (ସିଜେପି) ଦ୍ୱାରା ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଅଣାଯାଇଛି। ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଥିବାରୁ, ସେ ନିଜେ ଏହି ପଦୋନ୍ନତି ନିର୍ଦ୍ଦେଶକୁ ସ୍ଥଗିତ ରଖିବାକୁ ସମ୍ମତି ଦେଇଛନ୍ତି। ବିବେକଙ୍କ ବିରୋଧରେ ଯନ୍ତରମନ୍ତରରେ ହୋଇଥିବା ଏକ ବିକ୍ଷୋଭ ପ୍ରଦର୍ଶନ ସମୟରେ ଜଣେ ମହିଳା ସାମ୍ବାଦିକଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆସିଥିଲା। ସିଜେପି ପକ୍ଷରୁ ଏହି ପଦୋନ୍ନତିର ସମୟକୁ ନେଇ କଠୋର ସମାଲୋଚନା କରାଯାଇଥିଲା। ତେବେ ପୁଲିସ ବିଭାଗ ଅନୁଯାୟୀ, ଏହି ପଦୋନ୍ନତି ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟା ଥିଲା। ଏଥିରେ ମୋଟ ୧୨ ଜଣ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଥିଲା। ଅନ୍ୟପଟେ, ବିବେକ ଭଗତଙ୍କ ବିରୋଧରେ ଏଆଇ ଟୁଲ ସାହାଯ୍ୟରେ ନକଲି ସିସିଟିଭି ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପ୍ରସାରିତ କରିଥିବା ଅଭିଯୋଗରେ ଦିଲ୍ଲୀ ପୁଲିସ ଜଣେ ନିଜକୁ ସ୍ୱାଧୀନ ସାମ୍ବାଦିକ ଦାବି କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିଛି।

■ ନ୍ୟୁଜିଲାଣ୍ଡ ଟୁର୍ ପାଇଁ ଭାରତୀୟ ଦଳ ଘୋଷଣା

## ୪ ବର୍ଷ ପରେ ଫେରିଲେ ଭୁବି

ମୁମ୍ବଇ, ୬ ।୧୦ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଶ୍ରେୟସ ଆୟର ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ବଜାୟ ରଖିଛନ୍ତି। ତେବେ ଚୟନ ସମିତି ଏକ ବଡ଼ ନିଷ୍ପତ୍ତିକ୍ରମେ ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ଲାଗି ଭେଟେରାନ ଦ୍ରୁତ ବୋଲର ଭୁବନେଶ୍ୱର କୁମାର (ଭୁବି)ଙ୍କୁ ଦଳରେ ସାମିଲ କରିଛି। ଫଳରେ ୩୬ ବର୍ଷୀୟ ଭୁବନେଶ୍ୱର ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବି ଶେଷଥର ଲାଗି ୨୦୨୨ ନଭେମ୍ବର ୨୨ ତାରିଖରେ ସମାନ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ଟି-୨୦ ମ୍ୟାଚ୍ ଖେଳିଥିଲେ। ତେବେ ଆଇପିଏଲ୍‌ର ଗତ ଦୁଇଟି ସିଜନରେ ୪୫ଟି ୱିକେଟ ନେଇ ଦମ୍‌ଦାର ପ୍ରଦର୍ଶନ କରିବା ପରେ ଚୟନସମିତି ତାଙ୍କୁ ଶେଷରେ ଦଳରେ ସାମିଲ କରିଛି। ଭାରତୀୟ କ୍ରିକେଟ୍ ଦଳ ଅକ୍ଟୋବର ୨୨ ତାରିଖରେ ଖ୍ରୀଷ୍ଟଚର୍ଚ୍ଚରେ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ଟି-୨୦ ମ୍ୟାଚ୍ ଖେଳିବ।

**ଘୋଷିତ ଭାରତୀୟ ଦଳ**: ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟକିପର), ବୈଭବ ସୂର୍ଯ୍ୟବଂଶୀ, ତିଲକ ବର୍ମା (ଉପ-ଅଧିନାୟକ), ଅକ୍ଷର ପଟେଲ, ଶିବଭ ଦୁବେ, ନୀତୀଶ ରେଡ୍ଡୀ, ନମନ ଧୀର, ପ୍ରିନ୍ସ ଯାଦବ, ମୟଙ୍କ ଯାଦବ, ଅର୍ଶଦୀପ୍ ସିଂହ, ଭୁବନେଶ୍ୱର କୁମାର, ବରୁଣ ଚକ୍ରବର୍ତ୍ତୀ ଓ କୁଳଦୀପ୍ ଯାଦବ।

## ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସର ହେଡ୍ କୋଚ୍

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ପୂର୍ବତନ ବିସିସିଆଇ ସଭାପତି ଏବଂ ବର୍ତ୍ତମାନ କ୍ରିକେଟ



ଆସୋସିଏସନ ଅଫ୍ ବେଙ୍ଗଲର ସଭାପତି ଥିବା ସୌରଭ ଗାଙ୍ଗୁଲିଙ୍କୁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସର ହେଡ୍ କୋଚ୍ ନିଯୁକ୍ତ କରାଯାଇଛି। ୨୦୧୯ରୁ ସେ ଏହି ଟିମ୍‌ର ଆଡଭାଇଜର ବା ଉପଦେଷ୍ଟା ଭାବେ କାମ କରିଆସୁଛନ୍ତି। ନିକଟରେ ପ୍ରିଟୋରିଆ କ୍ୟାପିଟାଲ୍ସର କୋଚ୍ ଦାୟିତ୍ୱ ନେଇ ସାଉଥଆଫ୍ରିକା ଟି-୨୦ରେ ଏହି ଟିମ୍‌କୁ ଫାଇନାଲରେ ପ୍ରବେଶ କରାଇବା ପରେ ତାଙ୍କ କୋଚିଂ ପ୍ରତିଭା ବିକଶିତ ହୋଇଛି। 'ଦିଲ୍ଲୀ ଟିମ୍ ଓ ଖେଳାଳିଙ୍କ ସହ ମୁଁ ଦୀର୍ଘଦିନ ହେବ ଅତି ନିକଟରୁ କାମ କରିଆସୁଛି। ଏହି ଟିମ୍ ମୋ ହୃଦୟରେ ସର୍ବଦା ରହିଛି ଓ ସମ୍ପର୍କ ନିବିଡ ଅଛି। ଏପରିସ୍ଥିତିରେ ମୁଁ ଦିଲ୍ଲୀ ଟିମ୍‌ର ହେଡ କୋଚ ଦାୟିତ୍ୱ ସଫଳତାର ସହ ତୁଲାଇପାରିବି ବୋଲି ଗାଙ୍ଗୁଲି କହିଛନ୍ତି।

## ୪୪ ବର୍ଷ ପରେ ଭାରତ-ଉରୁଗୁଏ ଲଢ଼େଇ



କୋଲକାତା, ୬ ।୧୦ (ଏଜେନ୍ସି): ଦୀର୍ଘ ୪୪ ବର୍ଷର ବ୍ୟବଧାନ ପରେ ଭାରତ ଓ ଉରୁଗୁଏ ଫୁଟବଲ ଦଳ ପରସ୍ପର ବିପକ୍ଷରେ ମ୍ୟାଚ୍ ଖେଳିଛନ୍ତି। ମଙ୍ଗଳବାର ସ୍ଥାନୀୟ ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଏହି ପ୍ରତୀକ୍ଷତ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିଲା। ଫିଫା ମାନ୍ୟତାର ୨୦ତମ ସ୍ଥାନରେ ରହିଥିବା ଉରୁଗୁଏ ପ୍ରଥମାର୍ଦ୍ଧ ସୁଦ୍ଧା ୨-୧ ଗୋଲ୍‌ରେ ଅଗ୍ରଣୀ ରହିଛି। ମ୍ୟାଚର ଦ୍ୱାଦଶ ମିନିଟରେ ଭାରତର ପରମବୀର ସିଂହ ଡି' ଏରିଆରେ ଫାଉଲ୍ ମାରିବାରୁ ଉରୁଗୁଏକୁ ପେନାଲ୍ଟି ମିଳିଥିଲା। ଏହାର ଭରପୁର ଫାଇଦା ଉଠାଇ ଡାରୱିନ ନୁନେଜ ବଲ୍‌କୁ ଭାରତୀୟ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ଏହାର ୧୦ ମିନିଟ ପରେ ଘରୋଇ ଭାରତୀୟ ଦଳ ଏହି ଗୋଲ୍‌ଟି ପରିଶୋଧ କରିଦେଇଥିଲା। ଭାରତୀୟ ଦଳର ଅଷ୍ଟ୍ରେଲୀୟ ବଂଶୋଦ୍ଭବ ଖେଳାଳି ର୍ୟାନ ୱିଲିୟମ୍ସ ମାରିଥିବା ଏକ ସଟ୍‌କୁ ଉରୁଗୁଏ ଗୋଲ୍‌ରକ୍ଷକ ଥିଆଗୋ କାର୍ଡୋଜ ଅଧା ଅଟକାଇ ଦେଇଥିଲେ। କିନ୍ତୁ ରିବାଉଣ୍ଡରେ ଅନିରୁଦ୍ଧ ଥାପ୍ପା ଏହାକୁ ଗୋଲ୍‌ରେ ରୂପାନ୍ତରିତ କରି ମ୍ୟାଚକୁ ୧-୧'ର ସମାନସ୍ଥିତିକୁ ଆଣିଥିଲେ। ତେବେ ୨୮ ତମ ମିନିଟରେ ମାକ୍ସି ଜାଭିଅର ଆରାଜୁଓ ଉରୁଗୁଏ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ଫୁଟବଲ ଦଳ ରବିବାର ବ୍ରାଜିଲ ବିପକ୍ଷ ଐତିହାସିକ ମ୍ୟାଚକୁ ୪-୦ ଗୋଲରେ ହାରିଯାଇଥିଲା।

### ଭାରତ ବିପକ୍ଷରେ ହୋପ୍, ରଦରଫୋର୍ଡଙ୍କ ଅର୍ଦ୍ଧଶତକ

# ପଦାର୍ପଣ ଟି-୨୦ରେ ନମନଙ୍କ ବୋଲିଂ ସଫଳତା

ଲକ୍ଷ୍ନୌ,୬।୧୦(ଏଜେନ୍ସି)

ଅଧିନାୟକ ସେ ହୋପ୍ ଓ ଅଲରାଉଣ୍ଡର ଶେରଫାନ ରଦରଫୋର୍ଡଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଆଜି ଅନୁଷ୍ଠିତ ଭାରତ ବିପକ୍ଷ ପ୍ରଥମ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୧୯.୧ ଓଭରରେ ୧୭୧ ରନ୍ କରି ଅଲଆଉଟ ହୋଇଯାଇଛି। ରଦରଫୋର୍ଡ ୩୪ ବଲ୍‌ରେ ୬ ଚୌକା ଓ ୩ ଛକା ସହ ସର୍ବାଧିକ ୫୬ ଏବଂ ହୋପ୍ ୩୭ ବଲ୍‌ରେ ୬ ଚୌକା ଓ ୨ ଛକା ସହ ୫୨ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ ଆକିଲ ହୋସେନ ୧୫ ଓ କାମିଲ ପୁରନ ୧୨ ରନ୍ କରି ଦୁଇ ଅଙ୍କରେ ପହଞ୍ଚିପାରିଥିଲେ। ଅନ୍ୟ କୌଣସି ବ୍ୟାଟର ଭାରତୀୟ ବୋଲିଂର ଉଚିତ ମୁକାବିଲା କରି ପାରି ନ ଥିଲେ। ଭାରତ ପକ୍ଷରୁ ମିଳିତଭାବେ ବୋଲରଙ୍କୁ ସଫଳତା ମିଳିଥିଲା। ବିଶେଷ କରି ଡେବ୍ୟୁଟାଣ୍ଟ ଅଫ୍ ସ୍ପିନର ନମନ ଧୀର ପଦାର୍ପଣରେ ସଫଳ ହୋଇ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷର ପଟେଲ ଓ କୁଳଦୀପ ଯାଦବଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଏହି ୩ ସ୍ପିନର ମୋଟ ୧୧.୧ ଓଭର ବୋଲି କରି ଗୋଟିଏ ମେଡେନ ସହ ୯୦ ରନ୍ ଦେଇ ୭ଟି ୱିକେଟ ଅକ୍ତିଆର କରିଥିଲେ। ଏହାର ଅର୍ଥ ଭାରତୀୟ ସ୍ପିନରଙ୍କୁ ୱେଷ୍ଟଇଣ୍ଡିଜ୍ ବ୍ୟାଟର ଉଚିତ ମୁକାବିଲା କରି ପାରି ନ ଥିଲେ। ଦଳ ପକ୍ଷରୁ ବୋଲିଂ କରିଥିବା ଅନ୍ୟ ଦୁଇ ପେସ୍ ବୋଲର ଅର୍ଶଦୀପ ସିଂହ ୩୪ ଓ ମୟଙ୍କ ଯାଦବ ୪୦ ରନ୍ ଦେଇ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।



ଜବାବରେ ପ୍ରଥମ ଓଭର ଖେଳ ଶେଷରେ ଭାରତ କୌଣସି ୱିକେଟ ନ ହରାଇ ୧୫ ରନ୍ ସଂଗ୍ରହ କରିନେଇଛି। ଅଭିଷେକ ଶର୍ମା ୫ଟି ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୧୪ ଏବଂ ସଞ୍ଜୁ ସାମସନ ୧ ରନ୍ କରି ବ୍ୟାଟିଂ କରିଥିଲେ। ଆକିଲ ହୋସେନଙ୍କ ସ୍ପିନକୁ ଦୁଇ ଭାରତୀୟ ଓପନର ପଡ଼ିଆର ଚାରିଆଡକୁ ବିରାଟ ସଟମାନ ମାରିଥିଲେ।

ଏହି ମ୍ୟାଚ୍‌ରେ ଭାରତୀୟ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏଠାରେ ଖେଳାଯାଇଥିବା ୬ଟି ଟି-୨୦ ମ୍ୟାଚରୁ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୫ଟିରେ ବିଜୟୀ ହୋଇଥିବାରୁ ଶ୍ରେୟସ ଆୟରଙ୍କ ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରାଯାଇଥିଲା। ତେବେ ବୋଲରଙ୍କ ସଫଳତା ପରେ ଏହା ପଛ ସିଟ୍‌କୁ ଚାଲିଯାଇଥିଲା। ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଖେଳିବାକୁ ସୁଯୋଗ ଦିଆଯାଇନାହିଁ। କିନ୍ତୁ ଅଲରାଉଣ୍ଡର ନମନ ଧୀରଙ୍କୁ ପଦାର୍ପଣର ସୁଯୋଗ ମିଳିଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସେ ମଧ୍ୟ ଦିନିକିଆ ଡେବ୍ୟୁ କରିଥିଲେ। ବୋଲିଂରେ ନମନ କମାଲ ଦେଖାଇଥିଲାବେଳେ ଏବେ ବ୍ୟାଟିଂକୁ ଅପେକ୍ଷା ରହିଛି। ୱେଷ୍ଟଇଣ୍ଡିଜ୍ ଦଳରେ ଆମିର ଜାଙ୍ଗୁଙ୍କୁ ଖେଳିବାର ସୁଯୋଗ ମିଳିନାହିଁ।

## ୧୦୨ତମ ଟାଇଟଲ୍ ଜିତିଲେ ଜୋକୋଭିଚ୍

ବେଜିଂ, ୬ ।୧୦ (ଏଜେନ୍ସି): ଚାଇନା ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୫ତମ ସଂସ୍କରଣରେ ନୋଭାକ ଜୋକୋଭିଚ୍ ଚାମ୍ପିଅନ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ହୋଇଥିଲା। ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ ପ୍ରଥମ ସେଟକୁ ୭-୬ (୭/୩) ଗେମରେ ଜିତିଥିଲେ। ଏହାପରେ ଦ୍ୱିତୀୟ ସେଟକୁ ମିନାଉର ୧-୦ରେ ଅଗ୍ରଣୀ ରହିଥିବାବେଳେ ଜଂଘରେ ଆଘାତଜନିତ ସମସ୍ୟା ଲାଗି ଅଧାରୁ ଓହରିଯାଇଥିଲେ। ଫଳରେ ୩୯ ବର୍ଷୀୟ ଜୋକୋଭିଚ୍‌ଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ସର୍ବିଆ ତାରକା ଜୋକୋଭିଚଙ୍କ କ୍ୟାରିୟରର ଏହା ୭ମ ଚାଇନା ଓପନ୍ ଓ ଓଭରଅଲ୍ ୧୦୨ତମ ସିଙ୍ଗଲ ଟାଇଟଲ୍ ବିଜୟ ହୋଇଛି। ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ଭାବରେ ସର୍ବାଧିକ ଟାଇଟଲ୍ ଜିତିବାରେ ଆମେରିକାର ଜିମ୍ମି କନର୍ସ (୧୦୯ଟି) ଓ ରୋଜର ଫେଡେରର (୧୦୩ଟି) ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଜୋକୋଭିଚ୍ ମଧ୍ୟ ଗତ ୨୧ ବର୍ଷ ହେବ କ୍ରମାଗତ ଭାବରେ ପ୍ରତି ସିଜନରେ ଅତିକମରେ ଗୋଟିଏ ଟାଇଟଲ୍ ଜିତିବାର ରେକର୍ଡକୁ ବଜାୟ ରଖିଛନ୍ତି।

## ଆଲ୍‌କାରାଜଙ୍କ ବାଜିମାତ୍

ଟୋକିଓ, ୬ ।୧୦ (ଏଜେନ୍ସି): ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା ଜାପାନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୫୨ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲରେ ବିଶ୍ୱର ୩ ନମ୍ବର ଖେଳାଳି ଆଲ୍‌କାରାଜ ୭-୬ (୭/୪), ୬-୪ ସେଟରେ ଚେକ୍ ଗଣରାଜ୍ୟର ଜିରି ଲେହେକାଙ୍କୁ ପରାସ୍ତ କରିଥିଲେ। ଚଳିତ ସିଜନରେ ଆଲ୍‌କାରାଜଙ୍କ ଏହା ୩ୟ ଟାଇଟଲ୍ ହୋଇଛି। ଏଥିପୂର୍ବରୁ ସେ ବର୍ଷ ଆରମ୍ଭରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତି କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କରିଥିଲେ।

### ବିସିସିଆଇ ରିଭ୍ୟୁ ମିଟିଂ ପରେ

## ନେତୃତ୍ୱରୁ ଓହରିଗଲେ ହରମନପ୍ରୀତ୍

ଗୌହାଟୀ,୬।୧୦(ଏଜେନ୍ସି): ହରମନପ୍ରୀତ କୌର ଭାରତୀୟ ମହିଳା କ୍ରିକେଟ ଦଳର ସମସ୍ତ ଫର୍ମାଟ ନେତୃତ୍ୱରୁ ଓହରିଯାଇଛନ୍ତି। ନେତୃତ୍ୱରେ ଓହରିଯାଇଥିଲେ ମଧ୍ୟ ଖେଳ ଜାରି ରଖିବେ ବୋଲି ସୋସିଆଲ ମିଡିଆରେ କରିଥିବା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ମହିଳା କ୍ରିକେଟ ଦଳର ପ୍ରଦର୍ଶନ ଉପରେ ରିଭ୍ୟୁ କରିବା ଲାଗି ଏଠାରେ ସାଧାରଣ ସମ୍ପାଦକ ଦେବଜିତ ସାଇକିଆଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହରମନପ୍ରୀତ୍‌ଙ୍କ ସହ ଉପଅଧିନାୟିକା ସ୍ମୃତି ମନ୍ଧାନା ଓ ହେଡ୍ କୋଚ୍ ଅମୋଲ ମଜୁମଦାର ଉପସ୍ଥିତ ଥିଲେ। ହରମନପ୍ରୀତ୍‌ଙ୍କୁ ନେତୃତ୍ୱରୁ ହଟାଇବା ଲାଗି ହେଉଥିବା ଦାବି ଅବସରରେ ଏହି ରିଭ୍ୟୁ ମିଟିଂ ଡକାଯାଇଥିଲା। ସେହିପରି ହେଡ୍ କୋଚ୍ ମଜୁମଦାରଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ ତାଙ୍କ ସମ୍ପର୍କରେ ମଧ୍ୟ ସବିଶେଷ ଆଲୋଚନା କରାଯାଇଥିଲା। ଏହି ବୈଠକ ଶେଷ ହେବାର କିଛି ଘଣ୍ଟା ପରେ ହରମନପ୍ରୀତ ଭାରତୀୟ କ୍ରିକେଟ ଦଳର ସମସ୍ତ ପ୍ରକାର ନେତୃତ୍ୱରେ ଓହରିଯାଇଥିଲେ।

ହରମନପ୍ରୀତଙ୍କ ଏପରି ନିଷ୍ପତ୍ତିକୁ ସର୍ବପ୍ରଥମେ ସ୍ୱାଗତ



କରିଥିଲେ ପୂର୍ବତନ ଅଲରାଉଣ୍ଡର ଡାଏନା ଏଡୁଲଜୀ। ଏହା ଏକ ଭଲ ନିଷ୍ପତ୍ତି ଓ ଭାରତୀୟ ମହିଳା କ୍ରିକେଟର ଉଜ୍ଜ୍ୱଳ ଭବିଷ୍ୟତ ଲାଗି ଏହା ଏକ ଟାଣୁଆ ପଦକ୍ଷେପ। ତାଙ୍କ ସ୍ଥାନରେ ଦଳରେ ନେତୃତ୍ୱ ଯିଏ, ନେବେ ତାଙ୍କୁ ଦଳ ଉପରେ ନିୟନ୍ତ୍ରଣ ରଖିବା ଓ ଲଢ଼େଇ କରିବା ଲାଗି ଉପଯୁକ୍ତ କମ୍ବିନେସନ ତିଆରି କରିବାରେ ପର୍ଯ୍ୟାପ୍ତ ସମୟ ମିଳିବ। କୁହାଯାଉଛି ଦୀର୍ଘଦିନ ହେଲା ହରମନପ୍ରୀତ୍‌ଙ୍କ ଡେପୁଟି ଭାବେ ଦାୟିତ୍ୱ ତୁଲାଇଆସିଥିବା ସ୍ମୃତି ମନ୍ଧାନାଙ୍କୁ ପରିବର୍ତ୍ତୀ ଅଧିନାୟିକା ମନୋନୀତ କରାଯିବ। ଅକ୍ଟୋବର ୧୬ରୁ ୬ଟି ସୀମିତ ଓଭର କ୍ରିକେଟ ଖେଳିବାକୁ ଜିମ୍ବାୱେ ଦଳ ପ୍ରଥମଥର ଭାରତ ଗସ୍ତରେ ଆସୁଛି। ଏହି ସିରିଜ୍ ଲାଗି ଖେଳାଳି ଚୟନ କରିବା ଅଳ୍ପ ସମୟ ଥିବାରୁ ଖୁବ୍ ଶୀଘ୍ର ବା ୨୪ ଘଣ୍ଟା ମଧ୍ୟରେ ଏକ ସଙ୍ଗେ ନୂଆ ଅଧିନାୟକ ଓ ଟିମ୍ ଚୟନ କରାଯିବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଜିମ୍ବାୱେ ଦଳର ଏହି ଐତିହାସିକ ଟୁର୍‌ରେ ପ୍ରଥମେ ୩ଟି ଯାକ ଟି-୨୦ ରାୟପୁରରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଅକ୍ଟୋବର ୧୬, ୧୮ ଓ ୨୦ ତାରିଖରେ ଅନୁଷ୍ଠିତ ହେବ। ସେହିପରି ଆଇସିସି ମହିଳା ଦିନିକିଆ ବିଶ୍ୱଚାମ୍ପିଅନସିପ୍‌ରେ ସାମିଲ ଥିବା ଦିନିକିଆ ମ୍ୟାଚ୍ ଗୁଡ଼ିକ ବରୋଦାରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଅକ୍ଟୋବର ୨୩, ୨୬ ଓ ୨୮ ରେ ଆୟୋଜିତ ହେବ।

## ଅଗରକରଙ୍କ କାର୍ଯ୍ୟକାଳ ଶେଷ

### ନୂତନ ଚୟନକର୍ତ୍ତା ଲାଗି ଆବେଦନ କଲା ବିସିସିଆଇ

ମୁମ୍ବଇ, ୬ ।୧୦ (ଏଜେନ୍ସି): ଭାରତୀୟ ସିନିଅର ପୁରୁଷ କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ଭାବରେ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଆନୁଷ୍ଠାନିକ ଭାବରେ ଶେଷ ହୋଇଛି। ଅଗରକର ଜୁଲାଇ ୨୦୨୩ରେ ମୁଖ୍ୟ ଚୟନକର୍ତ୍ତା ପଦବୀ ଗ୍ରହଣ କରିଥିଲେ। ରିପୋର୍ଟ ଅନୁସାରେ ଗତ ଅକ୍ଟୋବର ୪ ତାରିଖରେ ତାଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି। ଚୟନ କମିଟିରେ ଶୂନ୍ୟସ୍ଥାନ ପଡ଼ିଥିବା ଏହି ପଦବୀ ପାଇଁ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନର ଚୟନ କମିଟିରେ ପ୍ରଜ୍ଞାନ ଓଝା, ଆରପି ସିଂ, ଶିବ ସୁନ୍ଦର ଦାସ ଏବଂ ଅଜୟ ରାତ୍ରା ରହିଛନ୍ତି। ଅଗରକରଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ପ୍ରଜ୍ଞାନ ବର୍ତ୍ତମାନ ଅନ୍ତରୀଣ ମୁଖ୍ୟ ଚୟନକର୍ତ୍ତା ଦାୟିତ୍ୱ ସମ୍ଭାଳିଛନ୍ତି। ଭାରତୀୟ ଚୟନକର୍ତ୍ତା ଲାଗି ବିସିସିଆଇ ଏକାଧିକ ଯୋଗ୍ୟତା ମାନଦଣ୍ଡ ଧାର୍ଯ୍ୟ କରିଛି। ଆବେଦନକାରୀଙ୍କ ନିକଟରେ ଅତି କମରେ ୭ଟି ଟେଷ୍ଟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଥିବ। ଅଥବା ସେ ୩୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବେ। କିମ୍ବା ଅତିକମରେ ୧୦ଟି ଦିନିକିଆ ଓ ୨୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବାର ଅଭିଜ୍ଞତା ତାଙ୍କ ନିକଟରେ ରହିଥିବ। ସେହିଭଳି ଆବେଦକମାନେ ଅତି କମରେ ୫ ବର୍ଷ ପୂର୍ବରୁ ଅବସର ନେଇଥିବା ଆବଶ୍ୟକ। ପ୍ରଥମ ତିନୋଟି ବିକଳ୍ପ ମଧ୍ୟରୁ ଗୋଟିଏ ପୂରଣ କରିବାକୁ ପଡିବ, ଏବଂ ଅବସର ପରେ ୫ ବର୍ଷର କୁଲ୍-ଅଫ୍ ପିରିୟଡ୍ ବାଧ୍ୟତାମୂଳକ ରହିଛି। ଏହି ନୂତନ ଖାଲି ପଦବୀ ପାଇଁ ଆବେଦନ କରିବାର ଶେଷ ସମୟ ଅକ୍ଟୋବର ୧୪ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିଛି।

### ଜାତୀୟ ଲନ୍ ବୋଲିଂ ଚାମ୍ପିଅନସିପ୍ ୨୩ରୁ

## ସ୍ୱର୍ଣ୍ଣ ଜିତିବାକୁ ଓଡ଼ିଶାର ଆଶା

ଭୁବନେଶ୍ୱର,୬।୧୦(ସମିସ): ବଲାଙ୍ଗିରର ନବନିର୍ମିତ ଆର୍‌ଏନ୍ ସିଂହଦେଓ ଅନ୍ତର୍ଜାତୀୟ ଲନ୍‌ବଲ ଷ୍ଟାଡିୟମ୍‌ରେ ଜାତୀୟ ୧୮ ଓ ୨୫ ବର୍ଷରୁ କମ୍ ଲନ୍ ବଲ ଚାମ୍ପିଅନସିପ୍ ଆୟୋଜିତ ହେବ। ଏହି ପ୍ରତିଯୋଗିତା ଅକ୍ଟୋବର ୨୩ରୁ ଆରମ୍ଭ ହୋଇ ୨୬ରେ ଶେଷ ହେବ। ସମଗ୍ର ଦେଶରୁ ୧୮ ଟି ଲେଖାଏଁ ଟିମ୍ ଅଂଶଗ୍ରହଣ କରିବେ। ଏଥିରେ ଓଡ଼ିଶା ସ୍ୱର୍ଣ୍ଣପଦକ ଜିତିବାକୁ ଆଶା ରଖିଛି ବୋଲି ଆୟୋଜକ ଓଡ଼ିଶା ଲନ ବଲ୍ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଆଶା ପ୍ରକାଶ କରିଛନ୍ତି। ବିଶେଷକରି ଏସିଆନ ଗେମ୍ସ ଖେଳିଥିବା ରୋଶନ ସାହୁ ଓ




ରାଜେଶ୍ୱରୀ ସେଠଙ୍କଠାରୁ ସ୍ୱର୍ଣ୍ଣପଦକ ଆଶା କରାଯାଉଛି। ଟୁର୍ଣ୍ଣାମେଣ୍ଟକୁ ସଫଳ କରାଇବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂଘର ଉପସଭାପତି ମନ୍ମଥ ସିଂଦେଓ ପ୍ରକାଶ କରିଛନ୍ତି। ରାଜ୍ୟରେ ଏହି ଖେଳକୁ ଲୋକପ୍ରିୟ କରାଇବା ଲାଗି ସିନିଅର, ଏଜ୍ ଗ୍ରୁପ୍ ଏବଂ ର୍ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ କରାଯାଉଛି ବୋଲି ସମ୍ମିଳନୀରେ ଉପସ୍ଥିତ ଖୋର୍ଦ୍ଧା ସଂଘ ସମ୍ପାଦକ ସୁରେଶ ସ୍ୱାଇଁ ପ୍ରକାଶ କରିଛନ୍ତି।

## ଅଷ୍ଟ୍ରେଲିଆ 'ଏ' ର ବୃହତ୍ ବିଜୟ

ପୁଡୁଚେରୀ, ୬।୧୦ (ଏଜେନ୍ସି):
ପୁଡୁଚେରୀ,୬।୧୦(ଏଜେନ୍ସି): ନାଥାନ ମ୍ୟାକ୍‌ସ୍ୱିନୀ (୧୨୩ରନ୍)ଙ୍କ ଶତକ ଓ ମାହଲି ବିୟର୍ଡମ୍ୟାନ୍ (୪/୨୩)ଙ୍କ ଘାତକ ବୋଲିଂ ବଳରେ ଏଠାରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆ-ଏ' ୧୨୫ ରନ୍‌ରେ ଭାରତ-ଏ'କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ମ୍ୟାକସ୍ୱିନୀଙ୍କ ଶତକ ଓ ୱିଲ ସଦରଲାଣ୍ଡଙ୍କ ୭୭ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ୨୭୪ ରନ୍ କରିଥିଲା। ଜବାବରେ ଭାରତ-ଏ' ୩୧.୪ ଓଭରରେ ୧୪୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ତାରକା ଖେଳାଳିଙ୍କୁ ନେଇ ଗଠିତ ଭାରତ-ଏ' ପକ୍ଷରୁ କେବଳ ରଜତ ପାଟିଦାର ୫୩, ନିଶାନ୍ତ ସିନ୍ଧୁ ୩୧ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଋତୁରାଜ ଗାଏକ୍ୱାଡ ୧୫, ସାଇ ସୁଦର୍ଶନ ୧ ଓ ଦେବଦତ୍ତ ପାଡିକଲ ୦ ରନ୍‌ରେ ଆଉଟ ହୋଇଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ପୋଷ୍ଟର ନାମ | ଖାଲି ପଦବୀ | 31.07.2026 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| **ବିଜ୍ଞାପନ ସଂ. CRPD/SCO/2026-27/24 (ଚୁକ୍ତିଭିତ୍ତିକ ପଦବୀ)** | | | |
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଆନାଲିଟିକାଲ୍ ମାର୍କେଟିଂ ଓ କ୍ୟାମ୍ପେନ୍) | 1 | 33 | 45 |
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଡିଜିଟାଲ୍ ମାର୍କେଟିଂ) | 2 | 33 | 45 |
| କଣ୍ଟେଣ୍ଟ ସ୍ପେସିଆଲିଷ୍ଟ | 1 | 25 | 40 |
| **ବିଜ୍ଞାପନ ସଂ. CRPD/SCO/2026-27/25 (ଚୁକ୍ତିଭିତ୍ତିକ ପଦବୀ)** | | | |
| ବିକ୍ରୟ ବିଭାଗ ମୁଖ୍ୟ | 1 | 40 | 52 |
| କେନ୍ଦ୍ରୀୟ ଗବେଷଣା ଦଳ (ପ୍ରଡକ୍ଟ ଲିଡ୍) | 2 | 30 | 45 |
| ମ୍ୟାନେଜର (ବ୍ୟବସାୟିକ ପ୍ରକ୍ରିୟା) | 1 | 30 | 40 |
| ପ୍ରୋଜେକ୍ଟ ଡେଭଲପମେଣ୍ଟ ମ୍ୟାନେଜର (ଟେକ୍ନୋଲୋଜି) | 1 | 25 | 40 |
| କେନ୍ଦ୍ରୀୟ ପରିଚାଳନା ଦଳ (ସି ଓ ଟି) ସହାୟତା | 1 | 30 | 40 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ ପ୍ରୋଫାଇଲ୍ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ, ଅନଲାଇନ ଆପ୍ଲିକେସନ ଜମା ଏବଂ ଅନଲାଇନ ଆପ୍ଲିକେସନ ଫିସ୍ ଦେୟ ପାଇଁ ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ଲିଙ୍କ୍ ସହିତ ଲଗ ଇନ କରନ୍ତୁ । ଆବେଦନ ଏବଂ ଫି ପଠେଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 30.09.2026 ରୁ 21.10.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.09.2026
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

### ସାହାଣୀ କପ୍ ଆନ୍ତଃଜିଲ୍ଲା ଫୁଟବଲ ଉଦ୍‌ଯାପିତ

## ରାଉରକେଲାକୁ ହରାଇ କଟକ ଚାମ୍ପିଅନ

ଭୁବନେଶ୍ୱର,୬।୧୦(ସମିସ)

ରାଉରକେଲା ଷ୍ଟିଲ ପ୍ଲାଣ୍ଟକୁ ୨-୦ ଗୋଲରେ ହରାଇ କଟକ ଜିଲ୍ଲା ମଧ୍ୟରେ ୬୫ତମ ସିନିଅର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନ ହୋଇଛି। ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଆଜି ଖେଳାଯାଇଥିବା ଫାଇନାଲରେ କଟକ ପକ୍ଷରୁ ବାପୁନି ବିନ୍ଧାଣି ଓ ଦୀନବନ୍ଧୁ ଦାସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ଓ କ୍ରୀଡ଼ା ଏବଂ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗତା ଆୟୋଜିତ ହୋଇଥିଲା। ଏଥିରେ ଚାମ୍ପିଅନ ଦଳକୁ ସାହାଣୀ କପ୍ ସହ ଏକ ଲକ୍ଷ ଓ




ରନର୍ସ ଅପ୍ ଦଳକୁ କପ୍ ସହ ୫୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସାହାଣୀ ଟ୍ରଷ୍ଟ ପକ୍ଷରୁ ଚାମ୍ପିଅନଙ୍କୁ ୨୫ ଓ ରନର୍ସ ଅପ୍ ଟିମ୍‌କୁ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଖେଳ ଶେଷରେ ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ ପାଲ୍, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନଙ୍କ ସମେତ ଫାଓ ଏବଂ ଭୁବେନଶ୍ୱର ଆଥଲେଟିକ୍ ସଂଘ ସମ୍ପାଦକ ଏସ୍‌ଆର ପରିଜା ଅତିଥିଭାବେ ଯୋଗଦେଇଥିଲେ। ରେଫରି ଶିବଶଙ୍କର ପଣ୍ଡା ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ। ତାଙ୍କୁ ସହାୟତା ଦେଇଥିଲେ ଅରୁଣ ନାଏକ, ଉତ୍କଳମଣି ବେହେରା ଓ ପ୍ରଶାନ୍ତ ବେହେରା। ଦୁର୍ଗାମାଧବ ନାଏକ ମ୍ୟାଚ୍ କମିଶନର ଓ ସୁଜିତ ପାତ୍ର ରେଫରି ଆସେସର ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY

